

▶ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-185 ♦WEDNESDAY ♦31 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୫ ♦ବୁଧବାର ♦୩୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

### ଦୁଇ ସପ୍ତାହ ମଧ୍ୟରେ ତୃତୀୟ ଘଟଣା



**ହାଇକମିସନରଙ୍କୁ ଆଲୋଚନା ପାଇଁ ଡାକିଲା ବାଂଲାଦେଶ**

■ ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶରେ ଗତ କିଛି ସପ୍ତାହ ଧରି ଅରାଜକତା ଚଳାଇଛନ୍ତି ବିଭିନ୍ନ ଚରମପନ୍ଥୀ ସଂଗଠନ। ସେମାନଙ୍କ ଟାର୍ଗେଟରେ ରହିଛନ୍ତି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ। ଦେଶବ୍ୟାପୀ ଏହାକୁ ନେଇ ବିରୋଧ କରାଯାଉଛି। ଭାରତ ମଧ୍ୟ ଏହାର ପ୍ରତିବାଦ କଲାଣି। ଏହାସତ୍ତ୍ୱେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ହେଉଛି ଏହାର ଆଉ ଏକ ପ୍ରମାଣ। ହତ୍ୟାକାରୀ ଧରାପଡ଼ିଥିଲେ ମଧ୍ୟ ୟୁନୁସ ସରକାରଙ୍କ ଅପରାଗତାକୁ ନେଇ ବାଂଲା ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପରାଗତାର ସୁଯୋଗ ନେଇ ଚରମପନ୍ଥୀଙ୍କ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କଲାଣି।

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ବେଳେ ଏକ କପଡ଼ା କାରଖାନାରେ ଜଣେ ହିନ୍ଦୁ ଶ୍ରମିକଙ୍କୁ ତାଙ୍କର ଜଣେ ସହଯୋଗୀ ଗୁଳି କରି ହତ୍ୟା କରିଛି। ମୃତ ଶ୍ରମିକ ହେଉଛନ୍ତି ବଜେନ୍ଦ୍ର ବିଶ୍ୱାସ (୪୨) ଏବଂ ହତ୍ୟା ଅଭିଯୁକ୍ତ ହେଲା ନୋମାନ। ଦୁହେଁ ଏହି କାରଖାନାରେ ସିକ୍ୟୁରିଟି ଗାର୍ଡ ରୂପେ କାମ କରୁଥିଲେ। ଦୁହେଁ ଏକୁଟିଆ ବସିଥିବା ବେଳେ ନୋମାନ ତା ବନ୍ଧୁକରୁ ବଜେନ୍ଦ୍ରଙ୍କୁ ଗୁଳିମାଡ଼ କରିଥିଲା। ଡାକ୍ତରଖାନା ନିଆଯିବା ସମୟରେ ବଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନୋମାନକୁ ଗିରଫ କରିବା ସହିତ ତା ଠାରୁ ବନ୍ଧୁକ ଜବତ କରିଛି। ତେବେ ହତ୍ୟାର ▶ପୃଷ୍ଠା-୭

## ଆରାବଳୀ କ୍ଷତିଗ୍ରସ୍ତ ହେଲେ ବିଗିଡ଼ିଯିବ ଓଡ଼ିଶାର ଜଳବାୟୁ

■ ଭୁବନେଶ୍ୱର, ୩୦।୧୨ (ସମିସ): ଆରାବଳୀ ପର୍ବତମାଳାର ସଂରକ୍ଷଣକୁ ନେଇ ଏବେ ସାରାଦେଶରେ ଆରମ୍ଭ ହୋଇଛି ଆନ୍ଦୋଳନ। ଯଦିଓ ଏହାର ଖନନ ନେଇ ପୂର୍ବ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ସାମୟିକ ରହିତାଦେଶ ଦେଇଛନ୍ତି, ମାତ୍ର ଏହି ପର୍ବତମାଳା ଉପରୁ ବିପଦ ଶତପ୍ରତିଶତ ଟଳିଯାଇ ନାହିଁ। ତେଣୁ ଆରାବଳୀର ସୁରକ୍ଷାକୁ ନେଇ ଏବେ ବି ସଂଶୟ ଲାଗି ରହିଛି। ଅନ୍ୟପଟେ ଆରାବଳୀ ପର୍ବତମାଳା ସହ ଓଡ଼ିଶାର ସିଧାସଳଖ ସମ୍ପର୍କ ନ ଥିଲେ ହେଁ ଏହି ପର୍ବତମାଳା ପରୋକ୍ଷରେ ଓଡ଼ିଶାର ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ତେଣୁ ଆରାବଳୀ ପର୍ବତମାଳା କ୍ଷତିଗ୍ରସ୍ତ ହେଲେ ଓଡ଼ିଶାର ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ିଯିବାର ଆଶଙ୍କା ରହିଛି।

**ଖରାଦିନେ ସୃଷ୍ଟି ହେବ ରାଜସ୍ଥାନ ପରି ସ୍ଥିତି**

**ପଶ୍ଚିମ ଦିଗରୁ ରାଜ୍ୟକୁ ସିଧା ବହିବ ଶୁଷ୍କ ବାୟୁ**

**ଆଗକୁ ବଢ଼ିବ ନାହିଁ ବଙ୍ଗୋପସାଗର ଲଘୁଚାପ**

**ବଢ଼ିବ ବଜ୍ରପାତ, ବାରମ୍ବାର ଡରାଇବ ବନ୍ୟା**

**ଅଧିକ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲାଗି ରହିବ**

ଆରାବଳୀ ପର୍ବତମାଳା ଦକ୍ଷିଣପଶ୍ଚିମରୁ ଉତ୍ତରପୂର୍ବ ଦିଗକୁ ବ୍ୟାପିଛି। ଉତ୍ତର ଗୁଜରାଟରୁ ବାହାରି ପୂର୍ବ ରାଜସ୍ଥାନ ମଧ୍ୟ ଦେଇ ଦକ୍ଷିଣ ପଞ୍ଜାବର ପାଦଦେଶ ଯାଏଁ ଲମ୍ବିଛି। ▶ପୃଷ୍ଠା-୭



## ୨୦୨୭ ପାଇଁ ୨୦୨୬ରୁ ପ୍ରସ୍ତୁତି

### ୩ ଦଳ ପାଇଁ ଆହ୍ୱାନ

## କଳି-କନ୍ଦଳ-ସଙ୍ଗଠନ

■ ଭୁବନେଶ୍ୱର, ୩୦।୧୨ (ସମିସ): ରାଜ୍ୟ ରାଜନୀତି ବେଶ୍ ଘଟଣାବହୁଳ ରହିଛି ୨୦୨୫। ରାଜନୈତିକ ଛକାପଞ୍ଝା, ପତିଆରା ଲଢ଼େଇ, ଆଭ୍ୟନ୍ତରୀଣ କନ୍ଦଳ ଚା' କପ୍‌ର ଝଡ଼ ପରି ବିଭିନ୍ନ ରାଜନୈତିକ ଦଳରେ ସାମୟିକ କମ୍ପନ ସୃଷ୍ଟି କରିଛି। କଥିତ ଶୃଙ୍ଖଳାର ବେଡି ଅସନ୍ତୋଷକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ମାତ୍ର ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟର ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଭିନ୍ନଭିନ୍ନ ଆହ୍ୱାନ ନେଇ ଆସୁଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତିନିଦଳ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ନିଜ ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଚଳିତ ବର୍ଷ ଆରମ୍ଭ କରିଥିବା ଯୋଜନା ୨୦୨୬ରେ କାର୍ଯ୍ୟାନ୍ୱୟନ ସମୟରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ଓ ଏହା ହିଁ ତିନି ଦଳର ବାସ୍ତବ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।



୨୦୨୪ରେ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଓ ୨୦୨୫ରେ ନୂଆପଡ଼ା ଉପ ନିର୍ବାଚନରେ ବୃହତ୍ ବିଜୟକୁ ନେଇ ବିଜେପି ବେଶ ଉତ୍ସାହିତ ଅଛି। ଏବେଠାରୁ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛି। ବିଭିନ୍ନ ଜିଲ୍ଲାରେ ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆମଦାନୀ କରି ବିଜେପି ନେତାମାନେ ଦଳରେ ମିଶାଉଛନ୍ତି। ଦଳର ସାଂଗଠନିକ ଶକ୍ତିକୁ ବହୁଗୁଣା କରିବାକୁ ନେତା ଆମଦାନୀ ଉପରେ ବିଜେପି ଗୁରୁତ୍ୱ ଦେଉଛି। ତେବେ ବିଜେପିର ଏହି ରାଜନୈତିକ ଗୋଟି ଚାଳନା ଦଳର ତୃଣମୂଳସ୍ତରରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ପୁରୁଣା କର୍ମୀ ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି, ନୂଆ ନେତାମାନେ ମଧ୍ୟ ପୁରୁଣା କର୍ମୀ ଓ ନେତାଙ୍କ ସହ ମିଶି ପାରୁନାହାନ୍ତି। ଫଳରେ ବିଜେପିରେ ନୂଆ-ପୁରୁଣାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରିପାରେ ▶ପୃଷ୍ଠା-୭

### ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

## ମହାପ୍ରଭୁ ଶୋଇବେ ମାତ୍ର ୩ ଘଣ୍ଟା



**୧୧ଟା ସୁଦ୍ଧା ପହୁଡ଼, ୨ଟାରେ ଦ୍ୱାରଫିଟା**

■ ପୁରୀ, ୩୦।୧୨ (ସମିସ): ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ ହୋମ୍‌ଗୁଡିକ ପୂରା ପ୍ୟାକ୍। ବୁଧବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ କରି ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୬କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ମହାପ୍ରଭୁଙ୍କୁ ଅଧା ▶ପୃଷ୍ଠା-୭





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଭିତ୍ତିକ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଘଣ୍ଟିତ ଲେବର୍ ଚାର୍ଜେସ୍ ଭିତ୍ତିକ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 9078083803 • Sundergarh RM BAJAJ 9078083500 • Bolangir: URBASI BAJAJ 7381052046 • Bhawanipatna: KALINGA AUTO SERVICE 8763863692 • Jharsuguda: UTKAL BAJAJ 9337200356

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୭୮୧- ଆମେରିକାରେ ପ୍ରଥମ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା' ଖୋଲିଲା।
- ୧୯୨୯ - ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାହୋରରେ ପୂର୍ଣ୍ଣ ସ୍ୱରାଜ ପାଇଁ ସଂକଳ୍ପ ନେଲେ।
- ୧୯୬୪- ଇଣ୍ଡୋନେସିଆ ଜାତିସଂଘରୁ ବହିଷ୍କୃତ।
- ୧୯୯୯ - ଆଫଗାନିସ୍ତାନର କାନ୍ଦାହର ବିମାନ ବନ୍ଦରରେ ଅପହୃତ ଭାରତୀୟ ବିମାନ ସହ ୧୯୦ ଯାତ୍ରୀ ମୁକ୍ତ।
- ୨୦୦୪- ବୁଏନସ୍ ଆଇରିସସ୍‌ର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୧୭୫ ଲୋକଙ୍କ ପ୍ରାଣହାନି।



## 'ଟକ୍ସିକ୍'ରେ ହୁମାଙ୍କ କିଲର୍ ଲୁକ୍

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍'କୁ ନେଇ ଅନେକ ଦିନରୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି। ଏଥିପାଇଁ ଫିଲ୍ମ ନିର୍ମାତା ମଝିରେ ମଝିରେ ଏସମ୍ପର୍କିତ ଅପଡେଟ୍ ସେୟାର୍ କରୁଛନ୍ତି। କିଛି ଦିନ ପୂର୍ବରୁ ଏଥିରେ କିଆରା ଆଡଭାନୀଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏଥିରେ ହୁମା କ୍ୟୁରେସିଙ୍କ ଲୁକ୍ ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମ ନିର୍ମାତା ତାଙ୍କ ଲୁକ୍ ସେୟାର୍ କରିଛନ୍ତି। କଳାରଙ୍ଗର ଏକ ଗାଡ଼ି ପାଖରେ ହୁମା ଏକ ମଡର୍ଣ୍ଣ ଗାଉନ୍ ପିନ୍ଧି ଠିଆ ହୋଇଥିବାର ଦେଖାଯାଇଛନ୍ତି। ତାଙ୍କ ପଛପଟରେ ଏକ ପରି ମୂର୍ତ୍ତି ସହ କବରସ୍ଥାନ ଦେଖାଯାଉଛି। ଏହା ଦେଖିବାକୁ ବେଶ୍ ଭୟାନକ ଲାଗୁଛି। ହୁମାଙ୍କ ଲୁକ୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି- 'ପ୍ରସ୍ତୁତ କରୁଛୁ 'ଟକ୍ସିକ୍: ଫ୍ୟାରି ଟେଲସ୍ ଫର୍ ଗ୍ରୋନ୍‌ଅପ୍ସ'ରେ ଏଲିଜାବେଥ୍‌ଙ୍କ ଭୂମିକାରେ ହୁମା କ୍ୟୁରେସି।' ହୁମାଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେଉଛି। ଗୀତୁ ମୋହନଦାସ 'ଟକ୍ସିକ୍'ର ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ ଇଂରାଜୀ ଓ କନ୍ନଡ଼ ଭାଷାରେ ସୁଟ୍ କରାଯାଇଛି। ଏହା ଆସନ୍ତା ମାର୍ଚ୍ଚ ୧୯ରେ ପରଦାକୁ ଆସିବ।



## ଭିଡିଓ ଗେମ୍ ନିଶା
## ହୋଟେଲ ସାଜିଲା ଅଳିଆ ଗଦା

ସାଧାରଣତଃ ବୁଲାବୁଲି କରିବାକୁ ବାହାରକୁ ଗଲେ ଲୋକେ ହୋଟେଲରେ ରହିଥାନ୍ତି। ଅତିବେଶୀରେ ଲୋକେ ସପ୍ତାହେ ଧରି ଏଠାରେ ରୁହନ୍ତି। ଜରୁରି ପରିସ୍ଥିତିରେ ଲୋକେ ହୋଟେଲରେ ମାସେ ଦୁଇମାସ ପର୍ଯ୍ୟନ୍ତ ରହିଥାନ୍ତି। ହେଲେ ଚୀନ୍‌ରୁ ଏକ ବିଚିତ୍ର ମାମଲା ସାମ୍ନା ଆସିଛି। ଏଠାରେ ଜଣେ ବ୍ୟକ୍ତି ଗୋଟିଏ ହୋଟେଲରେ ଦୀର୍ଘ ଦୁଇ ବର୍ଷ ଧରି ରହିଥିଲେ। ଉଲ୍ଲେଖନୀୟ କଥାଟି ହେଲା, ଯେତେବେଳେ ସେ ଏହି ହୋଟେଲ ଭିତରୁ ବାହାରିଲେ ସେ ରହୁଥିବା ରୁମ୍‌ଟିକୁ ଦେଖି କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥଲେ। ଘର ସାରା ଅଳିଆ ଆବର୍ଜନା ସହ ଏହା ଏକ ପରିତ୍ୟକ୍ତ ଘର ଭଳି ଲାଗୁଥିଲା। ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଅଧିକାଂଶ ଏହାକୁ ଭିଡିଓ ଗେମ୍ ନିଶାର ଏକ ବିପଜ୍ଜନକ ଉଦାହରଣ ବୋଲି କହିଛନ୍ତି। ତେବେ ଏହି ହୋଟେଲଟି ଭିଡିଓ ଗେମ୍ ଖେଳାଳିଙ୍କ ପାଇଁ ତିଆରି କରାଯାଇଥିଲା। ହୋଟେଲର ଏକ ରୁମ୍‌ରେ ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦୁଇ ବର୍ଷ ଧରି ରହି ଆସୁଥିଲେ। ଏହି ଦୁଇ ବର୍ଷ ମଧ୍ୟରେ ସେ ଆଦୌ ହୋଟେଲ ବାହାରକୁ ବାହାରି ନ ଥିଲେ। ଏନେଇ ହୋଟେଲ କର୍ମଚାରୀଙ୍କ କହିବା କଥା, ବ୍ୟକ୍ତି ଜଣକ ଦିନରାତି ବସି ରୁମ୍ ଭିତରେ ଭିଡିଓ ଗେମ୍ ଖେଳୁଥିଲେ। ଦୁଇ ବର୍ଷ ପରେ ଏହି ବ୍ୟକ୍ତି ଜଣକ ହୋଟେଲ ଛାଡ଼ିଥିଲେ। ଏହାପରେ ସଫେଇ କର୍ମଚାରୀ ରୁମ୍‌କୁ ସଫା କରିବାକୁ ଯିବାରୁ ଭିତରେ ଖାଇବା ଡବା, ଖାଲି ବୋତଲ, ଅଳିଆ ଆବର୍ଜନା ଘରର ଚଟାଣଠାରୁ ନେଇ ବିଛଣା, ଟେବୁଲ ଚଉକି ସବୁଠି ଏଣେତେଣେ ପଡ଼ିଥିଲା। ଏପରିକି ବ୍ୟବହାର କରାଯାଇଥିବା ଟଏଲେଟ୍ ପେପର୍‌ଗୁଡ଼ିକ ଟଏଲେଟ ସିଟ୍‌ଠାରୁ ଅଧିକ ଉଚ୍ଚାରେ ରହିଥିଲା। ଘର ଦୁର୍ଗନ୍ଧରେ ଫାଟି ପଡୁଥିଲା। ହୋଟେଲ କର୍ମଚାରୀଙ୍କ କହିବାନୁସାରେ, ବ୍ୟକ୍ତି ଜଣକ ଏହି ରୁମ୍‌ରେ ରହିବା ସତ୍ତ୍ୱେ ବି ଖୁବ୍ କମ୍ ନଜର ଆସୁଥିଲେ। ସେ ଜଣେ ହାର୍ଡକୋର ଖେଳାଳି। ସାମାଜିକ ଗଣମାଧ୍ୟମରେ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ ହେବା ପରେ କେହି କେହି ଏଭଳି ନିଶାକୁ ବିପଜ୍ଜନକ ରୂପ କହୁଥିବାବେଳେ ଆଉ କେହି କେହି ହୋଟେଲର ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ଜୀବନ ରକ୍ଷା କରିବ ଉଡ଼ନ୍ତା ରୋବଟ୍

କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍) ଏମିତି ଏକ ରୋବଟ୍‌କୁ ପରିଚିତ କରାଇଛି, ଯାହାର ନାଁ 'ଏକ୍ସ ୧'। ତେବେ ଏହା ଗୋଟିଏ ରୋବଟ୍ ନୁହେଁ, ବରଂ ଦୁଇଟି ରୋବଟ୍‌ର ଏକ ଟିମ୍। ଏହି ଦୁଇଟି ରୋବଟ୍ ପରସ୍ପର ସହିତ ମିଶି କାମ କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିରେ ମଣିଷ ଭଳି ଚାଲୁଥିବା ଏକ ହ୍ୟୁମାନଏଡ୍ ରୋବଟ୍ ଅଛି ଏବଂ ଏହା ପିଠି ଉପରେ ଥିବା ଆଉ ଏକ ରୋବଟ୍ ଆବଶ୍ୟକ ପଡ଼ିଲେ ଡ୍ରୋନ୍‌ରେ ରୂପାନ୍ତରିତ ହୋଇପାରିବ। 'ଏକ୍ସ ୧'କୁ ଉଦ୍ଧାର କାର୍ଯ୍ୟ ଲାଗି ନିର୍ମାଣ କରାଯାଇଛି। ଯେଉଁ ସ୍ଥାନକୁ ମଣିଷ ଯିବା ବିପଜ୍ଜନକ ସେହିସ୍ଥାନଗୁଡ଼ିକୁ ଏହି ରୋବଟ୍‌କୁ ପଠାଇ ହେବ। ସେହିପରି ଏକ୍ସ ୧ ପ୍ରୋଜେକ୍ଟ ଉପରେ କାଲଟେକ୍ ଏବଂ ଆବୁଧାବିର ଟେକ୍ନୋଲୋଜି ଇନୋଭେସନ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ କାମ କରିଛନ୍ତି। ଏହି ସମୟ ମଧ୍ୟରେ ଇଞ୍ଜିନିୟରମାନେ ଦୁଇଟି ରୋବଟ୍‌କୁ ଏମିତି ପ୍ରଶିକ୍ଷିତ କରିଛନ୍ତି ଯେ, ଯେମିତି ଆବଶ୍ୟକ ପଡ଼ିଲେ ଉଭୟ ଉଭୟଙ୍କୁ ଶକ୍ତି ଯୋଗାଇ ପାରିବେ। ଏପ୍ରକାର ସିଷ୍ଟମକୁ 'ମଲ୍ଟି ରୋବଟ୍ ସିଷ୍ଟମ୍' ବୋଲି କୁହାଯାଏ। ତେବେ ଏକ୍ସ ୧ର ମୁଖ୍ୟ ୟୁନିଟ୍ରି ଜି ୧ ହ୍ୟୁମାନଏଡ୍ ରୋବଟ୍ ଦୁଇ ଗୋଡ଼ରେ ଚାଲିବ ଏବଂ ଭାରି ଜିନିଷ ଉଠାଇ ପାରିବ। ସେହିଭଳି ଏହା ଉପରେ ଥିବା ଏମ୍ ୪ ରୋବଟ୍ ଆବଶ୍ୟକତା ଅନୁସାରେ ନିଜର ଆକାର ବଦଳାଇପାରେ। ଏମ୍ ୪ କେତେବେଳେ ଚକ ସଦୃଶ ରୋବଟ୍ ପାଲଟି ଯିବ ତ ପୁଣି ଡ୍ରୋନ୍ ହୋଇ ଉଡ଼ିବ। ଏଥିରେ କ୍ୟାମେରା ତଥା ଅନ୍ୟ ସେନ୍ସର୍‌ଗୁଡ଼ିକ ଲାଗିଛି। ଯଦ୍ୱାରା ଏହା ଆଖପାଖର ସ୍ଥିତି ବିଷୟରେ ଜାଣିପାରିବ। ତେବେ ଆଜିର ସମୟରେ ଅନେକ ରୋବଟ୍ କିଛି କାମ ଲାଗି ସୀମିତ ଥିବାବେଳେ ଏକ୍ସ ୧ ଏବଂ ଏମ୍ ୪ ରୋବଟ୍ ଚାଲିପାରିବ, ଉଡ଼ିପାରିବ, ସନ୍ତୁଳନ ରକ୍ଷା କରିବାକୁ ସକ୍ଷମ। ଏହି କ୍ଷମତାକୁ ବୈଜ୍ଞାନିକମାନେ ଲୋକୋମୋସନ ପ୍ଲାଷ୍ଟିସିଟି ବୋଲି କହିଛନ୍ତି। ପରିସ୍ଥିତି ବଦଳିଲେ ରୋବଟ୍ ବି ତା'ର ତରିକା ବଦଳାଇପାରେ। ଅନ୍ୟପଟେ ଏହି ରୋବଟ୍ ଆବଡ଼ାଖାବଡ଼ା ସ୍ଥାନ, ଶିଡ଼ିରେ ବି କାମ କରିପାରିବ। ତେବେ ଏବେ ଏହା ସ୍କ୍ରିପ୍ଟେଡ୍ ମିଶନରେ କାମ କରୁଛି। ଏହାର ଟିମ୍ ଏହାକୁ ଅଧିକ ବିଶ୍ୱାସଯୋଗ୍ୟ ଓ ସୁରକ୍ଷିତ ଭାବେ ତିଆରି କରିବା ଦିଗରେ ପ୍ରଚେଷ୍ଟା ଚଳାଇଛନ୍ତି। ଭବିଷ୍ୟତରେ ଏହି ରୋବଟ୍ ନିଆଁ ଲାଗିଥିବା ସ୍ଥାନ, ଭୂମିକମ୍ପରେ ଧ୍ୱଂସ ହୋଇଯାଇଥିବା ଅଟ୍ଟାଳିକା ମଧ୍ୟରେ ମଣିଷଙ୍କ ବଦଳରେ ଉଦ୍ଧାର କାର୍ଯ୍ୟ କରିପାରିବ। ଭବିଷ୍ୟତରେ ଏହି ରୋବଟ୍ ରେସକ୍ୟୁ ଅପେରସନ୍ ଦିଗରେ ଏକ କ୍ରାନ୍ତି ଆଣିବ ବୋଲି କୁହାଯାଉଛି।





## ଏଆଇ ପାଇଁ କୋର୍ସ

**ଦିନକୁ ଦିନ ଏଆଇର ଚାହିଦା ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ ଓପନଏଆଇ ଏଆଇ ସାର୍ଟିଫିକେସନ କୋର୍ସ ଆରମ୍ଭ କରିଛି। ପ୍ରଫେସନାଲଙ୍କୁ ଏଆଇ ସହିତ ପରିଚିତ କରାଇବା ଏହାର ଉଦ୍ଦେଶ୍ୟ। ଏବେ ବଡ଼ ବଡ଼ କମ୍ପାନି ପାଇଲଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା କରୁଛନ୍ତି।**


**ବଢୁଛି ଏଆଇର ଚାହିଦା:** ଏଆଇ ଯୋଗୁଁ ବିଶ୍ୱରେ ଅନେକ ନିଯୁକ୍ତି ସୁଯୋଗ ବଦଳୁଛି। ଓପନଏଆଇ ଅନୁସାରେ, ୮୦ କୋଟିରୁ ଅଧିକ ଲୋକ ଏବେ ଚାଟ୍‌ଜିପିଟିର ବ୍ୟବହାର କରୁଛନ୍ତି। ତେବେ ସାଧାରଣ କର୍ମଚାରୀଙ୍କ ତୁଳନାରେ ଏଆଇରେ ପ୍ରବୀଣ ଲୋକ ଅଧିକ ରୋଜଗାର କରୁଛନ୍ତି। ତେଣୁ ଓପନଏଆଇର ଲକ୍ଷ୍ୟ ଲକ୍ଷାଧିକ ଲୋକଙ୍କୁ ଏଆଇ ଆଧାରିତ ଅର୍ଥବ୍ୟବସ୍ଥା ଲାଗି ପ୍ରସ୍ତୁତ କରିବା।

**ସ୍ୱତନ୍ତ୍ର କୋର୍ସ କାହିଁକି:** ଏଆଇ ସାର୍ଟିଫିକେସନ୍‌ରେ ଅଛି ଏଆଇ ଫାଉଣ୍ଡେସନ କୋର୍ସ। ଏହା ମାଧ୍ୟମରେ ବ୍ୟବହାରକାରୀ ଏଆଇ ସହିତ ଜଡ଼ିତ ଅଲଗା ଅଲଗା କାମର ଅଭ୍ୟାସ କରିପାରିବେ। ସେହିପରି ତୁରନ୍ତ ଶିଖିବା ଦ୍ୱାରା ଫିଡ୍‌ବ୍ୟାକ୍ ପାଇପାରିବେ, ଶିଖିବା ଅଭ୍ୟାସକୁ ମଧ ଟ୍ରାକ୍ କରିପାରିବେ। କୋର୍ସ ପୂରା ହେବା ପରେ ବ୍ୟବହାରକାରୀଙ୍କୁ ସାର୍ଟିଫିକେଟ୍ ମିଳିବ, ଯାହାକି ଇଣ୍ଡଷ୍ଟ୍ରି ଲେବଲର ଏଆଇ ସ୍କିଲକୁ ପ୍ରଦର୍ଶନ କରିବ। ଯଦି ଅତିରିକ୍ତ କୋର୍ସ ଏବଂ ପ୍ରୋଜେକ୍ଟ ପୂରା କଲେ, ଏକ ଅଫିସିଆଲ ସାର୍ଟିଫିକେଟ୍ ମଧ ହାସଲ କରିପାରିବେ।

**ବିଦ୍ୟାର୍ଥୀଙ୍କୁ ପ୍ରଥମ ଅଗ୍ରାଧିକାର:** କଲେଜ ଛାତ୍ରଛାତ୍ରୀଙ୍କୁ ଚାଟ୍‌ଜିପିଟି ଲ୍ୟାବ୍ ମାଧ୍ୟମରେ ଏହି କୋର୍ସ କରିବାର ପ୍ରଥମ ସୁଯୋଗ ମିଳିବ। ଓପନଏଆଇ ଏରିଜୋନା ଷ୍ଟେଟ୍ ୟୁନିର୍ଭସିଟି ଏବଂ କାଲିଫର୍ଣ୍ଣିୟା ଷ୍ଟେଟ୍ ୟୁନିର୍ଭସିଟି ସିଷ୍ଟମ ସହିତ ପାର୍ଟନରସିପ୍ କରିଛି। ଯେଭଳି ଏହି କୋର୍ସ ମାଧ୍ୟମରେ ବିଦ୍ୟାର୍ଥୀ ଉତ୍ତମ ଚାକିରିର ସୁଯୋଗ ପାଇପାରିବେ।

**ଶିକ୍ଷକଙ୍କ ପାଇଁ କୋର୍ସ:** ଓପନଏଆଇ ସ୍କୁଲ ଶିକ୍ଷକଙ୍କ ଲାଗି 'ଚାଟ୍‌ଜିପିଟି ଫାଉଣ୍ଡେସନ ଫର୍ ଟିଚର' ନାମରେ ଏକ ସହଜ କୋର୍ସ ଆରମ୍ଭ କରିଛି। ଏହା ଦ୍ୱାରା ଶିକ୍ଷକମାନେ ଶିଖିପାରିବେ ଚାଟ୍‌ଜିପିଟି କିଭଳି କାମ କରେ, ଏହାକୁ ଆବଶ୍ୟକତା ଅନୁସାରେ କିଭଳି ସେଟ୍ କରିବା ଏବଂ ଶ୍ରେଣୀଗୃହ ଏବଂ ଆଡମିନିଷ୍ଟ୍ରେଟିଭ୍ ଲାଗି କିଭଳି ବ୍ୟବହାର କରାଯିବ। କମ୍ପାନି ଅନୁସାରେ, ପୂର୍ବରୁ ୬୦ ପ୍ରତିଶତ ଶିକ୍ଷକ ଏଆଇ ଟୁଲ୍‌ର ଉପଯୋଗ ପୂର୍ବରୁ କରିଆସୁଛନ୍ତି। ତା'ସହ ଏହି କୋର୍ସ ସେମାନଙ୍କୁ ଶିଖାଇବ ଯେ, ଏହି ଟୁଲ୍‌ର ବ୍ୟବହାର ସହଜରେ କିଭଳି କରାଯିବ। ଏହି କୋର୍ସ ଏବେ କୋରସେରାରେ ଉପଲବ୍ଧ।

**ଚାକିରି ଲାଗି ନୂତନ ସୁଯୋଗ:** ଏହି ସମସ୍ତ କୋର୍ସ ଭବିଷ୍ୟତରେ ଓପନଏଆଇ ଜବ୍ ପ୍ଲାଟଫର୍ମ ପାଇଁ ମୂଳଦୂଆ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ପ୍ଲାଟଫର୍ମର ଉଦ୍ଦେଶ୍ୟ ଏଆଇ ସାର୍ଟିଫାଇଡ୍ ଲୋକଙ୍କୁ ସିଧା ବାସ୍ତବିକ ଚାକିରି ସହିତ ଯୋଡ଼ିବା। ଏ ଲାଗି ଓପନଏଆଇ ଜବ୍ ସର୍ଚ୍ଚ ପ୍ଲାଟଫର୍ମ ଇନଡିଡ୍ ସହିତ ଏକ ନୂଆ ପାର୍ଟନରସିପ୍ କରୁଛି। ସେହିପରି ଏହା ଅପ୍‌ୱାର୍କ ସହିତ ନିଜର ସହଯୋଗ ବୃଦ୍ଧି କରୁଛି। ଏହା ଦ୍ୱାରା କମ୍ପାନି ପାଇଁ ଏଆଇ କୌଶଳ ଯୁକ୍ତ ଲୋକଙ୍କୁ ଖୋଜିବା ସହଜ ହେବ। ସେହିପରି ଏହି ସମସ୍ତ ପଦକ୍ଷେପ ଚାକିରି ଲାଗି ନୂଆ ସୁଯୋଗ ସୃଷ୍ଟି କରିବ।




**ପଢ଼ା ମଝିରେ ବ୍ରେକ ନେବା ଅର୍ଥ ଫଟାଫଟ୍ ଫ୍ରେସ୍ ହୋଇ ପୁଣି ଥରେ ପଢ଼ିବାକୁ ବସିବା। ତେବେ ଏହି ବ୍ରେକ୍ ସମୟରେ ଅନେକ କାର୍ଯ୍ୟ ମଧ୍ୟ ଚାହିଁଲେ କରିପାରିବେ।**

- ୨୫-୪୫ ମିନିଟ୍ ଲଗାତାର ବସି ପଢ଼ିବା ପରେ ୧୦ ମିନିଟ୍‌ର ଛୋଟ ବ୍ରେକ୍ ନେବା ଭଲ। ଏହାରି ଭିତରେ କିଛି ସମୟ ପାଇଁ ଚଲାବୁଲା ଏବଂ ପ୍ରାଣାୟମ କରିପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜ ମନପସନ୍ଦର ଗୀତ ଶୁଣିପାରିବେ। ଏହା ଦ୍ୱାରା ଚାପ ଲାଘବ ହୁଏ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜର କିଛି ଛୋଟ ମୋଟ ଅଧୁରା କାମ ପୂରା କରିପାରିବେ।
- ପଢ଼ିବା ବେଳେ ବ୍ରେକ୍ ନେଉଥିଲେ କିଛି ହାଲକା ଖାଦ୍ୟ ଖାଇପାରିବେ। ଜୁସ୍, କଫି କିମ୍ବା ଫଳ ଆଦି ଖାଇପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରନ୍ତୁ। ପଢ଼ା ପ୍ରତି ଅଧିକ ଆଗ୍ରହ ବଢ଼ିବ।

## ସମ୍ଭାବନା






**ପ୍ରତ୍ୟେକ ବ୍ୟକ୍ତି ସଫଳ ହେବାକୁ ଚାହାନ୍ତି। ତେବେ ପ୍ରଶ୍ନ ଉଠେ ସଫଳ ହେବା ପାଇଁ ପ୍ରଥମେ କ'ଣ କରିବାକୁ ପଡ଼ିବ। ବିଶେଷଜ୍ଞଙ୍କ ଅନୁସାରେ, ବଡ଼ ସଫଳତା ପଛରେ ଛୋଟ ଛୋଟ ଅଭ୍ୟାସ ସାମିଲ ଥାଏ। ମଣିଷ ଯଦି ନିଜ ଭିତରେ କିଛିଦିନ ସକାରାତ୍ମକ ପରିବର୍ତ୍ତନ ଆଣିବ, ତାହାଲେ ନିଜ ଲକ୍ଷ୍ୟପଥରେ ପହଞ୍ଚିପାରିବ।**

ସକାଳୁ ଉଠି ପ୍ରଥମେ ନିଜ ମନରୁ ସ୍ଥିର କରନ୍ତୁ, ଆଜି କ'ଣ ହାସିଲ କରିବାକୁ ପଡ଼ିବ। ଆଖି ବନ୍ଦ କରି ସେହି ଲକ୍ଷ୍ୟକୁ ହାସିଲ କରିବା ଦିଗରେ ଅଗ୍ରସର ହୁଅନ୍ତୁ। ଏଭଳି କରିବା ଦ୍ୱାରା ସଫଳତା ଦିଗକୁ ଅଗ୍ରସର ହେବାକୁ ଉତ୍ସାହିତ ହେବେ। ତେବେ ଯେଉଁ କ୍ଷେତ୍ରରେ ସଫଳ ହେବାକୁ ଚାହୁଁଛନ୍ତି, ତାହା ସହ ସମ୍ବନ୍ଧିତ ଜିନିଷର ଫଟୋକୁ ନିଜ ଘର ତଥା ମୋବାଇଲ ୱାଲପେପର୍‌ରେ ରଖନ୍ତୁ। ଏହି ଫଟୋ ସବୁଦିନ ମନେ ପକାଇବ ଯେ, କେଉଁ ଦିଗରେ ଆଗକୁ ଯିବାକୁ ପଡ଼ିବ। ଚିନ୍ତାଧାରା ହିଁ ଜୀବନକୁ ସଫଳ କରାଏ। ତେଣୁ ମନକୁ ଯେତେବେଳେ ବି କିଛି ନକାରାତ୍ମକ ଚିନ୍ତାଧାରା ଆସୁଛି, ତାହାକୁ ସକାରାତ୍ମକ ବିଚାରରେ ପରିଣତ କରନ୍ତୁ। ଏହା ଦ୍ୱାରା ମନ ହାଲୁକା ରହିବ ଏବଂ ଆତ୍ମବିଶ୍ୱାସ ବଢ଼ିବ। ନିଜ ପାଖରେ ଥିବା ପ୍ରତ୍ୟେକ ଜିନିଷ ଲାଗି ନିଜକୁ କୃତଜ୍ଞତା ଜ୍ଞାପନ କରନ୍ତୁ। କେବେ ବି ଠିକ୍ ସମୟର ଅପେକ୍ଷା କରନ୍ତୁ ନାହିଁ। ଯାହା ବି କିଛି କରିବାର ଅଛି, ଆଜିଠୁ କରିବାର ନିର୍ଣ୍ଣୟ ନିଅନ୍ତୁ। ଏହିପରି ଛୋଟ ଛୋଟ ପ୍ରୟାସ ଜୀବନରେ ସଫଳତା ଆଣିଥାଏ।

## ଗୁଗଲ୍‌ର 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍

ଗୁଗଲ୍ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଆରମ୍ଭ କରିଛି। ଏହାର ନାଁ 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍। ଏହା ହେଉଛି ଏକ ସୁରକ୍ଷାତ୍ମକ ଫିଚର। ଏହା ବ୍ୟବହାରକାରୀଙ୍କୁ ବିପଦଜନ ପରିସ୍ଥିତିରେ ଲାଇଭ୍ ଭିଡିଓ ଷ୍ଟ୍ରିମ୍ କରିବା ସୁବିଧା ପ୍ରଦାନ କରିବ। ଏହି ଗୁଗଲ ଫିଚର ମାଧ୍ୟମରେ କାର୍ ଦୁର୍ଘଟଣା, ନିଆଁ ଲାଗିବା ଭଳି ମେଡିକାଲ ଇମରଜେନସି ପରିସ୍ଥିତିରେ ଉଦ୍ଧାରକର୍ତ୍ତାଙ୍କୁ ସ୍ପଷ୍ଟ ତଥ୍ୟ ମିଳିପାରିବ। ଏହି ଫିଚର୍‌କୁ ବ୍ୟବହାର କରିବା ମଧ ଖୁବ୍ ସହଜ। ଏହାକୁ ବ୍ୟବହାର କରିବା ଲାଗି ଫୋନ୍‌ର କୌଣସି ସେଟିଂକୁ ଚାଲୁ କରିବାକୁ ପଡ଼ିବ ନାହିଁ। କୌଣସି ଅସୁବିଧା ପାଇଁ ପୋଲିସ୍, ଆମ୍ବୁଲାନ୍ସ ବା ଫାୟର ବ୍ରିଗେଡ୍‌ଙ୍କୁ ଇମରଜେନ୍ସି କଲ୍ ମେସେଜ କରୁଥିଲେ, ଏହି ପରିସ୍ଥିତିରେ ଉପସ୍ଥିତ ଥିବା ଅଧିକାରୀଙ୍କ ପାଖକୁ ଏକ ଭିଡିଓ ଅନୁରୋଧ ପଠା ଯାଇପାରିବ। ଅନୁରୋଧ ସ୍ୱୀକାର କରିବା ମାତ୍ରେ ଗୋଟିଏ କ୍ଲିକ୍‌ରେ ମୋବାଇଲ କ୍ୟାମେରା ଅନ୍ ହୋଇଯିବ। ଏହା ଦ୍ୱାରା ସୁରକ୍ଷାଦଳ ଭିଡିଓ ମାଧ୍ୟମରେ ସ୍ଥିତିକୁ ସିଧା ଦେଖିପାରିବେ। ଏହା ଦ୍ୱାରା ଏକଥା ବୁଝିବା ସହଜ ହେବ ଜଣେ ବ୍ୟକ୍ତିଙ୍କୁ କେଉଁ ପ୍ରକାର ମେଡିକାଲ ସାହାଯ୍ୟ ଓ ସୁରକ୍ଷା ଉପକରଣ ଆବଶ୍ୟକ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଗଲ ଏହାକୁ ଜର୍ମାନୀ, ଆମେରିକା ଏବଂ ମେକ୍ସିକୋରେ ଜାରି କରିବ। ଅନ୍ୟପଟେ ଏହି ଫିଚର୍‌କୁ ଭାରତ ସମସ୍ତେ ଅନ୍ୟ ଦେଶରେ ବି ଉପଲବ୍ଧ କରାଯିବ।



# ଭୁବନେଶ୍ୱର ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ

## ପୁରୁଷ ବନ୍ଧୁଙ୍କ ସହ ମହିଳା ଅଟକ

ଭୁବନେଶ୍ୱର,୩୦।୧୨(ସମିସ): ଭୁବନେଶ୍ୱର ଏୟାରପୋର୍ଟରୁ ପୁଣି ମାରିଜୁଆନା ଜବତ ହୋଇଛି। ଏହାର ମୂଲ୍ୟ ୪ କୋଟି ଟଙ୍କା ବୋଲି ଜଣାପଡ଼ିଛି। ବ୍ୟାଙ୍କକ୍‌ରୁ ମାରିଜୁଆନା ଚାଲାଣ ବେଳେ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ଦ୍ୱାରା ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଜଣେ ମହିଳା ଏବଂ ତାଙ୍କ ପୁରୁଷବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଦୁଇ ଅଭିଯୁକ୍ତ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏମାନେ ଭାରତକୁ ଗଞ୍ଜେଇ, ଡ୍ରଗ୍ସ ଭଳି ଏକାଧିକ ନିଶା ସାମଗ୍ରୀ ଚାଲାଣ କରନ୍ତି। ମିଳିଥିବା ସୂଚନା ମୁତାବକ ମାରିଜୁଆନା ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡିଆର୍‌ଆଇ ଜଣେ ମହିଳା ଏବଂ ପୁରୁଷଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହ୍ୟାଣ୍ଡବ୍ୟାଗରୁ ବିପୁଳ ପରିମାଣର ମାରିଜୁଆନା ମିଳିଲା। ଯାହକୁ ଡିଆର୍‌ଆଇର କଷ୍ଟମ ବିଭାଗ ଜବତ କରିବା ସହ ଦୁଇ ଜଣଙ୍କୁ ହେପାଜତକୁ ନେଇ ପଚରାଉଚରା ଚଳାଇଛି। ତେବେ ଏମାନେ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏକାଧିକ ବାର ବ୍ୟାଙ୍କକରୁ ଭାରତ ମାରିଜୁଆନା ସପ୍ଲାଏ କରିଛନ୍ତି। ହେଲେ ଧରାପଡ଼ି ନ ଥିଲେ। ଯାହାଫଳରେ ଏମାନେ ବାରମ୍ବାର ସପ୍ଲାଏ କରି ଚାଲିଥିଲେ। ଏହି ଦୁଇ ଅଭିଯୁକ୍ତ କେରଳର ଜଣେ ସପ୍ଲାୟର୍ସଙ୍କୁ ଦେଇଥାନ୍ତେ। ଅଭିଯୁକ୍ତଙ୍କ ଘର ଗୁଜରାଟରେ ବୋଲି ଜଣାପଡ଼ିଛି।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

ବଆଁରପାଳ,୩୦।୧୨(ସମିସ): ବଆଁରପାଳ ଥାନା ବୁଢ଼ାପଙ୍କ ଗ୍ରାମରେ ଘଟିଛି ଅଘଟଣ। ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଏହି ଦମ୍ପତି ହେଲେ ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ। ସୂଚନା ଯୋଗ୍ୟ ଯେ, ବୁଢ଼ାପଙ୍କ ଗ୍ରାମର ରଥ ନାଏକ ଏବଂ ତାଙ୍କ ସ୍ତ୍ରୀ କାଗଜ ନାଏକ ଘର ବାହାରେ ଏକ ଘର ତିଆରି କରୁଛନ୍ତି। ଆଜି ଅପରାହ୍ଣ ସମୟରେ ନୂଆ ଘରେ ପାଣି ପକାଇ ସଫା କରୁଥିଲେ। ସେହି ଘର ଭିତରେ ଏକ ବିଦ୍ୟୁତ୍ ତାର ପଡ଼ିଥିବାବେଳେ ସେଥିରେ ବିଦ୍ୟୁତ୍ ଚାର୍ଜ ହୋଇ ରହିଥିଲା। ଶ୍ରୀ ରଥ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବାବେଳେ ଏହା ଦେଖି କାଗଜ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଯାହା ଫଳରେ ଦୁହେଁ ଗୁରୁତର ହୋଇ ଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବଆଁରପାଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।



ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରୁଛନ୍ତି ନବନିଯୁକ୍ତ ବିଜୁ ଯୁବ ଓ ଛାତ୍ରଜନତା ଦଳର କର୍ମକର୍ତ୍ତା

**ସରକାରଙ୍କୁ ଡେଡ୍‌ଲାଇନ ଦେଲା ଓମ୍‌ସା**

# ଦାବି ପୂରଣ ନ ହେଲେ ସମୂହ ଇସ୍ତଫା ଦେବେ ଡାକ୍ତର

ଭୁବନେଶ୍ୱର,୩୦।୧୨(ସମିସ): ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି, ତାହେଲେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ ବୋଲି ଧମକ ଦେଇଛି। ଏପରିକି ଓମସାର ଡାକ୍ତରମାନେ ଆଗାମୀ ଦିନରେ ସମୂହ ଇସ୍ତଫା ଦେବାକୁ ମଧ୍ୟ ବାଧ୍ୟ ହେବେ। ମଙ୍ଗଳବାର ଓମ୍‌ସା ବୈଠକରେ ଏପରି ଚରମ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ନିଜ ଦାବିକୁ ନେଇ ଓମସା ଅଟଳ ଥିବାବେଳେ ଗତ ୨୬ ତାରିଖରୁ ଦୈନିକ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରିଆସୁଛି। ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ମଙ୍ଗଳବାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓମସା ଭବନରେ ହୋଇଥିଲା। ବୈଠକ ପରେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ ସରକାର ଏଯାଏଁ ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଆରମ୍ଭ କରିନାହାନ୍ତି। ବର୍ତ୍ତମାନ ଓମ୍‌ସା ପକ୍ଷରୁ ରାଜ୍ୟବ୍ୟାପୀ ଦିନ ୧୦ଟାରୁ ୧୧ଟା ଯାଏଁ ଓପିଡି ସେବାରେ ସହଯୋଗ କରାଯାଉ ନାହିଁ। ଆମେ ସରକାରଙ୍କୁ ଆସନ୍ତା ୫ ତାରିଖ ଯାଏଁ ସମ ଦେଲୁ। ଏହି ସମୟସୀମା ମଧ୍ୟରେ ଆମ ଦାବି ଯଦି ନଶୁଣାଯାଏ, ତାହେଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା, ଅର୍ଥାତ୍ ସକାଳ ୯ଟାରୁ ଦିନ ୧୧ଟା ଯାଏଁ ଓପିଡି ସେବା ବନ୍ଦ ରଖାଯିବ। ଏହାର ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ପ୍ରତି ସପ୍ତାହରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବଢ଼ିବ ବୋଲି ସେମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଆମ

**ଆସନ୍ତା ୫ରୁ ଦୁଇ ଘଣ୍ଟିଆ ଓପିଡି ବନ୍ଦ**

ଦାବି ପୂରଣ ପ୍ରତି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ବାଧହୋଇ ଆମେ ଚରମ ପଦକ୍ଷେପ ନେବୁ। ନୂଆବର୍ଷ ପରେ ଓମସା ଡାକ୍ତରମାନେ ସମୂହ ଇସ୍ତଫା ପତ୍ର ସଂଘ ପାଖରେ ଦାଖଲ କରିବେ। ପରବର୍ତ୍ତୀ ସମୟରେ ଏହି ଇସ୍ତଫା ପତ୍ର ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏପଟେ ସେମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି।

# ସରକାରୀ ଅଫିସ୍‌ରେ ନୂଆବର୍ଷ ମନା

## ଭେଟଘାଟ୍, ଭୋଜିଭାତ ଉପରେ କଟକଣା

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟ ସରକାର ଇଂରାଜୀ ନବବର୍ଷ ପାଳନ କରିବେ ନାହିଁ। ଅର୍ଥାତ୍ ଜାନୁଆରୀ ପହିଲା ସରକାରୀ କାର୍ଯ୍ୟଦିବସ ରହୁ ଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରାମର୍ଶ ଦେଇଛି।

**ଜାନୁଆରୀ ୧ ସାଧାରଣ କାର୍ଯ୍ୟଦିବସ, ଅଫିସ୍‌କୁ ଅଭିନନ୍ଦନ ଜଣାଇବାକୁ ଆସନ୍ତୁନାହିଁ: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ଏହି ଦିନ ମୋର କାର୍ଯ୍ୟାଳୟ ଗୋଟିଏ ସାଧାରଣ କାର୍ଯ୍ୟଦିବସ ଭଳି ଚାଲିବ ଏବଂ ନିୟମିତ ଭାବେ ସରକାରୀ କାର୍ଯ୍ୟ ହେବ। ତେଣୁ ମୋ କାର୍ଯ୍ୟାଳୟକୁ ନୂଆବର୍ଷର ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଜଣାଇବା ପାଇଁ କେହି ନ ଆସିବାକୁ ଅନୁରୋଧ। ସେହିପରି ସରକାରୀ କର୍ମଚାରୀମାନେ ମଧ୍ୟ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି ଅଫିସ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଅନୁରୋଧ। ମୋର ସରକାରୀ ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, ସମସ୍ତଙ୍କୁ ନିବେଦନ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ଆସିବେ ନାହିଁ। କେବଳ ଆପଣଙ୍କ ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଅତିରିକ୍ତ ତହସିଲଦାରଙ୍କ ଶ୍ୱଶୁରଘରୁ ୭୫ ଲକ୍ଷ ଜବତ

କଟକ,୩୦।୧୨(ସମିସ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଏକାଧିକ ଠିକଣାରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ମଙ୍ଗଳବାର ହୋଇଥିବା ଏହି ତଲାସୀ ଅଭିଯାନରେ ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଜିତେନ୍ଦ୍ରଙ୍କ ଶ୍ୱଶୁରଙ୍କ ଘରୁ ଭିଜିଲାନ୍ସ ପ୍ରାୟ ୭୫ ଲକ୍ଷ ଟଙ୍କା ନଗଦ ଅର୍ଥ ଜବତ କରିଛି। ଅତିରିକ୍ତ ତହସିଲଦାର ନିଜର ବେଆଇନ ଉପାର୍ଜିତ ଅର୍ଥକୁ ଶଯ୍ୟାଶାୟୀ ଶାଶୂଙ୍କ ବନ୍ଦ କୋଠରୀରେ ଲୁଚାଇ ରଖିଥିଲେ। ଭିଜିଲାନ୍ସ ଟିମ୍ ଜିତେନ୍ଦ୍ରଙ୍କ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଏକାଧିକ ବହୁତଳ କୋଠା ଠାବ କରିଛି। ବଡ଼ଗଡ଼ ଗୋପାଳୁଣୀ ନଗର ଏବଂ ବ୍ରିଟ୍ କଲୋନୀରେ ଦୁଇଟି ତିନି ମହଲା ବିଶିଷ୍ଟ ପ୍ରାସାଦ ସମେତ



ଖୋର୍ଦ୍ଧା ସାନପଲ୍ଲାରେ ଏକ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ଏକ ଆଧୁନିକ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଏହାବ୍ୟତୀତ ଭୁବନେଶ୍ୱର ଓ ଖୋର୍ଦ୍ଧାର ମୁଖ୍ୟ ସ୍ଥାନରେ ୪ଟି ଅତି ମୂଲ୍ୟବାନ ପ୍ଲଟ୍‌କୁ ମଧ୍ୟ ଭିଜିଲାନ୍ସ ଚିହ୍ନଟ କରିଛି। ନଗଦ ୭୫ ଲକ୍ଷ ଟଙ୍କା ବ୍ୟତୀତ, ଘରୁ ଅଲଗା ଭାବେ ୬.୨୦ ଲକ୍ଷ ଟଙ୍କା, ୧୦୦ ଗ୍ରାମର ସୁନା ଅଳଙ୍କାର, ଏକ ବିଳାସପୂର୍ଣ୍ଣ କିଆ ସେଲ୍ଟୋସ କାର୍ ଏବଂ ୪ଟି ଦୁଇଚକିଆ ଯାନ ଜବତ କରିଛି।

## ଭିଜିଲାନ୍ସ ଜାଲରେ ପିଇଓ



ହାଟଡିହୀ,୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ କାର୍ଯ୍ୟରତ ପିଇଓ ଜିତେନ୍ଦ୍ର ଜେନାଙ୍କ ମରୈଗାଁସ୍ଥିତ ଘର ଓ ବସନ୍ତିଆ ବଜାରରେ ପତ୍ନୀଙ୍କ ନାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଭିଜିଲାନ୍ସ ଚଢ଼ଉ କରିଛି। ମୋଟ ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଯାଞ୍ଚ ଚାଲିଥିଲା ବେଳେ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରେ ୨ଟି ବହୁମହଲା କୋଠା, ଉତ୍ତରା ଭୁବନେଶରରେ ଗୋଟିଏ ଫ୍ଲାଟ ଏବଂ ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁମହଲା କୋଠା ସହ ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ୧୦୦ ଗ୍ରାମ ସୁନା, ନଗଦ ୬.୨୦ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଗାଡ଼ି ଏବଂ ୪ଟି ଦୁଇଚକିଆ ଗାଡ଼ି ରହିଥିବା ନେଇ ସୂଚନା ମିଳିଛି। ଖବର ଲେଖାଯିବା ଯାଏଁ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରସ୍ଥିତ ଏସବିଆଇ ବ୍ୟାଙ୍କରେ ଗୋଟିଏ ଲକର୍ ଏବଂ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ ଆଦିରେ ଜମା ଏବଂ ଅନ୍ୟାନ୍ୟ ନିବେଶ ଇତ୍ୟାଦି ଯାଞ୍ଚ କରାଯାଉଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ

ଭୁବନେଶ୍ୱର,୩୦।୧୨(ସମିସ): ତାମିଲନାଡୁରେ ଜଣେ ଓଡ଼ିଆ ଯୁବକଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ବାହାରେ କର୍ମରତ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଉଦବେଗ**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଣେ ନିରୀହ ଓଡ଼ିଆ ପୁଅ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୨୨ ଆଇଏଏସ୍, ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି

## ପଦୋନ୍ନତି ପାଇଁ ଯୋଗ୍ୟ ସତ୍ତ୍ୱେ ୨ ବରିଷ୍ଠ ଆଇପିଏସ୍‌ଙ୍କ ପାଇଁ ପଦ ନାହିଁ

ଭୁବନେଶ୍ୱର,୩୦।୧୨(ସମିସ): ବିଭିନ୍ନ ବ୍ୟାଚର ୨୨ ଜଣ ଆଇଏସ ଓ ୧୨ ଆଇପିଏସ୍‌ଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତେବେ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ପଦ ଖାଲି ନ ଥିବାରୁ ଦୁଇ ବରିଷ୍ଠ ଆଇପିଏସ୍‌ଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି।

୨୦୧୦ ବ୍ୟାଚର ୬ ଜଣ ଆଇଏଏସ ଯଥା ସୁଧାଂଶୁ ମୋହନ ସାମଲ, ରଶ୍ମିତା ପଣ୍ଡା, ବୃନ୍ଦା ଡି., ଏମ୍‌ଡି ସାଦିକ ଆଲାମ, ମାନସୀ ନିମ୍ଭାଲ ଓ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବର୍ଗ -୧୪କୁ ପଦୋନ୍ନତି ମିଳିଛି। ୨୦୧୩ ବ୍ୟାଚର ୧୧ ଜଣ ଆଇଏଏସ ମଧୁସ୍ମିତା ସାହୁ, ଶୁଭମ ସାକ୍ସେନା, ମନୀଷା ବାନାର୍ଜୀ, ବିଜୟ ଅମୃତା କୁଲାଙ୍ଗେ, କଲ୍ୟାଣ କୁମାର ରଥ, ଶୁଭଶ୍ରୀ ନନ୍ଦ, ବିଜୟ କୁମାର ପୃଷ୍ଟି, କାଳୀପ୍ରସନ୍ନ ମହାପାତ୍ର, ରଘୁରାମ ଆର୍. ଆୟର, ସତ୍ୟବ୍ରତ ରାଉତ, ଦୀପକ ରଞ୍ଜନ ଦାସଙ୍କୁ ଲେଭୁଲ-୧୩କୁ ପଦୋନ୍ନତି ଦିଆଯାଇଛି। ସେହିପରି ୨୦୨୨ ବ୍ୟାଚର ୫ ଜଣ ଆଇଏଏସ ଆକାଭରମ ଏସ୍. ରେଡ୍ଡି, ଅକ୍ଷୟ ପିଲୟ, ଅରୁଗୁଲା ସ୍ନେହା, ସମୀର କୁମାର ଜେନା ଓ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବର୍ଗ-୧୧କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଅନୁରୂପ ଭାବରେ ଡ଼ିଜି ପାହ୍ୟାକୁ ପଦୋନ୍ନତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡା ଓ ଯଶୋବନ୍ତ ଜେଠୱା। ମାତ୍ର ଡିଜି ପଦବୀ ଖାଲି ନ ଥିବାରୁ ସେମାନଙ୍କ ପଦୋନ୍ନତି ସ୍ଥଗିତ ରଖାଯାଇଛି। ସେହିପରି ଡଃ. ସତ୍ୟଜିତ୍ ନାୟକ ଓ ଡଃ. ଉମାଶଙ୍କର ଦାସ ଆଇଜି ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ମଦକର୍ ସନ୍ଦୀପ ସମ୍ପଦ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୁଧାଂଶୁ ଶେଖର ମିଶ୍ରଙ୍କୁ ଡିଆଇଜି ପାହ୍ୟା, ଡେପୁଟେସନ୍‌ରେ ଥିବା ବରିଷ୍ଠ ଆଇପିଏସ୍ ଡଃ. ସୋରୟା ଥାଙ୍ଗପାନ୍ ଏବଂ ସାଇନୀ ଏସ୍‌ଙ୍କୁ ଅତିରିକ୍ତ ଡିଜି ପ୍ୟାହ୍ୟାକୁ ପଦୋନ୍ନତି ପାଇଛନ୍ତି। ଅନୁରୂପ ଭାବରେ ଜଗମୋହନ ମିନା, ମୁକେଶ କୁମାର ଭାମୋ, ପରମାର ସ୍ମିତ୍ ପରୋଷତମ୍ଦାସ, ରାହୁଲ ପିଆର୍, ଅନୁପମା ଜେମ୍ସ ଏବଂ ଏଲ୍. ଦିବ୍ୟା ଭିଙ୍କୁ ଲେଭୁଲ୍ ୧୩କୁ ପଦୋନ୍ନତି ମିଳିଛି। ଏମାନଙ୍କ ମଧ୍ୟରୁ କିଛି ଅଧିକାରୀ ବର୍ତ୍ତମାନ ରାଜ୍ୟରେ କାମ କରୁଥିଲା ବେଳେ ଆଉ କିଛି କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି।

# ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩୦।୧୨(ସମିସ): ୧୪ତମ ନିଯୁକ୍ତି ମେଳା ମଙ୍ଗଳବାର ଭୁବନେଶ୍ୱର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ




ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ, ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ, ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍‌ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିଯୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଧାନକିଣା; ସମ୍ପୂର୍ଣ୍ଣ ବାଟବଣା: ବିଜେଡି

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ କରି ବାହାବା ନେଉଥିବା ରାଜ୍ୟ ସରକାର ବାସ୍ତବରେ ଚାଷୀଙ୍କ ପ୍ରତି ପ୍ରତାରଣା କରୁଛନ୍ତି ବୋଲି କହିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ବିଜେଡି କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଯେ ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନ କିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ନିକଟରେ କେନ୍ଦ୍ର ସରକାରଙ୍କ ବୈଠକରେ ଧାନ କିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡିଶା ଠାରୁ ଛତିଶଗଡ଼ରେ ଅଧିକ ରହିଛି। ଛତିଶଗଡ଼



ଓଡ଼ିଶାଠାରୁ କମ୍ ଧାନ ଉତ୍ପାଦନ କରୁଛି। ମାତ୍ର ଓଡ଼ିଶା ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନକିଣା ଲକ୍ଷ୍ୟ ଥିବାବେଳେ ଛତିଶଗଡ଼ରେ ଏହି ପରିମାଣ ୮୦ ଲକ୍ଷ ଟନ୍। ଓଡ଼ିଶା ସରକାର ଏ ପ୍ରସଙ୍ଗରେ ନିରବ ରହିଛନ୍ତି। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରାଜ୍ୟ ଯୋଗାଣ ନିଗମ ଉପରେ ଋଣ ଭାର ୧୮,୮୮୬ କୋଟି ଟଙ୍କା ଓ ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ନିକଟରୁ ୮୧୨୧ କୋଟି ଟଙ୍କା ଓଡ଼ିଶା ପାଇବାର ଅଛି। ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ

**■ ଛତିଶଗଡ଼ରେ ୪୦%, ଓଡ଼ିଶାରେ ମାତ୍ର ୮ ପ୍ରତିଶତ**
**■ ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି**


ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ। ପଞ୍ଜିକରଣ ନହେଲେ ଚାଷୀ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ। ସରକାର ଦାରୁଭୂତ ମୁରାରୀ ହୋଇ ବସି ରହିଛନ୍ତି। ଚାଷୀଙ୍କୁ ଶୋଷଣ କରିବାର ସମସ୍ତ ଉପାୟ ସରକାର ଅବଲମ୍ବନ କରୁଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯେଉଁ ୮୦୦ ଟଙ୍କା ଇନପୁଟ ସବସିଡି କଥା କହିଥିଲେ ତାହା ପ୍ରଦାନ ନକରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତି ରାଜ୍ୟ ସରକାର ଅବଲମ୍ବନ କରୁଛନ୍ତି । ଯୋଗାଣ ମନ୍ତ୍ରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ କିଣା ଯିବ ନାହିଁ ବୋଲି କହିଥିବା ବେଳେ କ୍ୟାବିନେଟ ବୈଠକରେ ସମସ୍ତ ବଳକା ଧାନ କିଣାଯିବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଚାଷୀ ଧାନ ବିକିବା ପାଇଁ ସକ୍ଷମ ହୋଇଥିଲା ବେଳେ ଛତିଶଗଡ଼ରେ ୪୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିସାରିଲେଣି । କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ । ରାଜ୍ୟର କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ବଆଁରପାଳରେ ନକଲି ମଦ କାରଖାନା

ବଆଁରପାଳ, ୩୦।୧୨(ସମିସ) : ବଆଁରପାଳ ବ୍ଲକ ମହୀଧର ପୁର ଗ୍ରାମରେ ଅନୁଗୋଳ ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ ପୁଲିସ ତଳମୂଳ ଗ୍ରାମରେ ଚଢ଼ଉ କରି ୫୦୦ ଲିଟର ନକଲି ମଦ ଜବତ କରିଛି। ନାମୀ ଦାମୀ ମଦ ବ୍ରାଣ୍ଡକୁ ନକଲ କରାଯାଇ ଏଠାରେ ମଦ ପ୍ରସ୍ତୁତ କରାଯାଉଥିଲା। ମଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ୮୦୦ ଲିଟର ସ୍ପିରିଟ୍ ମଧ୍ୟ ଜବତ ହୋଇଛି। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ତଳମୂଳରେ ନକଲି ମଦ ପ୍ରସ୍ତୁତ ହେଉଥିବା ଖବର ମିଳିବା ପରେ ଚଢ଼ଉ କରିବା ପାଇଁ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ଏବଂ ବଆଁରପାଳ ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ। ଚଢ଼ଉ ବେଳେ ମଦ ପ୍ରସ୍ତୁତିରେ ସଂପୃକ୍ତ ଥିବା ଲୋକମାନେ ପୁଲିସ ଭୟରେ ସ୍ଥାନ ଛାଡ଼ି ପଳାଇଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ନକଲି ମଦ, ନକଲି ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ, ଲେବୁଲ ଲେବଲିଂ ମେସିନ, ଠିପି ଇତ୍ୟାଦି ବିପୁଳ ପରିମାଣର ଜବତ କରାଯାଇଛି। ସଂପୃକ୍ତ ମଦ ବେପାରୀଙ୍କ ଘରେ ଚଢ଼ଉ ଜାରି ରହିଛି। ଆହୁରି ଅଧିକ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହେବା ସମ୍ଭାବନା ରହିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମଦ ଫ୍ୟାକ୍ଟ୍ରି ଏଭଳି ସ୍ଥାନରେ କରାଯାଇଥିଲା, ଯାହା ଉପରେ ପୁଲିସ କି ସାଧାରଣ ଜନତାଙ୍କ ନଜର ପଡ଼ିବା ଅସମ୍ଭବ। ଏଠାକୁ ସାଧାରଣ ଜନତାଙ୍କ ଯାତାୟାତ ନଥିବାବେଳେ କେବଳ ମଦ ପ୍ରସ୍ତୁତକାରୀ, ଫାକ୍ଟ୍ରି କର୍ମଚାରୀ ଏଠାକୁ ଯିବା ଆସିବା କରୁଥିଲେ। ନକଲି ମଦକୁ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ହୋଟେଲ, ଢାବା, ପାନ ଦୋକାନ, ଜଳଖିଆ ଦୋକାନ ଇତ୍ୟାକୁ ଚାଲାଣ କରାଯାଉଥିଲା।

**୫୦୦ ଲିଟର ନକଲି ମଦ, ୮୦୦ ଲିଟର ସ୍ପିରିଟ୍ ଜବତ**



**ପୁଲିସ ହାତରେ ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍**

# ମୁଖିଆ ସମେତ ୩ ଗିରଫ





**ରାଉରକେଲା, ୩୦ା୧୨(ସମିସ)**

ସ୍ମାର୍ଟ୍ ସିଟି ରାଉରକେଲାରେ ଚାଲିଥିବା ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍‌ର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଏବଂ ବିପୁଳ ପରିମାଣର ଗୁଳି ଜବତ କରାଯାଇଛି। ଏହି ଘଟଣାର ମୁଖ୍ୟ ଆସାମୀ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଲ୍/୩୦୪ ଘରେ ରହୁଥିବା ରତନ କୁମାର ସା (୫୮)। ତା' ଠାରୁ ଗୋଟିଏ ପିସ୍ତଲ, ୨୫ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ, ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ସେହିପରି ଗିରଫ ଅନ୍ୟ ଅଭିଯୁକ୍ତ ଦ୍ୱୟ ହେଲେ ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲ ଟାଉନସିପ ଓ/୧୪ ଘରର ଦୁଇ ଭାଇ ରମନଦୀପ ସିଂ(୩୫) ଏବଂ ତାଙ୍କ ଭାଇ। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଓ ମନଦୀପ ସିଂ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଜବତ କରାଯାଇଛି। ଏନେଇ ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ଅଧିକ ସୂଚନା ଦେଇ କହିଛନ୍ତି, ସହରରେ ବନ୍ଧୁକ ରାକେଟ ଚାଲିଥିବା ନେଇ ସୂଚନା ମିଳିବା ପରେ ଏହି ଆଧାରରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି କିଛି ବନ୍ଧୁକ ଜବତ କରାଯାଇଥିଲା। ତେବେ ପଚରାଉଚରା ପରେ ସେଗୁଡିକ ଜାଲ ପରିଚୟ ପତ୍ର, ଆଧାର କାର୍ଡ ତଥା ଅନ୍ୟାନ୍ୟ ଜାଲ କାଗଜପତ୍ର ବ୍ୟବହାର କରି ଅନ୍ୟ ରାଜ୍ୟରୁ ବେଆଇନ ବନ୍ଧୁକ ଲାଇସେନ୍ସ ସଂଗ୍ରହ କରୁଥିବା ଜଣାପଡିଥିଲା। ପ୍ରତି ଲାଇସେନ୍ସ ପାଇଁ ୫ ରୁ ୧୦ ଲକ୍ଷ ଟଙ୍କାରେ ଅଲ୍ ଇଣ୍ଡିଆ ଲାଇସେନ୍ସ ଦେବାକୁ କହି ସେମାନେ ଏହି ବେଆଇନ ବନ୍ଧୁକ କାରବାର ଚଳାଇ ଆସିଥିଲେ। ରାଉରକେଲାରୁ କଲିକତା, ନାଗାଲାଣ୍ଡ ଯାଏଁ ରାକେଟର ଚେର ଲମ୍ବିଛି ବୋଲି କହିଛନ୍ତି ଏସ୍‌ପି ନିତେଶ ୱାଧୱାନୀ। ନାଗାଲାଣ୍ଡରେ ନକଲି କାଗଜପତ୍ର ଜରିଆରେ ସେମାନେ ଏହି ବନ୍ଧୁକ ଚୋରା ରାକେଟ ଚଳାଇ ଆସିଥିଲେ। ବର୍ତ୍ତମାନ୍ ଯାଏଁ କିଛି ସ୍ଥାନୀୟ ଲୋକଙ୍କୁ ବନ୍ଧୁକ ଚାଲାଣ କରିଥିବା ତଦନ୍ତରୁ ଜଣାପଡ଼ିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ମିଳିଛି।

**ନାଗାଲାଣ୍ଡ ଓ କଲିକତାକୁ ଲମ୍ବିଛି ଚେର**

# 'ରୋଜା' ପକ୍ଷରୁ 'ଆଜା ନାଚଲେ' ନୃତ୍ୟ ପ୍ରତିଯୋଗିତା

**ରାଉରକେଲା,୩୦ା୧୨(ସମିସ):** ରାଉରକେଲାର ନୃତ୍ୟ ବିସ୍ମୟ ରୋଜା ରଣାଙ୍କ ନାମରେ ନାମିତ ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ ତିନି ଦିନ ଧରି ଆୟୋଜିତ ନୃତ୍ୟ ପ୍ରତିଯୋଗୀତା 'ଆଜା ନାଚଲେ' କାର୍ଯ୍ୟକ୍ରମ ସିଭିକ ସେଣ୍ଟରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓଲିଉଡ ନାୟିକା ଅଙ୍କିତା ଦାସ, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ସମାଜ ସେବୀ କମଳ ଅଗରୱାଲ, ଶିଳ୍ପଦ୍ୟୋଗୀ ଶ୍ରେୟା ମହାନ୍ତି, ଲାୟନ୍ସ କ୍ଲବର ସଭାପତି ବୈଶାଳୀ ଖେଡିଆ, ଡାକ୍ତର ଅମିତ ଦାସ ଓ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଅଭୟ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ନୃତ୍ୟାନୁଷ୍ଠାନର ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଆଲୋକ ଜେନା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ଦୀପିକା ପାତ୍ରଙ୍କ ନୃତ୍ୟାଙ୍ଗନା ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ସହ ବଲିଉଡ ନୃତ୍ୟାଙ୍ଗନା ରୋଜା ଏବଂ ତାଙ୍କ ଗ୍ରୁପ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ବିଜୟ ମୁଖୀଙ୍କ ଜୁମ୍ବା ନୃତ୍ୟ ଶୈଳୀରେ ସ୍ଥାନୀୟ ମହିଳାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଓଲିଉଡ ନାୟିକା ଅଙ୍କିତା ସିନେ ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ମୋନାଲିସା ସାହୁ କର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସସ୍ମିତା ଜେନା, ସୂରଜ ତନ୍ତି, ସୋମ୍ୟଶ୍ରୀ ନାୟକ, ରୁବି ପାତ୍ର, ବିଭୁତି ଭୂଷଣ ସେଠୀ, ହରେନ୍ଦ୍ର ନାୟକ, ଅନୁ ତନ୍ତି, ମୁକେଶ, ମନୀଷା ରାଣୀ, ଚିରଞ୍ଜିବୀ, ପୟୋସିନୀ, ସବିତା ଜେନା, ମନୀଷା ଜେନା ଓ କ୍ଷିତିଶ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶାସ୍ତ୍ରୀୟ ଓ ପାଶ୍ଚାତ୍ୟ ଏକକ ଓ ଦଳୀୟ ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ୨୩୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଶାସ୍ତ୍ରୀୟ ନୃତ୍ୟରେ ବ୍ରହ୍ମପୁରରୁ ଓଡିଶୀ ଗୁରୁ ଦେବୀ କୁମାରୀ ପ୍ରଧାନ, ରାଉରକେଲାରୁ ଭାରତନାଟ୍ୟମ ଗୁରୁ ସୁଚିସ୍ମିତା ବିଶ୍ୱାସ ଏବଂ ପାଶ୍ଚାତ୍ୟ ନୃତ୍ୟ ପାଇଁ ସୁଦୂର ବଲିଉଡରେ ପରାକାଷ୍ଠା ଦେଖାଇଥିବା ରୋଜା ରାଣାଙ୍କ ସହିତ ଭୁବନେଶ୍ୱରରୁ ସୂର୍ଯାନ ରଥ ବିଚାରପତି ଭାବେ ଯୋଗଦେଇଥିଲେ। ଦୁଇ ଦିନ ଧରି ଚାଲିଥିବା ନୃତ୍ୟ ପ୍ରତିଯୋଗିତାକୁ ରୋଜା ନୃତ୍ୟାନୁଷ୍ଠାନର ଅଧକ୍ଷ୍ୟା ବିଷ୍ଣୁ ପ୍ରିୟା ସ୍ୱାଇଁଙ୍କ ସହ ନିର୍ଦ୍ଦେଶକ ଆଲୋକ ଜେନା ଓ ଅତିଥି ଭାବରେ ଆସ୍ଥା ଏନଜିଓର ଉପସଭାପତି ରାଜ କୁମାର ପଣ୍ଡା, ସଭାପତି ବିଷ୍ଣୁ ମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ। ରୋଜା ନୃତ୍ୟାନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଟୁନା ଗଡଉ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଶିବାନୀ ରାଣା ନୃତ୍ୟ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ। ଉକ୍ତ ଦୁଇ ଦିନର ପ୍ରତିଯୋଗିତାକୁ ଶ୍ରେୟା ମହାନ୍ତି ଓ ସ୍ମୃତି ରଞ୍ଜନ ନାୟକ ପରିଚାଳନା କରିଥିଲେ।



# ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ



**ରାଉରକେଲା,୩୦ା୧୨(ସମିସ):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଉରକେଲା ଉଦିତନଗର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଘେରଉ କରାଯାଇଥିଲା। ଓଡ଼ିଶାର ଟାଟା ପାୱାର ଯେପରି ଭାବରେ ଜନସାଧାରଣଙ୍କ ନିକଟରୁ ଗୁଣ୍ଡାଗିରି କଲାଭଳି ଇଲେକ୍ଟ୍ରିକ୍ ବିଲ୍ ବାବଦ ଟଙ୍କା ଆଦାୟ କରୁଛନ୍ତି ଏବଂ ଅତିରିକ୍ତ ଜମାରାଶି ପାଇଁ କୁହାଯାଉଛି, ତାହାକୁ କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ସବିର ହୁସେନଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ରବି ରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଖଗେନ ସେଠି, ଆଦେଶ ସୁନା, ସାକିର ହୁସେନ, ଝରଣା ତ୍ରିପାଠୀ, ମନୋଜ ପାଣିଗ୍ରାହୀ, ଶରତ ପାଢୀ, ଶିବ ସୁନା, ସେନାପତି ପୃଷ୍ଟି, ବିଜୟ ନାହାକ, ଡେଭିଡ୍ ରାଓ, ଦୁଗା ନାୟକ, ଅକରମଉଲ ହକ୍, ସୁଖଦେବ ତାଣ୍ଡି, ଲକ୍ଷ୍ମୀଧର କୁସଲ, ଅନକିତ ମୁଗୁରୀ, ରୋହିତ ନନ୍ଦ, ସଞ୍ଜୟ ଛତର, ରଷି କୁମ୍ଭାର, ସୁମିତ ନାଗ, ଭୋଲା ମହାନନ୍ଦ, ରାହୁଲ କୁଶଲ, ଶ୍ରୀକାନ୍ତ ମହାନନ୍ଦ, ଜଗଦୀଶ ଛତର, ଅମନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପିର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



**ରାଉରକେଲା,୩୦ା୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ଚାଲିଥିବା ତ୍ରିଦିବସୀୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସଭାପତି ଡ. ସଞ୍ଜୀବ ନାୟକ, ସମ୍ପାଦକ ଶ୍ୱେତାଂଶୁ ବରାଇ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଦୁଇଟି ପ୍ରସ୍ତାବ ପାରିତ କରିଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମର ବ୍ୟବସ୍ଥା ଦାୟିତ୍ୱରେ ଥିବା କାର୍ଯ୍ୟକର୍ତ୍ତାମାନଙ୍କର ପରିଚୟ ରଖାଯାଇଥିଲା ଏବଂ ଆଗାମୀ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା। ରାଷ୍ଟ୍ର 'ନିର୍ମାଣରେ ମୂଳ ସୁତ୍ରଧର ହେଉଛନ୍ତି ବିଦ୍ୟାର୍ଥୀ' ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପଶ୍ଚିମର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ପଣ୍ଡା, ରାଷ୍ଟ୍ରୀୟ ଜନଜାତି କାର୍ଯ୍ୟ ପ୍ରମୁଖ ପ୍ରମୋଦ ରାଉତ, ବିଭାଗ ସଙ୍ଗଠନ ସମ୍ପାଦକ ଜୀବନ ଜ୍ୟୋତି ରାଉତ, କାର୍ଯ୍ୟକ୍ରମର ବ୍ୟବସ୍ଥା ପ୍ରମୁଖ ଅଧାପକ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ୧୪ ଜିଲ୍ଲାରୁ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକର୍ତ୍ତା ଓ ୧୦୦ରୁ ଉର୍ଦ୍ଧ୍ୱ ଅଧାପକ ଅଧାପିକା ଯୋଗ ଦେଇଥିଲେ। ପୁରାତନ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଶୁଭେଚ୍ଛୁ ମଧ୍ୟ ସହଯୋଗ କରିଥିଲେ। ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ ସହ ଧ୍ୱଜା ଅବତରଣ କରାଯାଇ ଅଧିବେଶନ ଉଦ୍‌ଯାପିତ ହୋଇଥିଲା।

# ଆଦର୍ଶ ଯୁବ ପରିଷଦର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ରାଉରକେଲା,୩୦ା୧୨(ସମିସ):** ସହରର ଅଗ୍ରଣୀ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଦ୍ୱାରା ବର୍ଷ ତମାମ ଚାଲିଥିବା ରୌପ୍ୟ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ସେକ୍ଟର-୭ ସ୍ଥିତ ମଧୁ ମଣ୍ଡପଠାରେ ଆୟୋଜିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡିଆ ଭାଷା ସଚେତନତା ପ୍ରତିଯୋଗିତା (ଲିଖିତ), ଭାଷା ଓ ସାହିତ୍ୟଭିତ୍ତିକ କାର୍ଯ୍ୟକ୍ରମ "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ରମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର, ବୃକ୍ଷ ଚାରା ବଣ୍ଟନ ଓ ଦିବସ ତମାମ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ପରିଷଦର ସଭାପତି ବରଦା ପ୍ରସନ୍ନ ଦାସଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁବ୍ରତ ତରାଇ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଉରକେଲାର ସହ ବନ ସଂରକ୍ଷକ ସୁରଜିତ ସାହୁ ଯୋଗଦେଇଥିଲେ। ସ୍ଥାନୀୟ ଡିଏଫ୍‌ଓଙ୍କ ନେତୃତ୍ୱରେ ରାଉରକେଲା ବନଖଣ୍ଡରେ ଚାଲିଥିବା ଜଙ୍ଗଲ ସୃଷ୍ଟି, ବନ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଲୋକେ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ। ଆୟୋଜିତ ଆଲୋଚନାଚକ୍ରରେ ବିଶ୍ରା ମହାବିଦ୍ୟାଳୟର ଅଧ୍ୟାପକ ଡ. ନଗେନ ଦାସ ଆଲୋଚକ ଭାବେ ଯୋଗଦେଇ ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଓ ଇଂରେଜମାନଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ ଦ୍ୱାରା ଓଡିଶା ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ଲାଭ କରିଥିଲା ବୋଲି କହିଥିଲେ। ଆଲୋଚନାର ଶୀର୍ଷକ ଉପରେ ସମୀକ୍ଷା କରି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଦାଶ କୌଣସି ଜାତିର ଭାଷା ଓ ସାହିତ୍ୟ ତାର ଅପରିହାର୍ଯ୍ୟ ଅଙ୍ଗ ଅଟେ ବୋଲି କହିଥିଲେ। ସନ୍ଧ୍ୟାରେ ୨୬ତମ ବାର୍ଷିକୋତ୍ସବର ଶୁଭାରମ୍ଭ କରାଯାଇଥିଲା। ପ୍ରଶାନ୍ତ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ପରେ କୁନି କୁନି ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଫ୍ଲାଇଙ୍ଗ କଲର୍ସ, ରାଇମ୍‌ସ ଆବୃତ୍ତି, କୌତୁକ ବେଶ, ଲୋକ ନୃତ୍ୟ ଏବଂ ଅଣଶାସ୍ତ୍ରୀୟ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଦ୍ୱିବେଦୀ, ସରୋଜ ଷଡଙ୍ଗୀ, ଶୈଳେନ୍ଦ୍ର ରାଉତ, ଉମେଶ ଷଡଙ୍ଗୀ, ସୁନନ୍ଦା ପାତ୍ର, ସସ୍ମିତା ଦାସ, ଅର୍ଚ୍ଚନା ସାହୁ, ସୁଚିତ୍ରା ପାଣି, ବନଲତା ବେହେରା, ଅଜିତା ପ୍ରଧାନ, ଅଂଶୁମାନ ପାତ୍ର, ମନୋଜ କୁମାର ନାୟକ, ବିଜୟ କୁମାର ସାହୁ, ଅମନଦୀପ ପାତ୍ର, ସୌମ୍ୟରଞ୍ଜନ ଭୋଳ, ସୌମ୍ୟରଞ୍ଜନ ପରିଡା, ଚିତ୍ତ ସେଠୀ, ବିଜୁ ବାରିକ, ସୌମ୍ୟ ଷଡଙ୍ଗୀ, ବଂଶିକା ଷଡଙ୍ଗୀ, ଦିନେଶ ସିଂହ, ନିକିତା ରାଉତ, ଶେଷ ବଘାର, ରାଜୀବ ବାଗ, ଧନଞ୍ଜୟ ଦଣ୍ଡପାଟ, ଦୈତାରୀ ସାହୁ, ସଲୀଲ ଦାସ ସହଯୋଗ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ସତ୍ୟ ସୁନ୍ଦର ପାତ୍ର ଧନ୍ୟବାଦ ଦେଇଥିଲେ।



# ଧାନ ଚୋରା ଚାଲାଣ କରୁଥିବା ପିକ୍‌ଅପ୍ ଜବତ

**ବଣାଇଁ,୩୦ା୧୨(ସମିସ):** ଏକ ପିକଅପ ଭ୍ୟାନରେ ଧାନ ଦେବଗଡ଼ ଜିଲ୍ଲା ଅଞ୍ଚଳରୁ ବାହାରକୁ ଚୋରା ଚାଲାଣ ହେଉଥିବା ବେଳେ ଜାଙ୍ଗଲା ସିଆଁଯୋର ନିକଟରେ ଯୋଗାଣ ବିଭାଗ ତାହାକୁ ଜବତ କରିଛି। ତଦନ୍ତ ପରେ ଉପଜିଲ୍ଲାପାଳ ଉକ୍ତ ଭ୍ୟାନ୍‌କୁ ସିଜ୍ କରିଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରେ ଟିକେ ବିଳମ୍ବ ରେ ମଣ୍ଡି ଖୋଲିଥିବାରୁ ଏହାର ଫାଇଦା ନେଇ ଅସାଧୁ ବ୍ୟବସାୟୀ ଗରିବ ଚାଷୀଙ୍କ ଠାରୁ ଶସ୍ତାରେ ଧାନ କିଣି ବାହାରକୁ ଚାଲାଣ କରୁଛନ୍ତି। ଏନେଇ ଖବର ପାଇ ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ନିର୍ଦ୍ଦେଶ କ୍ରମେ କିପରି ବାହାରକୁ ଧାନ ଚାଲାଣ ହେବନି ସେଉପରେ ନଜର ରଖିଥିଲେ ଯୋଗାଣ ବିଭାଗ। ଲହୁଣୀପଡା, ରାଜାମୁଣ୍ଡା, ଗୁରୁଣ୍ଡିଆ, ଜୀବିକା, ଖୁଣ୍ଟଗାଁ ଅଞ୍ଚଳରେ କେତେକ ଅସାଧୁ ବ୍ୟବସାୟୀ ଗରିବ ଲୋକଙ୍କ ଠାରୁ ଧାନ କିଣି ରାଜ୍ୟ ବାହାରକୁ ପଠାଉଥିବା ନଜିର ରହିଛି। ଏନେଇ ବଣାଇଁ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର ସାହୁ ଚୋରା ଚାଲାଣ ରୋକିବା ଲାଗି ସ୍କ୍ୱାର୍ଡ ଗଠନ କରି ଚଢ଼ଉ ଜାରି ରଖାଯାଇଛି ବୋଲି କହିଛନ୍ତି।




# ୨ ବାଇକ୍ ଧକ୍କା; ୨ ଆହତ

**ରାଉରକେଲା,୩୦ା୧୨(ସମିସ):** ରିଂରୋଡ ଠାରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏଥିରେ ଦୁଇ ବାଇକ୍ ଚାଳକ ଆହତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ଅପରାହ୍ନରେ ସେକ୍ଟର -୨ରୁ ଆମ୍ବଗାନ ଛକ ମଧ୍ୟରେ ଥିବା ରାସ୍ତାରେ ହଠାତ୍ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଚାଳକ ଦ୍ୱୟ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା। ଖବର ଲେଖା ହେବା ଯାଏଁ ସେମାନଙ୍କ ପରିଚୟ ମିଳିପାରି ନାହିଁ।

# ଆର୍‌ଏସ୍‌ପିରେ ଆଧୁନିକ କାର୍ଯ୍ୟକ୍ଷେତ୍ର ଦକ୍ଷତା ଉପରେ ତାଲିମ

**ରାଉରକେଲା, ୩୦ା୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଡିସେମ୍ବର ୨୯ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏଆଇୱର୍କ: ଆଧୁନିକ କାର୍ଯ୍ୟସ୍ଥଳୀରେ ଦକ୍ଷ କୌଶଳ ସହିତ ଦକ୍ଷ ସେଲ୍' ଶୀର୍ଷକ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପିକେ ସାହୁ ଅଧକ୍ଷତା କରିଥିବା ବେଳେ ଜିଏମ୍‌ଏଚ୍ ପତି ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନର ବିଭିନ୍ନ ବିଭାଗରୁ ମୋଟ ୨୫ ଜଣ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ଆଇ ଆଣ୍ଡ ଏ ବିଭାଗର ସିଜିଏମ କେକେ ସେନଗୁପ୍ତା ଏବଂ ପିକେ ସାହୁ ଅଧକ୍ଷତା କରି ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ। ଅଧିକାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପକରଣଗୁଡ଼ିକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ସକ୍ଷମ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଦୈନନ୍ଦିନ କାର୍ଯ୍ୟରେ ସୁଯୋଗ ଚିହ୍ନଟ କରିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ସହିତ ସଜ୍ଜିତ କରିବା ଯେଉଁଠାରେ କୃତ୍ରିମ ବୁଦ୍ଧିମତା ଦକ୍ଷତା, ଯୋଗାଯୋଗ ଏବଂ ନିଷ୍ପତ୍ତି ଗ୍ରହଣକୁ ଉନ୍ନତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ତଥ୍ୟ, ଏମ୍‌ଆଇଏସ୍, ଉପସ୍ଥାପନା ଏବଂ ରିପୋର୍ଟ ପରିଚାଳନା କରୁଥିବା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଧିବେଶନରେ ଆଲୋଚ୍ୟ ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ଦୈନନ୍ଦିନ ଉତ୍ପାଦକତା ପାଇଁ ତ୍ୱରିତ ଇଞ୍ଜିନିୟରିଂ ଏବଂ କୃତ୍ରିମ ବୁଦ୍ଧିମତା ଉପକରଣଗୁଡ଼ିକର ହାତପାଆନ୍ତାରେ ଏକ୍ସପୋଜର ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମକୁ ଏମ୍‌ଟିଆଇର ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିନିୟର ମ୍ୟାନେଜର ଚନ୍ଦ୍ର ନାଥ କୁମାର ପରିଚାଳନା କରିଥିଲେ।



# ଆର୍‌ଏସ୍‌ଏସ୍ ପକ୍ଷରୁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ

**ରାଉରକେଲା,୩୦ା୧୨(ସମିସ):** ଆଇଜିଏଚ କର୍ମଚାରୀଙ୍କ ପାଇଁ ଆରଏସଏସ ପକ୍ଷରୁ ବହୁ ପ୍ରତିକ୍ଷିତ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର ବରିଷ୍ଠ ଉପସଭାପତି ଅକ୍ଷୟ ଜେନା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ବରିଷ୍ଠ ଉପସଭାପତି ଆର୍‌କେ ପଣ୍ଡା, ନିହାର ଦାସ, ସତ୍ୟ ସାହୁ, ରମେଶ ଚନ୍ଦ୍ର ଦତ୍ତ, ବୀରକିଶୋର ଶେଖରଦେଓ, ରଘୁନାଥ ଭୁକ୍ତା, ସମ୍ପାଦକ ଦୁର୍ଗା ଜେନା, ରମାକାନ୍ତ ପରିଡା, ସମର ମଣ୍ଡଳ, ଅଖିଳ ପୃଷ୍ଟି, ଅକ୍ଷୟ ବେହେରା, ବ୍ରଜ କିଶୋର ନାୟକ, ପିଏସ୍ ଷଡ଼ଙ୍ଗୀ, ସେବତୀ ଲୀଳା ବିଲୁଙ୍ଗ୍, ପଦ୍ମ ନାୟକ, ଘନଶ୍ୟାମ ନାୟକ, ଅର୍ଚ୍ଚନା ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ବେହେରା, ଡି. ନାୟକ, ଗାଙ୍ଗପୁର ମଜଦୂର ମଞ୍ଚର ଉପସଭାପତି ସନ୍ତୋଷ କୁଜୁର, ସୁଲେମାନ କାଉଡ଼ିଆଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଏବଂ ଆରଏଲସି ରବିକାନ୍ତ ରେଡ୍ଡୀଙ୍କ ଉପସ୍ଥିତିରେ ଆରଏଲସି ଅଫିସରେ ଆଜି ଏକ ତ୍ରିପାକ୍ଷିକ ଚୁକ୍ତିନାମା କରାଯାଇଥିଲା। ଏହି ଚୁକ୍ତିନାମା ଜରିଆରେ କ୍ଲଷ୍ଟରରୁ କ୍ଲଷ୍ଟର ୩ ବର୍ଷିୟା ପ୍ରଦୋନ୍ନତି ପାଇନଥିବା ଆଇଜିଏଚ ଅନେକ କର୍ମଚାରୀମାନଙ୍କୁ ତିନି ବର୍ଷିୟା ପ୍ରଦୋନ୍ନତି ଦେବାର ବ୍ୟବସ୍ଥା କରାଯିବା ସହିତ ନର୍ସିଂ ଅଧିକାରୀ, ବରିଷ୍ଠ ନର୍ସିଂ ଅଧିକାରୀ ଭଳି କିଛି ନୂଆ ଉପାଧି ଏବଂ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ, ମୁଖ୍ୟ ଫାର୍ମାସିଷ୍ଟ କମ୍ ଷ୍ଟୋର କିପର, ମୁଖ୍ୟ ରେଡିଓଲୋଜିଷ୍ଟ, ମୁଖ୍ୟ ଟେକ୍ନୋଲୋଜିଷ୍ଟ, ମୁଖ୍ୟ ଫିଜିଓଥେରାପିଷ୍ଟ ଭଳି କଟିଯାଇଥିବା ଅନେକ ସମ୍ମାନଜନକ ପଦନାମର ପୁନଃ ପ୍ରଚଳନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ତରଫରୁ ଆଇଜିଏଚ୍‌ର ସିଏମଓ ଡକ୍ଟର ଜୟନ୍ତ ଆଚାର୍ଯ୍ୟ, ଡକ୍ଟର ପ୍ରତିଭା ଷଡଙ୍ଗୀ, ଡକ୍ଟର ସୁଶୀଲ କୁମାର, ସିଜିଏମ ଏଚଆର ମାନସ ରଥ, ଜିଏମ ଏଚଆର ଜିଆର ଦାସ, ଏସସି ପରିଛାଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ଆଇଜିଏଚ୍‌ରେ ବିଷକ୍ରିୟାରେ ଗୁରୁତର ରୋଗୀଙ୍କ ସଫଳ ଚିକିତ୍ସା

**ରାଉରକେଲା, ୩୦ା୧୨(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରୀ ଦଳ ହେମୋପରଫ୍ୟୁଜନ୍ ଡାଏଲିସିସ୍ ମାଧ୍ୟମରେ ଗୁରୁତର ବିଷକ୍ରିୟାରେ ପୀଡିତ ଜଣେ ରୋଗୀଙ୍କ ଜୀବନ ବଞ୍ଚାଇଛନ୍ତି, ଯାହା ପଶ୍ଚିମ ଓଡ଼ିଶାର ସମଧରଣର ପ୍ରଥମ ଚିକିତ୍ସା ପ୍ରୟାସ ହୋଇଛି। ରୋଗୀ ଜଣଙ୍କୁ ଅଚେତ ଅବସ୍ଥାରେ ଆଇଜିଏଚକୁ ଅଣାଯାଇଥିଲା ଏବଂ ତୁରନ୍ତ ଇଣ୍ଟେନସିଭ୍ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ତାଙ୍କର ପାରାକ୍ୱାଟ୍ ଜନିତ ବିଷକ୍ରିୟା ଚିହ୍ନିତ ହୋଇଥିଲା, ଯାହା ଏକ ଅତ୍ୟନ୍ତ ପ୍ରାଣଘାତକ ବିଷକ୍ରିୟା ଥିଲା। ଏହି ପାରାକ୍ୱାଟ୍ ବିଷକ୍ରିୟାର କୌଣସି ପ୍ରତିଷେଧକ ନଥିବାବେଳେ ଏହାର ଏକମାତ୍ର ପ୍ରଭାବଶାଳୀ ଜୀବନ ରକ୍ଷାକାରୀ ହସ୍ତକ୍ଷେପ ହେଉଛି ହେମୋପରଫ୍ୟୁଜନ୍ ଡାଏଲିସିସ୍। ଯାହା ରକ୍ତ ପ୍ରବାହରୁ ବିଷାକ୍ତ ପଦାର୍ଥକୁ ନିଷ୍କାସନ କରିବା ପାଇଁ ୨୪ ଘଣ୍ଟା ମଧ୍ୟରେ ଆରମ୍ଭ କରାଯିବା ଆବଶ୍ୟକ ଥିଲା। ହେମୋପରଫ୍ୟୁଜନ୍ ଏକ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଏବଂ ଉନ୍ନତ ଡାଏଲିସିସ୍ କୌଶଳ ଯେଉଁଥିରେ ଶରୀରରୁ ଆବଶ୍ୟକୀୟ ପ୍ରୋଟିନ୍ ସଂରକ୍ଷଣ କରି ବିଷାକ୍ତ ପଦାର୍ଥକୁ ଏକ ସ୍ୱତନ୍ତ୍ର ଡାଏଲିସିସ୍ ମାଧ୍ୟମରେ ରକ୍ତରୁ ବାହାର କରାଯାଏ। ଏହି ପ୍ରକ୍ରିୟା ପାଇଁ ବିଶେଷ ଉପକରଣ, ବିଶେଷଜ୍ଞତା ଏବଂ ସଠିକ୍ ତଦାରଖ ଆବଶ୍ୟକ ହୋଇଥାଏ। ସମୟର ଗୁରୁତ୍ୱକୁ ବିଚାର କରି, ଆଇଜିଏଚର ମୁଖ୍ୟ ନେଫ୍ରୋଲୋଜିଷ୍ଟ ଡକ୍ଟର ଏସ୍.କେ. ରାଉତ ତାଙ୍କ ଉତ୍ସର୍ଗୀକୃତ ଦଳ ସହିତ ହସ୍ପିଟାଲରେ ଉପଲବ୍ଧ ସୁବିଧା ବ୍ୟବହାର କରି ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ। ସମୟୋଚିତ ହସ୍ତକ୍ଷେପ ସଫଳ ହୋଇଥିଲା, ଯାହା ପରେ ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା। ତାଙ୍କର ଗୁରୁତ୍ୱପୂର୍ଣ୍ଣ ପାରାମିଟରଗୁଡ଼ିକ ସ୍ଥିର ହୋଇଥିଲା ଏବଂ କୌଣସି ଜଟିଳତାକୁ ଏଡ଼ାଇବା ପାଇଁ ତାଙ୍କୁ ଦଶ ଦିନ ଧରି କଡ଼ା ନଜର ରଖାଯାଇଥିଲା। ଏହି ପ୍ରକ୍ରିୟା ଏବଂ ଚିକିତ୍ସା ପରବର୍ତ୍ତୀ ଯତ୍ନ ନର୍ସିଂ ଏବଂ ବୈଷୟିକ କର୍ମଚାରୀଙ୍କ ପ୍ରତିବଦ୍ଧ ପ୍ରୟାସ ଦ୍ୱାରା ସମର୍ଥିତ ଥିଲା। ଏଥିରେ ସିଷ୍ଟର ଅନିତା, ସିଷ୍ଟର ମୁନିତା, ଟେକ୍ନିସିଆନ୍ ଧନଞ୍ଜୟ, ଶ୍ରାବଣୀ, ମହିମା ଏବଂ କୃତ୍ରିମ କିଡନୀ ୟୁନିଟ୍‌ର ଅନ୍ୟାନ୍ୟ ସଦସ୍ୟମାନେ ସାମିଲ ଥିଲେ, ଯେଉଁମାନେ ରୋଗୀଙ୍କ ଆରୋଗ୍ୟ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଡକ୍ଟର ରାଉତ କହିଛନ୍ତି, ଆଇଜିଏଚ ବର୍ତ୍ତମାନ ହେମୋପରଫ୍ୟୁଜନ୍ ଡାଏଲିସିସ୍ ଆବଶ୍ୟକ କରୁଥିବା ବିଷକ୍ରିୟା ମାମଲା ଗୁଡିକର ପରିଚାଳନା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ଯଦି ରୋଗୀଙ୍କୁ ସଠିକ୍ ସମୟରେ ଚିକିତ୍ସା ନିମନ୍ତେ ଅଣାଯାଏ, ଏପରି ଚିକିତ୍ସା ପାଇଁ ଭୁବନେଶ୍ୱରକୁ ରେଫରାଲ୍ କରିବାର ଆବଶ୍ୟକତା ଦୂର ହୋଇପାରିବ।

■ ନିମ୍ନମାନର କାର୍ଯ୍ୟରୁ ଟାଙ୍କିରୁ ପାଣି ଝରୁଛି

# ଅନୁପଗଡ଼ ଗ୍ରାମରେ ପାନୀୟ ଜଳ ସଙ୍କଟ



**କୋମନା, ୩୦।୧୨ (ସମିସ):** ସରକାରୀ ଯୋଜନାରେ ଅବହେଳା ଓ ନିମ୍ନମାନର କାର୍ଯ୍ୟର ନଗ୍ନ ଚିତ୍ର ପଏଁର ପଞ୍ଚାୟତର ଅନୁପଗଡ଼ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ନିର୍ମିତ ହୋଇଥିବା ୧୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଏବେ ପରିତ୍ୟକ୍ତ ଅବସ୍ଥାରେ। ଟାଙ୍କିରୁ ପ୍ରବଳ ମାତ୍ରାରେ ପାଣି ଲିକ୍ କରୁଥିବାରୁ ଗ୍ରାମରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଛି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମାତ୍ର ଏକ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ବୃହତ ପାଣି ଟାଙ୍କି ନିର୍ମାଣ ସମୟରୁ ହିଁ ବିବାଦୀୟ ଥିଲା। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତିନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ପରିଣାମ ସ୍ୱରୂପ, ବ୍ୟବହାରର ଅଳ୍ପ ଦିନ ମଧ୍ୟରେ ଟାଙ୍କିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ପାଣି ବୋହିଯାଉଛି। ଟାଙ୍କିରୁ ପାଣି ନଷ୍ଟ ହେଉଥିବାରୁ ଘରକୁ ଘର ପାଣି ଠିକ ଭାବେ ପହଞ୍ଚି ପାରୁନାହିଁ। ସରକାରୀ ଅର୍ଥର ଦୁରୁପଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏନେଇ ବାରମ୍ବାର ପାନୀୟ ଜଳ ବିଭାଗକୁ କହିବା ସତ୍ତ୍ୱେ କେହି ଶୁଣୁନାହାନ୍ତି। ତୁରନ୍ତ ତଦନ୍ତ କରି ଦୋଷୀ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଟାଙ୍କିର ମରାମତି କରି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶୀଘ୍ର ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ

# ଜିଲ୍ଲାରେ ଚାକିରି ଆଶାୟୀଙ୍କୁ ତାଲିମ ଦେବାକୁ ଆହ୍ୱାନ

**ନୂଆପଡ଼ା, ୩୦।୧୨(ସମିସ)**



ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ବୈଠକ ଅନୁଷ୍ଠିତ ହେଉଛି। ସଭାରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର, ଏ ମାଧବୀ ଲତା, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ଏବଂ ଲାଇନ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ଜିଲ୍ଲାର ସବୁ କାର୍ଯ୍ୟାଳୟରେ ଓଏସଡବ୍ଲ୍ୟୁଏସ ମାଧ୍ୟମରେ ଅନଲାଇନ ଫାଇଲ ଗୁଡିକର ଆରମ୍ଭ ଏବଂ ସମାଧାନରେ ଉଲ୍ଲେଖନୀୟ ଉନ୍ନତି ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଉପନିର୍ଦ୍ଦେଶକ ପରିସଂଖ୍ୟାନ, ଡିଲେଶ୍ୱର ଧରୁଆ, ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ଦିନରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ପ୍ରଥମେ ପର୍ଯ୍ୟଟନ ବିଭାଗ ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯଥା ତୀଖାଳି ଡ୍ୟାମ, ଗୋଧସ ଜଳପ୍ରପାତ ଏବଂ ଜିଲ୍ଲା ସଂସ୍କୃତି ଭବନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତାହାର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ରାଜପଥ ବିଷୟରେ ଆଲୋଚନା କରି ମୁକୁଳା ଡ୍ରେନ ଘୋଡାଇବା ଜବରଦଖଲ ହଟାଇବା ଆଦି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ କହିଥିଲେ। ସେହିପରି, ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କୁ ଜିଲ୍ଲାରେ ଥିବା ଚାକିରି ଆଶାୟୀ ଯୁବାବର୍ଗଙ୍କୁ ପ୍ରଶାସନିକ, ବ୍ୟାଙ୍କିଙ୍ଗ, ଏସ୍‌ଏସ୍‌ସି ଏବଂ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଭାଗ ନେବା ନିମିତ୍ତ ତାଲିମ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା। ବୈଠକରେ ଜଳସେଚନ, ପଞ୍ଚାୟତିରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟଉନ୍ନୟନ ବିଭାଗ, ଉଠା ଜଳସେଚନ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ, ପ୍ରାଣୀସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି, ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ତହସିଲଦାରଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡିକେନ୍ଦ୍ରଙ୍କୁ ଜମି ପଟ୍ଟା ଯୋଗାଇ ଦେବା ସହିତ ସେମାନଙ୍କର ନୂତନ କୋଠା ନିର୍ମାଣ ଇତ୍ୟାଦି ବିଷୟ ଉପରେ ବିଶଦ ଆଲୋଚନା ହୋଇଥଲା। ଗ୍ରାମୋଦୟ ସଭାରେ ଜିଲ୍ଲାପାଳ ବନାଞ୍ଚଳରେ ରାସ୍ତାଘାଟର ଉନ୍ନତି ସହିତ ଆଦିବାସୀ ଅଧ୍ୟୁଷିତ ଅଳରେ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଗୃହ, ପରିବହନ, ଯୋଗାଯୋଗ, ଆଧାର ଇତ୍ୟାଦି ସମସ୍ତ ସୁବିଧା ସୁଯୋଗ ତୁରନ୍ତ ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରି ଜିଲ୍ଲାକୁ ସବୁଜ ସୁନ୍ଦର ଏବଂ ପ୍ଲାଷ୍ଟିକମୁକ୍ତ କରି ପ୍ରଗତି ପଥରେ ଆଗେଇ ନେବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

# ମୃତ ଅନୀଲ ସାଗରଙ୍କ ପରିବାରକୁ ସହାୟତା



**ଧର୍ମଗଡ଼, ୩୦।୧୨(ସମିସ):** ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ବରିଷ୍ଠ କଳାକାର ସ୍ୱର୍ଗତ ଅନୀଲ ସାଗରଙ୍କ ଗତ ଗତ ୧୮ ତାରିଖ ଦିନ ବିଶାଖପାଟଣାରେ ମୃତ୍ୟୁ ହୋଇଥିଲା। ସୋମବାର ଦିନ ତାଙ୍କର ଦଶାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷିରେ ଚାରିଗଡ଼ ନାଟ୍ୟ ମହାସଂଘର ସଦସ୍ୟମାନେ ଯୋଗ ଦେଇ ପରିବାର କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଦେଇଛନ୍ତି।ନାଟ୍ୟ ଜଗତରେ ସ୍ୱର୍ଗତ ଅନୀଲଙ୍କ ଅବଦାନ ଗୁରୁତ୍ୱ ରହିଥିଲା। ସେ ଜଣେ ଦକ୍ଷ କଳା ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। କଳା ଜଗତରେ ତାଙ୍କ ବିୟୋଗ ଅପୁରଣୀୟ କ୍ଷତି ଘଟିଥିବା ସଂଘର ସଦସ୍ୟମାନେ କହିଛନ୍ତି। କାର୍ଯ୍ୟକ୍ରମରେ ନାଟ୍ୟ ମହା ସଂଘ ସଭାପତି ପ୍ରିୟ ରଞ୍ଜନପଣ୍ଡା, ଉପସଭାପତି ପଦ୍ମକିଶୋର ଦୁର୍ଗା, ଜଳନ୍ଧର ନିଆଲ ଅଶୋକକର, ବଲତ ନାଗରାଜ, ଲେଖକ, ନାଟ୍ୟକାର ଅର୍ଜୁନ ଗୋପାଳ, ଦୟାଧର ବିହାରୀ, ଦୁର୍ଯ୍ୟୋଧନ ଚଣ୍ଡୀ, ପ୍ରେମ କିଶୋର ଭଇସାଲ, ଅନନ୍ତ ଗୋପାଳ, ମନୋଜ ମେହେର, ଭୁବନେଶ୍ୱର ସୁନାନୀ, ନାଟ୍ୟକାର ମହେନ୍ଦ୍ର ଦୁର୍ଗା, ରଘୁ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯେ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଅନୀଲ ସାଗର କିଛି ମାସ ତଳେ ବିଶାଖପାଟଣାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୮ ତାରିଖ ଦିନ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ

**ଭବାନୀପାଟଣା, ୩୦।୧୨ (ସମିସ):** କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଡ.ସନ୍ତୋଷ ଶତପଥୀ ପ୍ରାଣୀ ଚିକିତ୍ସକ ସାହିତ୍ୟିକ କବି ତଥା ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ସମ୍ପାଦକ ଯୋଗଦାନ କରି କବିତା ଲେଖିବା ଶୈଳିକୁ ଖୁବ ସୁନ୍ଦର ଭାବରେ ବ୍ୟାଖ୍ୟା କରି ଲେଖିବା ଧାରାରସୁମାର୍ଗ ଦର୍ଶାଇଥିଲେ। ସଭାପତିଙ୍କ ଅନୁରୋଧକ୍ରମେ ସ୍ୱରଚିତ ସୁନ୍ଦର ଭଜନ ପରିବେଷଣ କରିଥିଲେ ତଥା କବିତା ପାଠ କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ। ସରସ୍ୱତୀ ବନ୍ଦନା ଗାନ କରି ଥିଲେ କବି ସ୍ନେହଲତା ଷଡଙ୍ଗୀ। ବ୍ରହ୍ମ ନାଦ ଓ ଶାନ୍ତି ପାଠ କରିଥିଲେ କବି ସବିତା ଦାସ। ବନ୍ଦେ ମାତରଂ ଗାନ କରିଥିଲେ କବି ମୀନା ମୁଣ୍ଡ। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ସୌଦାମିନୀ ଭୋଇଙ୍କ ଗଳ୍ପ ଧୋତି କୁର୍ତ୍ତା ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା। କବି ମିନତି ପ୍ରଧାନଙ୍କ ସଂଯୋଜନାରେ କବି ମଞ୍ଜୁ ରାଣୀ ରଥ, ନିବେଦିତା ମହାନ୍ତି, ନୀରୂପମା ମହାନ୍ତି, ପ୍ରେମଶୀଳା ବେହେରା, ସବିତା ଦାସ, ସ୍ନେହଲତା ଷଡଙ୍ଗୀ, ସୌଦାମିନୀ ଭୋଇ, ସୁବ୍ରତା ମହାପାତ୍ର, ବିଳାସିନୀ ମହାପାତ୍ର, ରଶ୍ମି ରାଣୀ ରଥ, ମିନତି ପ୍ରଧାନ, ମୀନା ମୁଣ୍ଡ, ମନୋରମା ପାତ୍ର, କବିତା ମୁଣ୍ଡ, ସସ୍ମିତା ସାହୁ, ଦୀପ୍ତି ମୁଣ୍ଡ, କଳ୍ପନା ରଥ, ଅର୍ଚ୍ଚନା ମିଶ୍ର ପ୍ରମୁଖ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଗୁଗଲ ମିଟ ସହାୟତା ଯୋଗାଇଥିଲେ କବି ଦୀପ୍ତି ମୁଣ୍ଡ। କବି ଅର୍ଚ୍ଚନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖର୍ସେଲ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା, ୩୦।୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଖର୍ସେଲ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ସିଡିଏମଓ ଡ. ଧନେଶ୍ୱର ସେଠୀ, ବିଡ଼ିଓ କାର୍ମୀ ଓରାମ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ସ୍ଥାନୀୟ ସରପଞ୍ଚ ବିରେନ୍ଦ୍ର ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ସଞ୍ଜିତାକୁ କୋଳରେ ଧରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେମାନଙ୍କ ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ରୋପଣ ପାଇଁ ଦେଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥିମାନେ ଭେଟି ଦେଇଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସମାଜ ସମ୍ବେଦନ ଶୀଳ ହେଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସୂଚାରୁ ରୁପେ ସମ୍ପାଦନ କଲେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥା ଦୂର ହୋଇ ପାରିବ ବୋଲି ଆଶା ପ୍ରକାଶ କରିଥିଲେ।ଏହି ପଞ୍ଚାୟତର କୌଣସି ପୁରୁଷ କିମ୍ବା ମହିଳା ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ। ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ। କ୍ଷଆମେ ସମସ୍ତେ ମିଶି ଖର୍ସେଲ ପଞ୍ଚାୟତକୁ ପ୍ରବାସୀ ଶ୍ରମିକ, ଶିଶୁ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି କହିଥିଲେ। ଶିବିରରେ ଅତିଥିଗଣ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ମନରେଗା ଯୋଜନାରେ ୧୦୦ ଦିନରୁ ଅଧିକ ଶ୍ରମଦାନ କରିଥିବା ଶ୍ରମିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ସମସ୍ତ ଅତିଥି ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିବା ସହିତ ବୃକ୍ଷରୋପଣ କରିଥିଲେ। ଶେଷରେ ସରପଞ୍ଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସିନାପାଲି ବିଡ଼ିଓ ଏବଂ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ।



# ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ନାରୀ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୩୦।୧୨(ସମିସ):** ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବା ସଂଘ ଓ ଧର୍ମଗଡ଼ ଶକ୍ତି ସଦନ କାର୍ଯ୍ୟାଳୟ ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଏସ ଜଗନ୍ନାଥ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅର୍ଥନୀତି ବିଭାଗର ଅଧ୍ୟାପିକା ରୋଜାଲିନ ମୁଣ୍ଡ, ଇଂରାଜୀ ଅଧ୍ୟାପିକା ନିବେଦିତା ଡାକୁଆ, ଖେଳ ଶିକ୍ଷକ ଅଭୟ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଜେଣ୍ଡର ସାମର୍ଥ୍ୟ ସ୍ପେସିଆଲିଷ୍ଟ ରାମଚନ୍ଦ୍ର ବାଗ ଓ ଜେଣ୍ଡର ସମ୍ବଳ ସ୍ପେସିଆଲିଷ୍ଟ ମୋହନ ନାଏକ ଯୋଗଦେଇ ଶକ୍ତି ସଦନରେ କେଉଁ ମହିଳାମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଆ ଅଧ୍ୟାପକ ଗଣପତି ବାଗ ମୁଖ୍ୟବକ୍ତା ଭାବେ ମହିଳାମାନେ କିଭଳି ଶିକ୍ଷାକ୍ଷେତ୍ରରେ କିଭଳି ଆଗକୁ ଯିବେ, ସେମାନେ କେମିତି ଆମନିର୍ଭରଶିଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ, ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟ ବିବାହରୁ ଦୁରେଇ ରହିବା ସହ ସରକାରଙ୍କ ତରଫରୁ ମହିଳାଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଧର୍ମଗଡ଼ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟ ସହଯୋଗୀ ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।




# ପାତାଳଗଙ୍ଗା ମହୋତ୍ସବ ଶୁଭଖମ୍ବ ସ୍ଥାପନ

**ନୂଆପଡ଼ା/ବୋଡ଼େନ, ୩୦।୧୨(ସମିସ):** ଆସନ୍ତା ଜାନୁୟାରୀ ମାସ ୨୧ତାରିଖରୁ ୨୪ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ନୂଆପଡ଼ା ଜିଲ୍ଲା ବୋଡ଼େନ ହାଇସ୍କୁଲ ପଡ଼ିଆରେ ପାତାଳ ଗଙ୍ଗା ମହୋତ୍ସବ ହେବ। ଏଥି ସକାଶେ ପାତାଳ ଗଙ୍ଗା ମହୋତ୍ସବର ଶୁଭ ଖମ୍ବ ସ୍ଥାପନ ହେଇଛି। ମହୋତ୍ସବର ଖମ୍ବ ସ୍ଥାପନ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ମହୋତ୍ସବ ପାଳନ କମିଟି ସଭାପତି ଲମ୍ବୋଦର ନିଆଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିଥିଲେ। ପୁରୋହିତ ଭାବେ ଭୁବନେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ବୋଡ଼େନ ଝାଙ୍କର ମନ ମାଝୀ ଖମ୍ବ ସ୍ଥାପନରେ ପୂଜା କରି ଭୂମିପୂଜନ କରିଥିଲେ। ଏହି ଅବସରରେ ମହୋତ୍ସବ ପାଳନ କମିଟି କର୍ମକର୍ତ୍ତା ଉପ ସଭାପତି ଯୋଗେନ୍ଦ୍ର ମାଝୀ, ସମ୍ପାଦକ ଗଣେଶ ଦଣ୍ଡସେନା, ସହସମ୍ପାଦକ ରାଜ କିଶୋର ହେର୍ଣ୍ଣା, ଉପଦେଷ୍ଟା ଅତିନ୍ଦ୍ରଜିତ ସିଂହ ମଲ୍ଲିକ, ବେଣୁଧର ଜଗତ, ଡମବୁଡ଼ା ଗୁଆଲ, ଯତୀନ ଦଣ୍ଡସେନା, ବିଜୟ ଦଣ୍ଡସେନା, ପର୍ଶୁରାମ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

ସର୍ବଭାରତୀୟ କରାଟେ ପ୍ରତିଯୋଗିତା

# କଳାହାଣ୍ଡିକୁ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୬ କାଂସ୍ୟ ପଦକ

**ଲାଞ୍ଜିଗଡ଼, ୩୦।୧୨(ସମିସ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ସର୍ବଭାରତୀୟ ଓପନ୍ କରାଟେ ପ୍ରତିଯୋଗିତା-୨୦୨୫ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲ୍ଲାକୁ ବିଭିନ୍ନ ବର୍ଗରେ ୧୫ ପଦକ ମିଳିଛି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଜଣ କରାଟେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସବ୍‌ଜୁନିୟର ଅଣ୍ଡର ୧୪ ବର୍ଷ ବର୍ଗରେ କୁସୁମପ୍ରଭା ମାଝୀ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ପଦକ, ସ୍ୱୟଂ ଓଡ଼ିଆଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ, ପୁଷ୍ପେନ୍ଦୁ ବିଶ୍ୱାଳଙ୍କୁ କୁମିତେ (ଫାଇଟିଂ)ରେ ଗୋଟିଏ ସ୍ୱର୍ଣ୍ଣ, ଆଶୀର୍ବାଦ ବାଡ଼ତିଆଙ୍କୁ (ଫାଇଟିଂ)ରେ ଗୋଟିଏ କାଂସ୍ୟ ହାସଲ କରିଛନ୍ତି।ସେହିପରି କେଡେଡ୍ ଓ ଜୁନିୟର ୧୮ ବର୍ଷ କମ୍ ବର୍ଗରେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଂ) ରେ ସ୍ୱର୍ଣ୍ଣ, ଲୋକେଶ ବିଶ୍ୱାଳ କୁମିତେ (ଫାଇଟିଂ) ରେ ରୌପ୍ୟ, ହିତେଶ ମହାଖୁଡ଼ଙ୍କୁ କାତାରେ ୨ଟି ସ୍ୱର୍ଣ୍ଣ ଓ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, କିରନ ବେମାଲଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ, ଗଙ୍ଗାଧର ମଲ୍ଲିକଙ୍କୁ କୁମିତେ (ଫାଇଟିଂ) ରେ ୧ ସ୍ୱର୍ଣ୍ଣ ଓ କାତାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ ପଦକ ମିଳିଛି। କଳାହାଣ୍ଡି ଉତ୍କଳ କରାଟେ କୋଚ୍ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଖେଳାଳିମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷା ଡ.ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ୍ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଲାଞ୍ଜିଗଡ଼ ବ୍ଲକ ତଥା କଳାହାଣ୍ଡି ଜିଲ୍ଲାବାସୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରିଛନ୍ତି।



ଭିତ୍ତିଭୂମି ନଥାଇ ପୋଥୋଲ୍ୟାବ, କ୍ଲିନିକ୍

# ରୋଗୀଙ୍କ ପାଇଁ ନାହିଁ ଶୌଚ ବ୍ୟବସ୍ଥା

**ଧର୍ମଗଡ଼, ୩୦।୧୨(ସମିସ)**

ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱ ବିଭାଗ ପ୍ରତି କାହାର ସମ୍ବେଦନଶୀଳ ନ ରହିବା ମନେ ହେଉଛି।ବର୍ତ୍ତମାନ ଏହା ବ୍ୟବସାୟରେ ପରିଣତ ହୋଇସାରିଛି। ମନଇଛା ଯିଏ ଯୋଉଠି ପାରିଲା ପାଥୋଲୋଜି ଖୋଲି ଲୋକଙ୍କ ଠାରୁ ଶୋଷଣ କରି ଚାଲିଛନ୍ତି।ଏଥିପ୍ରତି ନା ପ୍ରଶାସନ ନିଘା ରହୁଛି ନା ସରକାର ଦୃଷ୍ଟି ଦେଉଛି।ଯାହା ଅନେକ ପାଥୋଲୋଜି, କ୍ଲିନିକ ମାଲିକ ରୋଗୀଙ୍କ ପାଇଁ କୌଣସି ଭିତ୍ତିଭୂମି ନିର୍ମାଣ ନ କରି ଖୋଲିଥିବା ଅଭିଯୋଗ ହୋଉଛି। ଧର୍ମଗଡ଼ ଡାକ୍ତରଖାନା ମୁଖ୍ୟରାସ୍ତା ରେ ଅନେକ ପାଥୋଲୋଜି କ୍ଲିନିକ ଗଡି ଉଠିଛି। ହେଲେ କୌଣସି ପାଥୋଲୋଜିରେ ଶୌଚ କିମ୍ବା ଝାଡା ପରିଶ୍ରା ଯିବା ପାଇଁ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଉଛି। ସାଧାରଣ ଭାବେ ଝାଡା ପରିଶ୍ର ନମୁନା ପରୀକ୍ଷା ରୋଗୀଙ୍କ କ୍ଷେତ୍ରରେ ଅନେକ ଅସୁବିଧା ହୋଉଥିବା ଦେଖାଦେଇଛି।ପରୀକ୍ଷା ଲାଗି ନିକଟରେ ଥିବା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ଗୋଷ୍ଠୀ ଶୌଚଳୟ ଉପରେ ନିର୍ଭର କରୁଛନ୍ତି। ତାହା ବି ଅପରିଷ୍କାର ପରିବେଶ ଓ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି।ଅନ୍ୟପଟେ ପରୀକ୍ଷା ବାବଦରେ ବେସରକାରୀ ପାଥୋଲୋଜି କ୍ଲିନିକ ମନଇଛା ମୂଲ୍ୟ ନେଉଥିବା ଅଭିଯୋଗ ହେଉଛି। ଉପଖଣ୍ଡ ଡାକ୍ତରଖାନାରେ ସରକାରୀ ପରୀକ୍ଷା କେନ୍ଦ୍ର ରହିଥିଲେ ହେଁ ଅଧିକାଂଶ ରୋଗୀ ନିକଟରେ ଥିବା ପୋଥୋଲୋଜି କ୍ଲିନିକମାନଙ୍କରେ ପରୀକ୍ଷା କରିଥାନ୍ତି। ଏପରିକି ପାଥୋଲୋଜି କ୍ଲିନିକ ମାଲିକମାନେ ଅନେକ ଦଲାଲକୁ ନିଯୁକ୍ତି ରଖି ରୋଗୀଙ୍କୁ ପରୀକ୍ଷା ନିଜ ପାଥୋଲୋଜି କ୍ଲିନିକରେ ବାଧ୍ୟ କରୁଥିବା ନଜର ରହିଛି। ବିଭିନ୍ନ ପରୀକ୍ଷା ପାଇଁ ମୂଲ୍ୟ ନିର୍ଦ୍ଧାରଣ ବିବରଣୀ ବେସରକାରୀ ପାଥୋଲୋଜି, କ୍ଲିନିକମାନଙ୍କରେ ଲଗା ଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି।ହେଲେ ସରକାର ନିର୍ଦ୍ଦେଶକୁ ଅଣଦେଖା କରି ପାଥୋଲୋଜି କ୍ଲିନିକରେ ମନଇଛା ଟଙ୍କା ନେଉଥିବା ବାରମ୍ବାର ଅଭିଯୋଗ ଉଠିଛି। ପ୍ରଶାସନ ପାଖରେ ଖବର ଥାଇ ବି ନିରବ ରହିବା ନୀତିକୁ ସନ୍ଦେହ ଉଠିଛି। ଅନ୍ୟପଟେ ଯୋଗ୍ୟତା ପ୍ରାପ୍ତ ସଂସ୍ଥା ଠାରୁ ପଞ୍ଜିକୃତ ହୋଇ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅନୁମତିରେ ପାଥୋଲୋଜି କ୍ଲିନିକ ଖୋଲିବା ନିୟମ ଥିଲେ ହେ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖା ଦେଇଥିବା ଆଲୋଚନା ହେଉଛି।ବିନା ଅଭିଜ୍ଞତାରେ ଲାଭଖୋର ନୀତି ଆପଣେଇ କେତେକ ପାଥୋଲୋଜି କ୍ଲିନିକ ଅନ୍ୟର ଶିକ୍ଷା ଗତ ପ୍ରମାଣପତ୍ରରେ ଖୋଲିଥିବା ଆଲୋଚନା ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଉଛି।


# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ; ମାଲଗୁଣ୍ଡି ଚାମ୍ପିଅନ



**କୋକସରା, ୩୦।୧୨(ସମିସ):** କୋକସରା ବ୍ଲକ ଡାଲଗୁମା ଖେଳ ପଡ଼ିଆରେ ଲଙ୍କେଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସପ୍ତଦିବସିୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଫାଇନାଲ ଖେଳ ସହ ଉଦ୍‌ଯାପିତ ହୋଇଛି। ଏଥିରେ ଡ଼ଙ୍ଗରିଗୁଡାକୁ ହରାଇ ମାଲଗୁଣ୍ଡି ଦଳ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ମାଲଗୁଣ୍ଡି ଏବଂ ଡ଼ଙ୍ଗରିଗୁଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ପରେ ଟ୍ରାଇବେକ୍ ରେ ମାଲଗୁଣ୍ଡି ଦଳ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହେଇଛି। ଖେଳ ଶିକ୍ଷକ ଶଙ୍କର ପୋଡ଼ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଚିତ୍ତରଞ୍ଜନ ଠାକୁର ଗଣପତି ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ। ଫକୀର ଶାଗଡ଼ିଆ ଧାରାବିବରଣୀ ପ୍ରଦାନ କରିଥିବା। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମିତି ସଭ୍ୟ ଚିନ୍ତାମଣି ଚଣ୍ଡୀ, କଂଗ୍ରେସ ନେତା ମହେନ୍ଦ୍ର କୁମାର, ମୋହିତ ରାଉତ, ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସୁଧୀର ଖର୍ସେଲ, ଭକ୍ତିରାମ ପୋଡ, କେତୁରାମ ମାଝୀ, ଅମୋଜ ଧରୁଆ, ରାମପ୍ରସାଦ ଧରୁଆ, ଦିଗାମ୍ବର ବେମାଲ, ନମିଷ ପଟ୍ଟନାୟକ, ପ୍ରଫୁଲ ଚଣ୍ଡୀ ନୀଳମଣି କଟା, ମୁକେଶ କଟା, ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କେହି ରହିନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ, ସର୍ବେ ନିଜନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ

- କବିବର ରାଧାନାଥ ରାୟ

# ପଚିଶର ପୁନରାବଲୋକନ

ହସ-କାନ୍ଦ, ମିଳନ-ବିଚ୍ଛେଦ, ଆଶ୍ୱାସନା-ପ୍ରତାରଣା, ହର୍ଷ-ଉଲ୍ଲାସ, ସଫଳ-ବିଫଳ, ଆଶା-ନିରାଶା, ଲାଭ-କ୍ଷତି, ନ୍ୟାୟ-ଅନ୍ୟାୟର ଅଧ୍ୟାୟକୁ ସମୟର ଇତିହାସ ପୃଷ୍ଠାରେ ଲେଖିଦେଇ ଦୁଇହଜାର ପଚିଶ ଏବେ ଅସ୍ତାଚଳମୁଖୀ। ପ୍ରତିଟି ଅଧ୍ୟାୟର ଚର୍ଚ୍ଚା ସରିଛି ଏବଂ ଭବିଷ୍ୟତରେ ଚର୍ବିତଚର୍ବଣର ଅବକାଶ ସୃଷ୍ଟି ହୋଇଛି। ତେଣୁ ବର୍ଷାନ୍ତରର ବାକି ଥିବା ମୁହୂର୍ତ୍ତମାନଙ୍କରେ ସେ ବିଷୟରେ ଅଧିକ ଆଲୋଚନା ନ କରି ବରଂ ସେଥିରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ କିଭଳି ଭବିଷ୍ୟତରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଅଧିକ ପ୍ରାସଙ୍ଗିକ ହେବ।

ଅନ୍ତର୍ଜାତୀୟସ୍ତରରୁ ଆରମ୍ଭ କରି ଆଞ୍ଚଳିକ ପର୍ଯ୍ୟନ୍ତ ରାଜନୀତିରେ ଅନେକ ଅପ୍ରତ୍ୟାଶିତର ମୂକସାକ୍ଷୀ ହୋଇସାରିଛି ଦୁଇହଜାରପଚିଶ। ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆତୁରତା କିଭଳି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ସୃଷ୍ଟି କରିଛି ଏବଂ ମାତ୍ରାଧିକ ଶୁଳ୍କ ବୃଦ୍ଧି ବିଶ୍ୱର ବାଣିଜ୍ୟ-ଅର୍ଥନୀତିକୁ ବିପନ୍ନ କରିଛି ତାହା ପ୍ରମାଣିତ ହୋଇଛି। ଇରାନ-ଇସ୍ରାଏଲ୍‌ର ଅହେତୁକ ଯୁଦ୍ଧ କେବଳ ଧନଜୀବନ ହାନିରେ ସମାପ୍ତ ହୋଇଛି। ଧର୍ମାନ୍ଧ ଆତଙ୍କବାଦ ଆହୁରି କାୟାବିସ୍ତାର କରି ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଚାଲିଛି। ପ୍ରକୃତିର କୋପ ଆଗରେ ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ର ମଧ୍ୟ କିଭଳି ବିବଶ ତାହା ମଧ୍ୟ ପ୍ରମାଣିତ ହୋଇଛି। ଜଳବାୟୁ ପରିବର୍ତ୍ତନ ସଙ୍କଟର ପଞ୍ଝାରୁ ଉତ୍ତରବିଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ, ସେହି ଚେତାବନୀ ଦେଇଛି ଦୁଇହଜାର ପଚିଶି। ତେଣୁ ବିକଶିତ ଓ ଧନୀ ଦେଶମାନେ ଅକ୍ଷୟଶକ୍ତିର ବିକାଶ ଲାଗି ବିଶ୍ୱ ନେତୃତ୍ୱ ନେବା ସହିତ ପରିବେଶ ପାଣ୍ଠିକୁ ଅଧିକ ଦୃଢ଼ କରିବା ଦିଗରେ ଆହ୍ୱାନ ସୃଷ୍ଟି ହୋଇଛି। ଅଥଚ କୋପ୍୩୦ର ନିଷ୍ଫଳ ନିଷ୍କର୍ଷରେ ସମାପ୍ତ ହୋଇଛି।

ଭାରତ ପାଇଁ ଦୁଇହଜାରପଚିଶ ଥିଲା ଅନେକ ଅବାଞ୍ଛିତ ଓ ମର୍ମନ୍ତୁଦ ଘଟଣାର ମୂକସାକ୍ଷୀ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ପାଲଟା ଜବାବରେ 'ଅପରେସନ୍ ସିନ୍ଦୂର'ର ପ୍ରତିକ୍ରିୟାରେ ପାକିସ୍ତାନ ପଟୁ ଆଣବିକ ଯୁଦ୍ଧର ଆଶଙ୍କା ଏବଂ ଚୀନ୍ ଓ ତୁର୍କୀର ପାକିସ୍ତାନକୁ ସାମରିକ ସହାୟତା, ଆମେରିକାର ମଧ୍ୟସ୍ଥିରେ ଯୁଦ୍ଧବିରତିର ଆତ୍ମପ୍ରଚାର ଆଦି ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିବ। ଭାରତର ରାଜନୀତି ମଧ୍ୟ ୨୦୨୫ରେ ଅନେକ ମାତ୍ରାରେ ସରଗରମ ହୋଇ ରହିଥିଲା। ମାଗଣା ଯୋଜନା କିଭଳି ନିର୍ବାଚନକୁ ପ୍ରଭାବିତ କରିପାରେ ତାହା ବିହାର ବିଧାନସଭା ନିର୍ବାଚନରୁ ପୁଣି ଥରେ ପ୍ରମାଣିତ ହୋଇଥିଲା ବେଳେ 'ଭୋଟ ଚୋରି', 'ଏସ୍ଆଇଆର' ବିବାଦ ଭାରତୀୟ ଗଣତନ୍ତ୍ର ପାଇଁ ନୂଆ ଆହ୍ୱାନ ଆଣିଥିଲା। ୨୦୨୫ 'ବନ୍ଦେ ମାତରମ୍'ର ରଚନାର ୧୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାକୁ ନେଇ ବିତର୍କ ଆଳରେ ଆରୋପ ପ୍ରତ୍ୟାରୋପ ସଂସଦୀୟ ଇତିହାସରେ ଏକ ଅବାଞ୍ଛିତ ଫର୍ଦ୍ଦ ଲେଖିଦେଇଗଲା। ବର୍ଷର ଶେଷ ଭାଗରେ 'ଏମ୍‌ନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା, ଶ୍ରମ ସଂହିତା ପ୍ରଚଳନ, ଆରାବଳୀର ସଂଜ୍ଞା ପରିବର୍ତ୍ତନ ଆଦି ବିବାଦୀୟ ପ୍ରସଙ୍ଗ ଜାତୀୟ ରାଜନୀତିକୁ ସରଗରମ କରି ରଖିଥିଲା।

ବିଶ୍ୱ ଭୂରାଜନୀତିରେ ପ୍ରଭୁତ୍ୱବାଦ କିଭଳି ଅଯଥା ରକ୍ତପାତ ଓ ନିରୀହ ଜନତାଙ୍କ ବିସ୍ଥାପନ, ଶରଣାର୍ଥୀ ସମସ୍ୟା ବୃଦ୍ଧି କରିପାରେ ତାହା ରୁଷ-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ ଏବଂ ବାଂଲାଦେଶ, ସିରିଆ ଅରାଜକତାରୁ ସୂଚିତ ହେଉଛି। କ୍ଷୁଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନେ ଚୀନ୍‌ର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ମାଲଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କାକୁ ଉଦାହରଣ ରୂପେ ଆବିର୍ଭାବ ହୋଇଛନ୍ତି। ଯୁଦ୍ଧବିଧ୍ୱସ୍ତ ବିଶ୍ୱ ଅର୍ଥନୀତି ଅସ୍ଥିରତାର କୁହୁଡ଼ି ଭିତରେ କବଳିତ ହୋଇରହିଛି। ଦେଶର ମୋଟ ଘରୋଇ ଉତ୍ପାଦ ବା ଅର୍ଥନୈତିକ ଅଭିବୃଦ୍ଧି ବଢୁଥିବା ବେଳେ ଖାଉଟିମାନେ ଘାଇଲା ହୋଇଛନ୍ତି। ଭାରତର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ଟଳିଥିବା ବେଳେ ପାକିସ୍ତାନର ଆର୍ଥିକ ଦୁରବସ୍ଥା ଜାରି ରହିଛି ଏବଂ ବାଂଲାଦେଶ ସେହି ଦିଗକୁ ଗତି କରୁଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜନୈତିକ ସ୍ଥିରତା କେତେ ଜରୁରୀ ତାହା ବାଂଲାଦେଶ ଓ ପାକିସ୍ତାନ ଦୃଷ୍ଟାନ୍ତ ହୋଇଛନ୍ତି। ବର୍ଷ ଶେଷ ବେଳକୁ ଭାରତୀୟ ପ୍ରତିଭୂତି ବଜାରରେ ଦ୍ରୁତସ୍ଖଳନ ଦେଖାଦେଇ ନିବେଶକମାନେ ଲକ୍ଷଲକ୍ଷ କୋଟି ଟଙ୍କା ହରାଇଛନ୍ତି। ତେଣୁ ଅତ୍ୟାଶାରୁ ମୂଳନାଶ ଆପ୍ତବାକ୍ୟଟି ପୁଣି ଥରେ ସତ ସାବ୍ୟସ୍ତ ହୋଇଛି।

ଭାରତୀୟନ୍ୟାୟିକ ଇତିହାସରେ ପଚିଶ ଏକ ଅଭୁଲା ଅଧ୍ୟାୟ ଲେଖିଦେଇଯାଇଛି। ଦୀର୍ଘବର୍ଷ ଧରି ବିଚାରାଧୀନ ଥିବା ଅନେକ ଜଟିଳ ମାମଲାର ରାୟ ସମ୍ବିଧାନ ଖଣ୍ଡପୀଠ ଶୁଣାଇଥିବା ବେଳେ ବିଚାରପତିଙ୍କ ଘରୁ ଅଧାପୋଡ଼ା ନଗଦ ଉଦ୍ଧାର, ଅବାଞ୍ଛିତ ରାୟ ଆଦି ଜନମାନସରେ ଗ୍ରହଣୀୟ ହୋଇପାରିନାହିଁ। ପ୍ରଧାନବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଉଦ୍ୟମ ମଧ୍ୟ ହୋଇଛି। ଆରାବଳିର ପରିବର୍ତ୍ତିତ ସଂଜ୍ଞା ଗ୍ରହଣ, ଉନ୍ନାଓ ବଳତ୍କାରୀ ବିଧାୟକଙ୍କୁ ଜାମିନ୍ ପ୍ରଦାନ ଓ ଦଣ୍ଡ କୋହଳ ଆଦି ନ୍ୟାୟିକ ବ୍ୟବସ୍ଥାର ନିଷ୍ପକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ଜନମତର ବିରୋଧାଭାସ ପରେ ଉକ୍ତ ପୁନର୍ବିଚାର ପାଇଁ ପୂର୍ବ ରାୟ ଉପରେ ରହିତାଦେଶ ଜାରି ହୋଇଛି।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁଣି ଥରେ ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ମହେନ୍ଦ୍ରଗିରିର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ଅପରପକ୍ଷରେ ଉପଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ସମୟୋପଯୋଗୀ ଯୋଜନା, ଦାୟିତ୍ୱବୋଧ, କଳାଚାତୁରୀ, ସମର୍ପଣ, ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଓ କଳାଚାତୁର୍ଯ୍ୟ, କର୍ମନିଷ୍ଠା କିଭଳି ସଫଳତା ଆଣିପାରେ ତାହା ୨୦୨୫ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଷ୍ଟଲ୍ ସ୍ୱର୍ଣ୍ଣପଦକ ପାଇବାରୁ ପ୍ରମାଣିତ ହୋଇଛି।

ମଧୁର-ତିକ୍ତ ଅଭିଜ୍ଞତା ଓ ତ୍ରୁଟି-ବିଚ୍ୟୁତିରୁ ଶିକ୍ଷା ଲାଭ କରି ଅତୀତର ଅବାଞ୍ଛିତ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଭୁଲି ଭବିଷ୍ୟତର ସୁସଂହତ, ସସମନ୍ୱିତ, ସୁସଂଯତ ସମାଜ ଗଠନ ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ୟବାଦର ଆଧାର ଶିଳା ଉପରେ ସୁନେଲି ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇ ବିଦାୟ ନେଉଛି ୨୦୨୫।

# ଶ୍ରମ କୋଡ୍: କାହା ସ୍ୱାର୍ଥରେ?

କିଶୋର ଜେନା

କେନ୍ଦ୍ର ସରକାର ଗତ ନଭେମ୍ବର, ୧୧ ତାରିଖରେ ଚାରିଟି ଶ୍ରମ କୋଡ୍‌ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି କୋଡ୍‌ଗୁଡ଼ିକର ମୂଳ ବକ୍ତବ୍ୟ ହେଲା ଶ୍ରମର ଦୁନିଆରେ ନମନୀୟତା ଆଣିବା। ଏହାର ପ୍ରତିବାଦରେ ୨୬ ନଭେମ୍ବର ୨୦୨୫ ଦେଶବ୍ୟାପୀ ଶ୍ରମିକ-କୃଷକମାନେ ରାସ୍ତାକୁ ଓହ୍ଲାଇ ଶ୍ରମକୋଡ୍‌ର ପ୍ରତିଲିପିକୁ ପୋଡ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଛନ୍ତି ଶ୍ରମକୋଡ୍ ବାତିଲ ପାଇଁ। କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ବାହାରେ ଥିବା ବହୁ ଶ୍ରମଜୀବୀ ମଧ୍ୟ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ଆଗାମୀଦିନରେ ଶ୍ରମକୋଡ୍‌ର ପ୍ରତ୍ୟାହାର ଦାବିରେ ଦେଶର ଶ୍ରମଜୀବୀ ଜନଗଣ ଆହୁରି ଜୋରଦାର ଆନ୍ଦୋଳନ କରିପାରନ୍ତି ବୋଲି ଆଲୋଚନା ହେଉଛି।

ନୂଆ ଚାରିଶ୍ରମ କୋଡ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଶ୍ରମିକ ସଂଖ୍ୟାର ପ୍ରାପ୍ତ ସୀମା ବଢ଼ାଯାଇଛି, ଯେଉଁଠି ପ୍ରଯୁକ୍ତିଗତ ବିକାଶ ସହ ଏହି ପ୍ରାପ୍ତ ସୀମା କମାଇବା ଉଚିତ ଥିଲା। ଫ୍ୟାକ୍ଟରିଜ ଆକ୍ଟ ପରିବର୍ତ୍ତେ ଅକୁପେସନାଲ ସେଫଟି ଆଣ୍ଡ ଦି ହେଲ୍‌ଥ କୋଡ୍‌କୁ କାରଖାନାଗୁଡ଼ିକରେ ଶ୍ରମିକ ସଂଖ୍ୟାର ସୀମା ବଢ଼ାଇ ୧୦ରୁ ୨୦ (ବିଦ୍ୟୁତ ସହ) ଏବଂ ୨୦ରୁ ୪୦ (ବିଦ୍ୟୁତ୍ ବିହୀନ) କରାଯାଇଛି। ଫଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣ ୟୁନିଟ୍ ଏଥିରୁ ବାଦ୍ ପଡ଼ିବେ। ସେହି କୋଡ୍‌ରେ ଅସ୍ଥାୟୀ ଚୁକ୍ତି ଶ୍ରମିକ ବ୍ୟବହାର କ୍ଷେତ୍ରରେ 'ଲାଇସେନ୍ସ ଓ ରେଗୁଲେସନ' ପ୍ରୟୋଗର ସୀମା ୨୦ରୁ ବୃଦ୍ଧି କରାହୋଇଛି। ଏହାଫଳରେ ୫୦ରୁ କମ୍ ଠିକା ଶ୍ରମିକ ନିଯୁକ୍ତିକାରୀ କଣ୍ଟ୍ରାକ୍ଟର କ୍ଷେତ୍ରରେ ଆଉ କୌଣସି ଧରଣର ଆଇନ କାନୁନ୍ ମାନିବାର ବାଧ୍ୟବାଧକତା ରହିବ ନାହିଁ। ଏହାଛଡ଼ା ଷ୍ଟାଣ୍ଡିଂ ଅର୍ଡର ପ୍ରଣୟନ କ୍ଷେତ୍ରରେ ୧୦୦ରୁ ୩୦୦ ସୀମାକୁ ବଢ଼ାଇ ଦିଆଯାଇଛି। ଫଳରେ କାର୍ଯ୍ୟ ସଂକ୍ରାନ୍ତ ପରିଷ୍କାର ନୀତି ନିୟମ କାର୍ଯ୍ୟର ସର୍ତ୍ତ, ଶାସ୍ତି ମୂଳକ ବିଧି, ଛୁଟି ବା ଅନ୍ୟାନ୍ୟ ସୁବିଧା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରଖିବା ଅଧିକାଂଶ ୟୁନିଟ୍‌ରେ ଆଉ ବାଧ୍ୟତାମୂଳକ ନୁହେଁ। ଛଟେଇ ପାଇଁ ୧୦୦ରୁ ଅଧିକ ଶ୍ରମିକ ଥିଲେ ବାଧ୍ୟତାମୂଳକ ଥିବା ସରକାରୀ ଅନୁମତିକୁ ସଂଶୋଧନ କରି ସଂଖ୍ୟା ୩୦୦କୁ ବଢ଼ାଇ ଦିଆଯାଇଛି। ଏହି ସମସ୍ତ ଧାରାର ଏକମାତ୍ର ଉଦ୍ଦେଶ୍ୟ ହେଲା ଦେଶର ସଙ୍ଗଠିତ କ୍ଷେତ୍ରର ପ୍ରାୟ ୯୦ ପ୍ରତିଶତ ଶ୍ରମିକଙ୍କୁ ଏହି ସମସ୍ତ ଶ୍ରମ ଆଇନର ପରିସରରୁ ବାହାରେ ରଖି ମଧ୍ୟମ ଓ କ୍ଷୁଦ୍ର କାରଖାନାର ଶୋଷଣର ମାତ୍ରା ବଢ଼ାଇବାର ବନ୍ଦୋବସ୍ତ କରାଯାଇଛି।

ସୁରକ୍ଷା ଓ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ପ୍ରୟୋଜନୀୟ ପ୍ରାପ୍ତ ସୀମା ଏଭଳି ଭାବେ ନିର୍ଦ୍ଧାରଣ କରାଯାଇଛି, ଯଦ୍ୱାରା ମାଲିକମାନେ ସହଜରେ ନିଜର ବାଧ୍ୟବାଧକତାକୁ ଏଡ଼ାଇ ଯିବେ। ଉଦାହରଣ ସ୍ୱରୂପ ୫୦୦ରୁ କମ୍ ଶ୍ରମିକ ଥିବା କାରଖାନାର ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସେଫ୍‌ଟି ଅଫିସର ବାଧ୍ୟତାମୂଳକ ନୁହେଁ। ୨୫୦ରୁ କମ୍ ହେଲେ ୱେଲଫେୟାର (ମଙ୍ଗଳ) ଅଫିସରରେ ଆବଶ୍ୟକ ନାହିଁ। ୫୦ରୁ ବେଶି ମହିଳା ଶ୍ରମିକ ଥିଲେ କ୍ରେଚ୍‌ର ସୁବିଧା ଦିଆଯିବ। ୫୦୦ ଶ୍ରମିକ ଥିଲେ ଯାଇ ଆମ୍ବୁଲାନ୍ସ ସେବା ଦିଆଯିବ। ବୃହତ୍ ଅଂଶର ଶ୍ରମିକ ଓ କର୍ମଚାରୀ ଯେଉଁମାନେ ସୁପରଭାଇଜର ପଦରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାସିକ ବେତନ ୧୮୦୦୦ ଟଙ୍କା, ସେମାନେ ଶ୍ରମିକ ସଂଜ୍ଞା ମଧ୍ୟରେ ଆସିବେ ନାହିଁ। ଅନେକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକ ଓ କର୍ମଚାରୀଙ୍କୁ ସୁପରଭାଇଜର/ ମ୍ୟାନେଜର/ ଅଫିସର/ ଏକଜିକ୍ୟୁଟିଭ୍ ରୂପେ ନିଯୁକ୍ତ କରାଯାଏ, ଯଦ୍ୱାରା ସେମାନେ ୟୁନିୟନ କରିବାର ଅଧିକାରରୁ ବଞ୍ଚିତ ରହିବେ। 'କୋଡ୍ ଅନ୍ ଇଣ୍ଡଷ୍ଟ୍ରିଆଲ ରିଲେସନ'ରେ ଏହି ଷଡ଼ଯନ୍ତ୍ରକୁ ବୈଧତା ଦିଆଯାଇଛି।

ନୂତନ ଶ୍ରମ କୋଡ୍‌ରେ ସ୍ଥାୟୀ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ମିଆଦ ବା ଫିକ୍ସଡଟର୍ମ ନିଯୁକ୍ତିକୁ ଆଇନଗତ ବୈଧତା ଦିଆଯାଇଛି। ଏଥିରେ ଭବିଷ୍ୟତରେ ସମସ୍ତ ନିଯୁକ୍ତି ସ୍ଥାୟୀ ନ ହୋଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିରେ କାର୍ଯ୍ୟ କରିବେ। ଚୁକ୍ତିର ମିଆଦ ଶେଷ ହେଲେ ନିଯୋଗକର୍ତ୍ତା ନିଜର ଇଚ୍ଛାନୁସାରେ ଶ୍ରମିକକୁ ଚାକିରିରୁ ବିଦା କରି ଦେଇପାରିବେ। ଫଳରେ ଶ୍ରମିକ ପଦୋନ୍ନତି ଓ ବରିଷ୍ଠତାର ସୁଯୋଗ ହରାଇବ। ଚାକିରି ହରାଇବାର ଭୟଥିବାରୁ ଏହିସବୁ ଶ୍ରମିକ ସଙ୍ଗଠିତ ହେବାର ସମ୍ଭାବନା କମିଯିବ। ବଡ଼ ଅଂଶର ଶ୍ରମିକ, ବିଶେଷକରି ଅସଂଗଠିତ ଶ୍ରମିକଙ୍କର ପ୍ରଚଳିତ ସାମାଜିକ ସୁରକ୍ଷାଗୁଡ଼ିକ ନୂତନ କୋଡ୍‌ରେ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି। ଅଥଚ ସରକାର ଏହି ନୂଆ କୋଡ୍‌ରେ ସମସ୍ତ କ୍ଷେତ୍ରର ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଚଳିତ ସେସ୍ ସଂଗ୍ରହ ସଂକ୍ରାନ୍ତ ବିଧାନ ବାତିଲ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟତଃ ଅନିଶ୍ଚିତ ହୋଇପଡ଼ିବ।

ନୂଆ ଶ୍ରମକୋଡ୍‌ରେ ୟୁନିୟନ ରେଜିଷ୍ଟ୍ରେସନ ଓ ଧର୍ମଘଟ ଦୁଇ ମୌଳିକ ଶ୍ରମିକ ଅଧିକାର ଉପରେ ଆକ୍ରମଣ କରାହୋଇଛି। ୟୁନିୟନ ପଞ୍ଜୀକରଣ ପାଇଁ ଏବେ ପ୍ରତିଷ୍ଠାନର ମୋଟ ଶ୍ରମିକଙ୍କର ୧୦ ପ୍ରତିଶତ ବା ୧୦୦ଜଣ ସଦସ୍ୟ ରହିବା ବାଧ୍ୟତାମୂଳକ, ଯାହା ବଡ଼ ୟୁନିଟ୍ ବା ବିସ୍ତୃତ କର୍ମକ୍ଷେତ୍ରରେ ସଙ୍ଗଠନ ଆରମ୍ଭ କରିବା ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ରେଜିଷ୍ଟ୍ରେସନ ପ୍ରକ୍ରିୟା ମଧ୍ୟ ଜଟିଳ ଓ ଶ୍ରମ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭରଶୀଳ କରିଦିଆଯାଇଛି। ଧର୍ମଘଟକୁ କାର୍ଯ୍ୟତଃ ନିଷିଦ୍ଧ କରିବା ପାଇଁ ସବୁ ଶିଳ୍ପ କ୍ଷେତ୍ରରେ ୧୪ଦିନର ନୋଟିସ ବାଧ୍ୟତାମୂଳକ କରାଯାଇଛି। ଆଉ ଏହାପରେ କୌଣସି ମଧ୍ୟସ୍ଥତା ପ୍ରକ୍ରିୟା ଚାଲୁଥିବା ସମୟରେ ଧର୍ମଘଟ ନିଷିଦ୍ଧ, ନିୟମ ଭାଙ୍ଗିଲେ କଠୋର ଜୋରିମାନା ଓ ଜେଲ ଦଣ୍ଡ ଭଳି ଶାସ୍ତି ବିଧାନର ବ୍ୟବସ୍ଥା ହୋଇଛି। ଏହା ଶ୍ରମିକଙ୍କୁ ଭୟ ଦେଖାଇ ଧର୍ମଘଟକୁ ଅଟକାଇବା ପାଇଁ ତିଆରି କରାଯାଇଥିବା ମନେ ହୁଏ।

ଏ ସମସ୍ତ ଆଇନଧାରା ହିଁ ଶୋଷଣର ମାତ୍ରା ବଢ଼ାଇ ଆହୁରି ଉଦ୍‌ବୃତ୍ତ ଶ୍ରମ ଶ୍ରମିକଙ୍କଠାରୁ ବାହାର କରିନେବା ପାଇଁ ପରିକଳ୍ପିତ। ନୂତନ ଶ୍ରମକୋଡ୍‌ରେ ଶ୍ରମ ସମୟ ବଢ଼ାଇ ୧୨ ଘଣ୍ଟା କରାଯାଇଛି। ଅର୍ଥାତ୍ ମାଲିକ ଚାହିଁଲେ ଶ୍ରମିକଙ୍କ କାର୍ଯ୍ୟ, ବିରତି ଓ ଅପେକ୍ଷାକୁ ମିଳାଇ ପୂରା ୧୨ ଘଣ୍ଟା କର୍ମକ୍ଷେତ୍ରରେ ରହିବାକୁ ପଡ଼ିବ, ଯଦିଓ ତା'ର କାର୍ଯ୍ୟର ସମୟ ୮ ଘଣ୍ଟା ହେବ। ବେତନ ମଧ୍ୟ ସେହି ଅନୁଯାୟୀ। ଏହାଛଡ଼ା ଓଭରଟାଇମ୍ ନିୟମରେ ମଧ୍ୟ ଟାଳଟୁଳ କରାଯାଇଛି। ଏଥିରେ ଶ୍ରମିକଙ୍କ ଇଚ୍ଛା ବିରୁଦ୍ଧରେ ଅତିରିକ୍ତ ସମୟ କାର୍ଯ୍ୟ କରାଇବା ଆହୁରି ସହଜ ହେବ। ନୂଆକୋଡ୍‌ରେ ଚାରି ଦିନର କର୍ମ ସପ୍ତାହର ସୁଯୋଗ ରଖାଯାଇଛି। ଏହାର ଅର୍ଥ ପ୍ରତିଦିନ ଓଭରଟାଇମ୍ ମଜୁରି ଛଡ଼ା ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଇବା ଏକରକମ ବୈଧ ହୋଇଯିବ। ସବୁ ମିଶି ଏସବୁ ପରିବର୍ତ୍ତନ ଶ୍ରମିକଙ୍କର ବିଶ୍ରାମ, ସ୍ୱାସ୍ଥ୍ୟ, ପରିବାର ଜୀବନ ଏବଂ ସଙ୍ଗଠିତ ହେବାର ସୁଯୋଗ ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

ପ୍ରତିବର୍ଷ ଆମ ଦେଶରେ ହଜାର ହଜାର ଶ୍ରମିକ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ନୂଆ ଶ୍ରମକୋଡ୍‌ରେ ଶ୍ରମିକଙ୍କ ସୁରକ୍ଷା ସଂକ୍ରାନ୍ତ ଇନସ୍‌ପେକ୍ସନ ବ୍ୟବସ୍ଥାକୁ ମାରାତ୍ମକ ଭାବେ ଦୁର୍ବଳ କରିଦିଆଯାଇଛି। ପୂର୍ବପରି ହଠାତ୍ ବା ଅନିୟମିତ ପରିଦର୍ଶନର ସୁଯୋଗ ନାହିଁ। ଏବେ ଇନ୍ସପେକ୍ସନ ପାଇଁ ପୂର୍ବରୁ ନୋଟିସ୍ ଦେବାକୁ ହେବ ଏବଂ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହାଫଳରେ ମାଲିକମାନେ ସବୁ ବେନିୟମକୁ ଲୁଚେଇ ଦେଇ ପାରିବେ ଏବଂ କର୍ମକ୍ଷେତ୍ରର ପ୍ରକୃତ ପରିବେଶ ଓ ପରିସ୍ଥିତି ଦେଖାଯିବ ନାହିଁ। ଏହାଛଡ଼ା ଇନ୍ସପେକ୍ଟରମାନଙ୍କ ସ୍ୱାଧୀନତାକୁ କମାଇ ଦିଆଯାଇଛି। ସେମାନଙ୍କୁ କେବଳ ମାତ୍ର ସହାୟକ ବା ଫେସିଲିଟେଟର କରି ଦିଆଯାଇଛି। ଏଣୁ ସେମାନଙ୍କ ପକ୍ଷରେ ଦ୍ରୁତ ଓ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରିବା କଠିନ। ଫଳସ୍ୱରୂପ ଶ୍ରମିକଙ୍କର ଜୀବନ ବିପଦରେ ପଡ଼ିବ।

ଏହା ସହ ଆସିଛି ଶ୍ରମଶକ୍ତି ନୀତି ୨୦୨୫, ଯାହାର ମୂଳ ଉଦ୍ଦେଶ୍ୟ ହେଲା ସାରା ଦେଶରେ ଶ୍ରମଶକ୍ତିକୁ ଏକ ଡିଜିଟାଲ ପ୍ରକ୍ରିୟା ମଧ୍ୟଦେଇ ଆସିଥିବା ପୁଞ୍ଜିର ଚାହିଦା ଅନୁଯାୟୀ ବ୍ୟବସ୍ଥା କରିବା, ସମସ୍ତ ସ୍ଥାୟୀ କାର୍ଯ୍ୟର ବଦଳରେ ଶ୍ରମକୁ 'ଗିଗ୍ ନେଚର' କରିଦିଆଯିବ- ଅର୍ଥାତ୍ ସାରା ଦେଶରେ ଶ୍ରମଶକ୍ତିକୁ ଧୀରେ ଧୀରେ ସମସ୍ତ ରେଗୁଲେସନର ବାହାରକୁ ବାହାର କରିଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି କହିଲେ ଭୁଲ୍ ହେବ ନାହିଁ।

କଟକ, ମୋ: ୯୪୩୭୩୮୪୮୬୭

# କେମିତି ଭୁଲିବୁ - ୨୦୨୫!

ବୈଷ୍ଣବ ମେହେର

ମଣିଷ ହିଁ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ-ମାସ-ଦିନ-ଦଣ୍ଡରେ ବିଭକ୍ତ କରି ଦେଇଛି। ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ନୂଆ ଏକ ବର୍ଷକୁ ସ୍ୱାଗତ କରିବାକୁ ଯାଉଥିବା ବେଳେ ପୁରୁଣା ବର୍ଷଟିକୁ ବିଦାୟ ଦେବାକୁ ସମସ୍ତେ ମାନସିକ ପ୍ରସ୍ତୁତି ନେଇ ସାରିଛେ। ଅନେକ ଭାବନ୍ତି ନୂଆ ବର୍ଷ ୨୦୨୬ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ୨୦୨୫ର ଅନ୍ତ ହୋଇଯିବ। କିନ୍ତୁ ବିଦାୟୀ ବର୍ଷର ୩୬୫ ଦିନର ଅବଧି ମଧ୍ୟରେ ଯାହା ସବୁ ଘଟଣା ଅଘଟଣ ଘଟିଛି ସେସବୁକୁ କ'ଣ ସହଜରେ ପାସୋରି ଦେଇ ହେବ! ମୋ ଭଳି ଅନେକଙ୍କ ମନରେ ଜର୍ଜରିତ ହେଉଥିବା ଗତବର୍ଷର ଅନେକ କ୍ଷତ ଦୀର୍ଘଦିନ ଧରି ତାଜା ଓ ଅଭୁଲା ରହିବ।

ବିଶ୍ୱ ମାନଚିତ୍ରରେ ୨୦୨୫କୁ ଯଦି କେହି ଯୁଦ୍ଧର ବର୍ଷ ଭାବରେ ଅଭିହିତ କରନ୍ତି ତେବେ ଭୁଲ ହେବ ନାହିଁ। ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ-ଏସିଆରେ ଏକାଧିକ ଯୁଦ୍ଧରେ ଲକ୍ଷଲକ୍ଷ ଲୋକ ନିହତ ହେବା ସହ କୋଟିଏରୁ ଅଧିକ ଲୋକ ବିସ୍ଥାପିତ ହେବାର ଦାରୁଣ ଦୁଃଖକୁ କ'ଣ କେବେ ଭୁଲି ଯାଇହେବ? ପରମାଣୁ ଶକ୍ତିସମ୍ପନ୍ନ ଭାରତ ଓ ପାକିସ୍ତାନ ଯୁଦ୍ଧଠାରୁ ଆରମ୍ଭ କରି ଇସ୍ରାଏଲ-ଇରାନର ଯୁଦ୍ଧ ମାନବ ସଭ୍ୟତାକୁ ଅନିଶ୍ଚିତତାର ଘନ କୁହୁଡ଼ି ଭିତରକୁ ଠେଲି ଦେଇଛି। ଅପରପକ୍ଷେ ଦିନକୁଦିନ ପ୍ରକୃତିର ନିର୍ମମ ପ୍ରହାର ମଣିଷ ସମାଜକୁ ନୟାନ୍ତ କରୁଥିବା ବେଳେ ୨୦୨୫ର ପ୍ରାକୃତିକ ବିପର୍ଯ୍ୟୟ ଏବଂ ତତଜନିତ କ୍ଷୟକ୍ଷତି ସମସ୍ତଙ୍କୁ ଦୋହଲାଇ ଦେଇଛି। ଚଳିତ ଗୋଟିଏ ବର୍ଷରେ ଉଭୟ ମରୁଡ଼ି, ବନ୍ୟା, ବାତ୍ୟାକୁ ସାମନା କରିବାକୁ ପଡ଼ିଛି। ଶୀତ ନ ଛାଡୁଣୁ ଘୋଟି ଆସିଛି ଟାଇଁଟାଇଁ ଖରା। ଶ୍ରାବଣରେ ଚାଷଜମି ଫାଟି ଆଁ କରୁଛି ତ ଆଶ୍ୱିନରେ ଘନଘୋର ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଉଜୁଡ଼ି ଯାଇଛି ଏକର ଏକର ଫସଲ। ବାୟୁମଣ୍ଡଳ କଥା ନ କହିବା ଭଲ। ଦେଶର ରାଜଧାନୀଠାରୁ ରାଜ୍ୟ ରାଜଧାନୀ ଓ ଅନେକ ଛୋଟବଡ଼ ସହରରେ ବାୟୁ ପାଲଟିଛି ବିଷ। ଏତଦ୍‌ବ୍ୟତୀତ ବଜ୍ରାଘାତ, ସାପକାମୁଡ଼ା, ବନ୍ୟଜନ୍ତୁ ଆକ୍ରମଣ, ଅଗ୍ନିକାଣ୍ଡ, ଦୁର୍ଘଟଣା ଅନେକ ଧନଜୀବନକୁ ନଷ୍ଟ କରି ଦେଇଛି।

୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଉଭୟ ଦେଶର ସମ୍ପର୍କ ଚାପଗ୍ରସ୍ତ ହେବା ପ୍ରମୁଖ ଘଟଣା ହୋଇ ରହିବ। ଭାରତରୁ ବିଦେଶୀ ନିବେଶକଙ୍କ ପାଣ୍ଠି ପ୍ରତ୍ୟାହାର ଦୃଷ୍ଟିରୁ ୨୦୨୫ ଏକ ଖରାପ ବର୍ଷ ସାବ୍ୟସ୍ତ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା, ଭୂରାଜନୈତିକ ସଙ୍କଟ, ବାଣିଜ୍ୟ ସମସ୍ୟା, ଆମେରିକୀୟ ଶୁଳ୍କ ବୃଦ୍ଧି ଭଳି ବିଭିନ୍ନ କାରଣ ପାଇଁ ଏହି ବର୍ଷ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିବା ଆଗରୁ କେବେ ଘଟି ନ ଥିଲା।

ଏପ୍ରିଲ ୨୨ରେ ପହଲଗାମ ଠାରେ ଆତଙ୍କବାଦୀମାନେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା ଘଟଣା ମାନବ ସମାଜ ପାଇଁ ଏକ କଳଙ୍କିତ ଫର୍ଦ୍ଦ ହୋଇ ରହିଯିବ। ପରବର୍ତ୍ତୀ ସମୟରେ ଏହାର ଜବାବରେ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ଦେଖାଇଥିବା ପରାକ୍ରମ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏୟାର ଇଣ୍ଡିଆର ବିମାନ ଅହମ୍ମଦାବାଦରୁ ଲଣ୍ଡନକୁ ଉଡ଼ାଣ ଭରିବାର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଏକ ମେଡିକାଲ କଲେଜର ହଷ୍ଟେଲ କୋଠା ଉପରେ ପଡ଼ିଯିବାରୁ ପ୍ରାୟ ୨୬୦ ଜଣଙ୍କ ମୃତ୍ୟୁ ଘଟିବା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ପଡ଼ିଆ ଭିତରେ ଅନେକ ନୂଆ ପୁଲକ ଆଣିଥିବା ୨୦୨୫ ଅନେକ କ୍ଷେତ୍ରରେ ଦେଶକୁ ରୁଦ୍ଧିମନ୍ତ କରିଥିବା ବେଳେ ଆରସିବିର ଆଇପିଏଲ ବିଜୟ ଉତ୍ସବରେ ହୃଦୟ ବିଦାରକ ଦଳାଚକଟା କ୍ରୀଡ଼ାଜଗତକୁ ଅନେକ ଦିନ ଯାଏଁ ବ୍ୟଥିତ କରି ରଖିବ।

ଆମ ରାଜ୍ୟରେ ମଧ୍ୟ ଏମିତି କିଛି ଅଘଟଣ ୨୦୨୫କୁ ସରଗରମ କରିଥିଲା। ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହ 'ଫେଭର୍' ମାଗୁଥିବା ଅଭିଯୋଗରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ ଆତ୍ମଦାହ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ଏହି ସମ୍ବେଦନଶୀଳ ଘଟଣା ପରେପରେ ବଳଙ୍ଗା ନାବାଳିକା ଆତ୍ମାହୁତି ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ଜାତୀୟସ୍ତରରେ ଆମ ରାଜ୍ୟକୁ ଅଡୁଆ ସ୍ଥିତିରେ ପକାଇ ଥିଲା। ସେହିଭଳି ଆମେରିକା ତରଫରୁ ମହିଳାଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ଦର୍ଶାଇ ସେଠାକୁ ଯିବାକୁ କଟକଣା କରାଯିବା ଏକ କଳଙ୍କିତ ଅଧ୍ୟାୟ ବୋଲି କୁହାଯିବ। ନିଯୁକ୍ତି କ୍ଷେତ୍ରରେ ଚଳିତ ବର୍ଷ ବଡ଼ବଡ଼ ବିଭ୍ରାଟ ମୁଣ୍ଡ ଟେକିଥିଲା। ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ଆଗକୁ ବଢୁଥିବା ଛାତ୍ରଛାତ୍ରୀ ଏବର୍ଷ ପରୀକ୍ଷାର ପ୍ରହେଳିକା ମଧ୍ୟରେ ସ୍ଥଳକୂଳ ବିହୀନ ହୋଇ ପଡ଼ିଥିଲେ, ଯାହା ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇ ଅହେତୁକ ହତାଶା ଭିତରକୁ ଠେଲି ଦେଇଥିଲା। ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀଠାରୁ ଆରମ୍ଭ କରି ଆରଆଇ, ଅମିନ ପରୀକ୍ଷା ବିଭ୍ରାଟ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ, ଏଏନଏମ ପ୍ରଶ୍ନପତ୍ର ଭାଇରାଲ୍ ଭଳି ଏକାଧିକ ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଥିଲା। ଗୋଟିଏ ପଟେ ବେକାରୀଙ୍କ ସଂଖ୍ୟା ବଢୁଥିବା ବେଳେ ନିଯୁକ୍ତିକୁ ନେଇ ଏଭଳି ବ୍ୟାପକ ଅନିୟମିତତା ଉଭୟ ନିଯୁକ୍ତି ଆଶାୟୀ ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ଆମ ରାଜ୍ୟର ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ଚାକିରି ପାଇବାକୁ ହଜାରହଜାର ସଂଖ୍ୟାରେ ଉଚ୍ଚଶିକ୍ଷିତଙ୍କ ଆବେଦନ ବେକାରୀ ସମସ୍ୟାର ଉତ୍କଟ ରୂପକୁ ଦର୍ଶାଇଛି।

ବିଶ୍ୱସ୍ତରରେ ପ୍ରଯୁକ୍ତି ଦୁନିଆରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ୨୦୨୫ ବର୍ଷ ଖରାପ ସମୟ ଆଣିଥିଲା। ବିଶ୍ୱର ଭିନ୍ନଭିନ୍ନ ୨୧୮ଟି କମ୍ପାନୀରେ କାମ କରୁଥିବା ପ୍ରାୟ ୧ ଲକ୍ଷରୁ ଅଧିକ କର୍ମଚାରୀ ଜୀବିକା ହରାଇଥିଲେ। ଏତଦବ୍ୟତୀତ ହତ୍ୟା, ଆତ୍ମହତ୍ୟା ଓ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଭଳି ହୃଦୟ ବିଦାରକ ଅଘଟଣର ହିସାବ ନଥିଲା। ପୁରୁଣା ବର୍ଷରେ ଏମିତି ଅନେକ ଘଟଣା ଘଟିଛି ଯାହା ଘଟୁ ବୋଲି ଆମେ କେହି କେବେ ଚାହୁଁ ନଥିଲୁ। ସେସବୁ ଘଟଣା ପାଇଁ ଆମେ କେବେ ପୁରୁଣା ବର୍ଷକୁ ଭୁଲି ପାରିବୁ ନାହିଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

# ପାଞ୍ଚପା ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଖଣ୍ଡପଡ଼ା ଗାଆଁରେ ଗୋଟିଏ ଅନାଥ ପିଲା ଥିଲା। ପିଲାଟି ସ୍ୱଭାବରେ ସରଳ, ନିଷ୍କପଟ ଓ କର୍ମଠ ଥିଲା। କିନ୍ତୁ ଖାଇବାରେ ପେଟୁ ଥିଲା। ଗାଆଁର ପ୍ରଧାନଙ୍କ ଅନୁରୋଧରେ ଜଣେ ଗୁମାସ୍ତା ପିଲାଟାକୁ ନେଇ ଏକ ମଠରେ ରଖିବାର ବ୍ୟବସ୍ଥା କଲେ। କି କାମ ପରିପାରିବ ଏବଂ ସେ ବାବଦରେ ପାଉଣ କ'ଣ ନେବ ବୋଲି ମହନ୍ତ ପଚାରନ୍ତେ ପିଲାଟି କହିଲା, 'ଦୁଇ ଓଳି ପାଞ୍ଚପା ଲେଖାଏଁ ଚାଉଳର ଭାତ ଖାଇବା ଛଡ଼ା ଆଉ କିଛି ପାଉଣା ନେବ ନାହିଁ।' ପାଞ୍ଚପା ଚାଉଳ ଆଜିର ୬୨୫ ଗ୍ରାମ ସଂଗେ ସମାନ। ମହନ୍ତ ଭାବିଲେ ମଠରେ ଖାଇବାକୁ କୋଉ ଅଭାବ ଅଛି ଯେ ଚିନ୍ତା ପଡ଼ିଛି। ମହନ୍ତଙ୍କ ଅନୁମତିକ୍ରମେ ସେ ସେଠାରେ ରହି ମଠର ସବୁକାମ କଲା। ମଠର ଅନ୍ତେବାସୀମାନେ ତାକୁ ସ୍ନେହରେ 'ପାଞ୍ଚପା' ବୋଲି ଡାକିଲେ।

ଦିନେ ଏକାଦଶୀ ପଡ଼ିଲା। ମହନ୍ତ ମହାରାଜ ପିଲାକୁ ପଚାରିଲେ, 'ଆଜି ମଠରେ ରୋଷେଇ ହେବ ନାହିଁ। ଫଳମୂଳ ଖାଇ ଚଳେଇ ଦେବୁ?' କିନ୍ତୁ 'ପାଞ୍ଚପା' ରାଜି ହେଲା ନାହିଁ। ତେଣୁ ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ମଠରୁ ପାଞ୍ଚପା ଚାଉଳ ଓ ପରିବା ନେଇ ମଠ ବାହାର ତୋଟାରେ ରାନ୍ଧି ଖାଇବାକୁ ସେ ବାହାରିଲା। ତୋଟାକୁ ଯିବା ବେଳେ ତାକୁ ପଛରୁ ଡାକି ମହନ୍ତ କହିଲେ, 'ଆମେ ଯାହା ସବୁ ଖାଉଛେ ସେ ସବୁର ମାଲିକ ହେଲେ ଜଗନ୍ନାଥ। ଖାଇବା ପୂର୍ବରୁ ତାଙ୍କୁ ସମର୍ପଣ କରି ଖାଇବୁ।' 'ପାଞ୍ଚପା' ତୋଟାରେ ରୋଷେଇ ସାରି ଖାଇବା ଆଗରୁ ମହନ୍ତଙ୍କ କଥା ମନେପଡ଼ିଲା। ସେ ବଡ଼ ପାଟିରେ ଡାକିଲା, 'ଆରେ ହେ! ଜଗନ୍ନାଥ ବୋଲି କିଏ କୋଉଠି ଅଛ? ତୁମକୁ ଭାତ ସମର୍ପଣ କଲେ ଖାଇବି ବୋଲି ମହନ୍ତ କହିଛନ୍ତି। ଜଲ୍‌ଦି ଆସ। ଭୋକରେ ପେଟ ଜଳିଲାଣି।' ତା'ର ସରଳ ନିଷ୍କପଟ ସ୍ୱଭାବରେ ମୁଗ୍ଧ ହୋଇ ମହାପ୍ରଭୁ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭାବ ହୋଇଗଲେ। ମନ୍ଦ ମନ୍ଦ ହସି ମହାପ୍ରଭୁ କହିଲେ, 'ଚଞ୍ଚଳ ଦୁଇଟା ପତ୍ରରେ ବାଢ଼, ଖାଇ ଦେବା।' ତହୁଁ 'ପାଞ୍ଚପା' କହିଲା, 'ତମେ ଖାଇବ ନା କ'ଣ? ମହନ୍ତ ତ କହିଥିଲେ ସମର୍ପଣ କରି ତୁ ଖାଇବୁ। ତମେ ଖାଇବା କଥା ଜାଣିଥିଲେ, ଅଧିକା ଚାଉଳ ଆଣିଥା'ନ୍ତି। ହଉ ତମେ ଆଜି ଅଳପ ଖାଅ, ଆର ଏକାଦଶୀକୁ ତମ ପାଇଁ ଆଉ ପାଞ୍ଚପା ଚାଉଳ ଆଣିବି। ସେ ଦିନ ପେଟ ପୂରା ଖାଇବ।' ମହାପ୍ରଭୁ ହସହସ ମୁହଁରେ ତା' ରନ୍ଧା ଭାତ ଖାଇ ଚାଲିଗଲେ।

ପନ୍ଦର ଦିନ ପରେ ପୁଣି ଏକାଦଶୀ ପଡ଼ିଲା। ସେ ଦିନ ସକାଳେ 'ପାଞ୍ଚପା' ମହନ୍ତଙ୍କୁ ଆଉ ପାଞ୍ଚପା ଚାଉଳ ମାଗି ତୋଟାକୁ ରାନ୍ଧିବାକୁ ଗଲା। ରାନ୍ଧିସାରି ଡାକିଲା, 'ହଇହୋ' ଏ ଜଗନ୍ନାଥ। ଆସ। ଆଜି ତମ ପାଇଁ ବି ପାଞ୍ଚପା ଚାଉଳ ପକେଇଛି। ଜଲଦି ଆସ।' 'ପାଞ୍ଚପା'ର ଡାକ ଶୁଣି ମହାପ୍ରଭୁ ଆସିବାକୁ ବାହାରିବା ବେଳକୁ ମାଆ ଲକ୍ଷ୍ମୀ ପଚାରିବାରୁ ମହାପ୍ରଭୁ ତାଙ୍କର ଅଦ୍ଭୁତ ଭକ୍ତ ବିଷୟରେ କହିଲେ। ଏଥର ମାଆ ଲକ୍ଷ୍ମୀ ମଧ୍ୟ ମହାପ୍ରଭୁଙ୍କ ସାଙ୍ଗରେ ଆସି ତୋଟାରେ ପହଞ୍ଚିଲେ। ସେମାନଙ୍କୁ ଦେଖି ପାଞ୍ଚପା କହିଲା, 'ଗଲା ଥର ତମେ ଆସିଥିଲ ବୋଲି ତମ ପାଇଁ ଆଉ ପାଞ୍ଚପା ଚାଉଳ ମାଗି ଆଣିଥିଲି। ମାଗଣା ମିଳୁଛି ବୋଲି ଆଜି ଜଣେ ମାଇପି ଲୋକକୁ ଧରି ଆଣିଛ। ମୋ ପାଞ୍ଚପା ମୁଁ ଖାଇବି। ବାକି ଯାହା ରହିଲା, ତମେ ଦି ଜଣ ଖାଅ।' ସେ ତିନିଖଣ୍ଡ ପତ୍ର ପକେଇ ଯାହା ରାନ୍ଧିଥିଲା ସେଥିରୁ ଅଧା ନିଜେ ନେଲା ଓ ବାକି ଅଧା ସେମାନଙ୍କ ପତ୍ରରେ ବାଢ଼ି ଦେଲା। ଜଗନ୍ନାଥ ଓ ଲକ୍ଷ୍ମୀ ମହାଆନନ୍ଦରେ ପାଞ୍ଚପା ରାନ୍ଧଣା ଖାଇ ଚାଲିଗଲେ।

ତୃତୀୟ ଏକାଦଶୀ ଦିନ ପାଞ୍ଚପା ମହନ୍ତଙ୍କୁ କହିଲା, 'ମହାରାଜ! ସେଇ ଯୋଉ ଜଗନ୍ନାଥ ଗଲାଥର ତା' ଭାରିଯା ହବ କି କ'ଣ, ଗୋଟେ ମାଇପିକୁ ନେଇକି ଆସିଥିଲା। ମୋ ପାଞ୍ଚପା ମୁଁ ଖାଇଲି, ବାକି ପାଞ୍ଚପା ସେମାନଙ୍କୁ ବାଣ୍ଟି ଦେଲି। ସେଥିରେ ତାଙ୍କ ପେଟ ପୂରି ନ ଥିବ। ଆଜି ଆଉ ପାଞ୍ଚପା ଚାଉଳ ଅଧିକା ଦିଅନ୍ତୁ।' ଏ କଥା ଶୁଣି ମହନ୍ତଙ୍କ ମନରେ କୌତୂହଳ ଜାତ ହେଲା। ପିଲାଟା ଚାଉଳ ନେଇ ରୋଷେଇ କରୁଛି, ତା' ଠୁ ଖାଉଛି କିଏ? ଏହି ରହସ୍ୟ ଜାଣିବା ପାଇଁ ସେ ଗୋଟେ ଗଛ ପଛପଟେ ଲୁଚି ରହିଲେ। ସେ ଦିନ ମାଆ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ସହିତ ବଡ଼ଠାକୁର ମଧ୍ୟ ତୋଟାରେ ଆସି ପହଞ୍ଚିଲେ। ସେମାନଙ୍କୁ ଦେଖି 'ପାଞ୍ଚପା' କହିଲା, 'ପ୍ରଥମେ ଏକା ଆସିଲ, ତା' ପରେ ଗୋଟେ ମାଇପି ଲୋକକୁ ନେଇକି ଆସିଲ, ଆଜି ଜଣେ ଭାଇ ବତାସିଆକୁ ଆଣି ଆସିଛ। ମୋ ଭାଗ ପାଞ୍ଚପାରୁ ଗୋଟେ ଦାନା କମ ହବନି। ବାକତକ ତମ ତିନି ଜଣକୁ ବାଣ୍ଟି ଦେବି। ଯେତିକି ହେଲା ସେତିକି।' ପାଞ୍ଚପା ପ୍ରଥମେ ନିଜ ଖାଇବା ବାଢ଼ି ନେଇ ବାକି ଭାତକୁ ତିନି ପତ୍ରରେ ବାଢ଼ି ଦେଲା। ତିନି ଠାକୁର 'ପାଞ୍ଚପା' ହାତ ରନ୍ଧା ଖାଇ ଚାଲି ଗଲେ।

ମଠର ମହନ୍ତ ଗଛ ଆଡୁଆଳରୁ ବାହାରି 'ପାଞ୍ଚପା'ର ଗୋଡ଼ ତଳେ ପଡ଼ିଗଲେ। କହିଲେ, 'ପାଞ୍ଚପା! ଯେଉଁ ମହାପ୍ରଭୁମାନଙ୍କ ଦର୍ଶନ ଦେବତାମାନଙ୍କ ପାଇଁ ଦୁର୍ଲଭ, ଯାହାର ଦର୍ଶନ ପାଇଁ ମୁନିଋଷିମାନେ ସାରା ଜୀବନ ସାଧନା କରି ମଧ୍ୟ ପାଆନ୍ତି ନାହିଁ, ସେ ଆଜି ତୋତେ ପ୍ରତ୍ୟକ୍ଷ ଦର୍ଶନ ଦେଇଛନ୍ତି ଏବଂ ତୋ ହାତରନ୍ଧା ପ୍ରସାଦ ଭୋଜନ କରିଛନ୍ତି। ତୁ ଧନ୍ୟ, ତୋର ପିତାମାତା ଧନ୍ୟ। ତୋ ଯୋଗୁଁ ମୁଁ ମହାପ୍ରଭୁମାନଙ୍କର ପ୍ରତ୍ୟକ୍ଷ ଦର୍ଶନ ପାଇ ନିଜକୁ ଧନ୍ୟ ମନେ କରୁଛି। ଆଜିଠାରୁ ତୋ ନାମାନୁସାରେ ଆମ ମଠ 'ପାଞ୍ଚପା ମଠ' ନାମରେ ଜଣାଯିବ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପି ବିଧାୟକଙ୍କ ଅଫିସ୍‌ରେ ଆପ୍ ନେତାଙ୍କୁ ନିସ୍ତୁକ ମାଡ଼

ଭୁବନେଶ୍ୱର,୩୦ ।୧୨(ସମିସ): ଧାନ ଚାଷୀଙ୍କ ଦୁର୍ଦ୍ଦଶା ଜଣାଇବାକୁ ଯାଇଥିବା ଆପ୍ ନେତାଙ୍କୁ ବିଜେପି ବିଧାୟକଙ୍କ ସହଯୋଗୀଙ୍କ ମରଣାନ୍ତକ ଆକ୍ରମଣ କରାଯାଇଛି । ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ର ଧାନ ଚାଷୀଙ୍କ ପ୍ରତି ମିଲର ମାଲିକମାନଙ୍କର ଅହେତୁକ ଶୋଷଣ, ଚାଷୀଙ୍କୁ ଧାନ ବିକ୍ରି ନିମନ୍ତେ ଦୀର୍ଘ ଦିନ ଧରି ଟୋକନ୍ ନ ମିଳିବା ଏବଂ କଟନି ଛଟନି ଭଳି ପ୍ରମୁଖ ସମସ୍ୟା ଜଣାଇବା ନିମନ୍ତେ ଯାଇଥିବା ଆମ୍ ଆଦମୀ ପାର୍ଟିର ବରଗଡ଼ ଜିଲ୍ଲା ଯୁବ ସଭାପତି ଶାହରୁଖ ଲୋଧିଆଙ୍କ ଏହି ଆକ୍ରମଣ କରାଯାଇଛି ବୋଲି ଆପ୍ ଅଭିଯୋଗ କରିବା ସହ ସରକାରଙ୍କ ଉପରେ ଦଳ ବର୍ଷିଛି । ଦଳ କହିଛି ଯେ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟକୁ ସେ ଅଭିଯୋଗ ପାଇଁ ଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଶୁଣିବା ପରିବର୍ତ୍ତେ ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକମାନେ ଶ୍ରୀ ଲୋଧିଆଙ୍କୁ ଧମକ ଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳତଃ ଆପ୍ ନେତା ଶାହରୁଖଙ୍କର ଶରୀରର ବିଭିନ୍ନ ଅଙ୍ଗ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା । ମରଣାନ୍ତକ ଆକ୍ରମଣ କରିଥିବା ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଲୋଧିଆଙ୍କୁ ପୁଲିସ ଗିରଫ କରି ସଙ୍ଗୀନ ଦଫା ଲଗାଇଛି ବୋଲି ଆପ୍ କହିଛି । ଏଭଳି ସଙ୍ଗୀନ ଅପରାଧରେ ଲିପ୍ତ ଥିବା ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କର ସହଯୋଗୀମାନଙ୍କୁ କ୍ଲିନ୍ ଚିଟ୍ ଦେଇ ଚାଷୀଙ୍କ ସ୍ୱରକୁ ଉତ୍ଥାପନ କରିବାକୁ ଯାଇଥିବା ଯୁବ ନେତା ଶାହରୁଖଙ୍କ ପ୍ରତି ପୁଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ସାରା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଶ୍ରୀ ଲୋଧିଆଙ୍କୁ ତୁରନ୍ତ ଖଲାସ କରିବାକୁ ଆମ୍ ଆଦମୀ ପାର୍ଟି ତରଫରୁ ଦାବି କରାଯିବା ସହ ବିଜେପି ସରକାରର ଏଭଳି ଗୁଣ୍ଡା ଓ ଅସାମାଜିକ ତତ୍ତ୍ୱଙ୍କୁ ପ୍ରୋତ୍ସାହନ ଦେବା ନୀତିକୁ ଦଳ ନିନ୍ଦା କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ସଭାପତି ରୁଚିର ରୁଦ୍ର ରଥ, ରାଜ୍ୟ ଯୁବ ଉପସଭାପତି ସାଇ ଗୋପୀନାଥ ପଣ୍ଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରାକେଶ କୁମାର ରାଉତ ଏବଂ ସୁପ୍ରାଜ ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ ।



## ଏଏସ୍‌ଡି ଓ ସ୍ମାର୍ଟ ମିଟର ନିଷ୍ପତ୍ତି ବିରୋଧରେ ଜନସ୍ୱାର୍ଥ ମାମଲା

କଟକ,୩୦।୧୨(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଉଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ସାମାଜିକ ସଂଗଠନ ଭଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ଦାୟର ଏହି ପିଟିସନରେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନ ବିରୋଧୀ ବୋଲି ଦର୍ଶାଯାଇଛି । ପିଟିସନରେ ଉଲ୍ଲେଖ କରାଯାଇଛି ଯେ ଓଇଆରସି ନିଜେ ସ୍ୱୀକାର କରିଛନ୍ତି ଯେ ଟାଟା ପାୱାର ୨୦୧୮ ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛନ୍ତି । ଯେତେବେଳେ ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନାହିଁ, ସେତେବେଳେ ଗ୍ରାହକଙ୍କ ଉପରେ ଏହି ଅତିରିକ୍ତ ବୋଝ ଲଦିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠାଯାଇଛି । ଏହି ମାମଲାରେ ରାଜ୍ୟରେ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ମଧ୍ୟ ବିରୋଧ କରାଯାଇଛି । ଆବେଦନକାରୀମାନେ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଯେ ବେଆଇନ ଭାବେ ଜାରି ହୋଇଥିବା ସମସ୍ତ ଏଡିଏସ ନୋଟିସକୁ ତୁରନ୍ତ ରଦ୍ଦ କରାଯାଉ, ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ବ୍ୟାପକ ଜନସଚେତନତା ଓ ଆଇନଗତ ପ୍ରକ୍ରିୟା ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉ, ଏଡିଏସ ପୈଠ ନ କଲେ ବିଦ୍ୟୁତ୍ କାଟ କରିବା ଭଳି କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଯାଉ । ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## ଅଧ୍ୟାପିକାଙ୍କୁ ନିର୍ଯାତନା; ପ୍ରାଧ୍ୟାପକ ନିଲମ୍ବିତ

ବାରିପଦା,୩୦।୧୨(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ/ଅତିଥି ଅଧ୍ୟାପିକା ନିର୍ଯାତନା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇଣ୍ଟରନାଲ କଂପ୍ଲେନ କମିଟି (ଆଇସିସି) ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ହୀରାଲାଲ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଏଥିସହ ତାଙ୍କଠାରୁ ସମସ୍ତ ଦାୟିତ୍ୱକୁ ଅପସାରଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ପ୍ରମୋଦ କୁମାର ଶତପଥି ପ୍ରକାଶ କରିଛନ୍ତି । ତେବେ ଅନ୍ୟଏକ ଘଟଣାରେ ଅନ୍ୟ ୩ ଛାତ୍ରୀଙ୍କୁ ନିର୍ଯାତନାକୁ ନେଇ ଓଡ଼ିଆ ବିଭାଗ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ କମିଟିରେ ବିଚାରାଧୀନ ଥିବାବେଳେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି ।

ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଜଣେ ପିଜି ଛାତ୍ରୀ ତଥା ଅତିଥି ଅଧ୍ୟାପିକାଙ୍କୁ ନିର୍ଯାତନା ଦେବା ନେଇ ଡ. ଦାଶଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଆଇସିସି କମିଟି ପକ୍ଷରୁ ଅଭିଯୋଗର ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ତାଙ୍କ ବିରୋଧରେ କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ସମସ୍ତ ଦାୟିତ୍ୱକୁ ଅବ୍ୟାହତି ଦିଆଯାଇଥିଲା । ନୋଟିସର ଉତ୍ତର ୧୦ଦିନ ମଧ୍ୟରେ ଦେବାକୁ ଥିବାବେଳେ ୨୯ ତାରିଖ ଅବଧି ଶେଷ ହୋଇଥିଲା । ପ୍ରାଧ୍ୟାପକ ଜଣଙ୍କ କମିଟି ନିକଟରେ ହାଜର ହୋଇ ନୋଟିସର ଉତ୍ତର ଦେବା ପରେ କମିଟିର ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୁଳାଧିପତିଙ୍କୁ ଅବଗତ କରାଯାଇଛି । ଅପରପକ୍ଷରେ ଓଡ଼ିଆ ବିଭାଗର ୩ ପିଜି ଛାତ୍ରୀଙ୍କ ଅଭିଯୋଗକୁ ନେଇ ଆଇସିସି ପକ୍ଷରୁ ତଦନ୍ତ ଜାରି ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀ କ୍ଷତିଗ୍ରସ୍ତ...

ଫଳରେ ଆରବୀୟ ଅଞ୍ଚଳରୁ ଭାରତକୁ ପ୍ରବାହିତ ହେଉଥିବା ଶୁଷ୍କ ସ୍ଥଳଭାଗ ବାୟୁ ଆଗରେ ଆରାବଳୀ ପର୍ବତମାଳା ଏକ ପ୍ରାଚୀର ସଦୃଶ ଠିଆ ହୋଇ ଏହି ବାୟୁକୁ ପ୍ରତି ମୂହୁର୍ତ୍ତରେ ଭାରତ ପ୍ରବେଶକୁ ବାଧା ଦେଉଛି । ଫଳ ସ୍ୱରୂପ ଭାରତରେ ମୌସୁମୀ, ଗ୍ରୀଷ୍ମ ପ୍ରବାହ ଏବଂ ଶୀତ ଲହରୀ ପ୍ରଭୃତି ପାଣିପାଗ ପ୍ରକ୍ରିୟାରେ ଏହି ବାୟୁର ବିଶେଷ ନକରାତ୍ମକ ପ୍ରଭାବ ପଡ଼ିପାରୁ ନାହିଁ । ବିଶେଷଜ୍ଞଙ୍କ ମତରେ ଭାରତରେ ସାଧାରଣତଃ ମୌସୁମୀ ନିମ୍ନଚାପ ରେଖା ରାଜସ୍ଥାନର ଗଙ୍ଗାନଗରରୁ ବାହାରି ବଙ୍ଗୋପସାଗର ପର୍ଯ୍ୟନ୍ତ ପଡ଼ିଥାଏ । ଏହା ତେର୍ଛା ହୋଇ ପଡ଼ି ରହିବା କାରଣରୁ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥାଏ । ମାତ୍ର ଆରାବଳୀ ପର୍ବତମାଳା ହଟିଗଲେ ବିଭିନ୍ନ ବାୟୁର ଦିଗ ପରିବର୍ତ୍ତନ ହେତୁ ଏହି ମୌସୁମୀ ନିମ୍ନଚାପରେଖା ସିଧା ହୋଇଯିବ । ଏହାଦ୍ୱାରା ଓଡ଼ିଶା ସମେତ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ବଢ଼ିବ । ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ପ୍ରଥମେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟରେ ବର୍ଷା କରାଇ ଧୀରେ ଧୀରେ ଏହି ନିମ୍ନଚାପ ରେଖା ଦେଇ କେନ୍ଦ୍ରୀୟ ଭାରତ ଓ ପଶ୍ଚିମ ଭାରତକୁ ଅଗ୍ରସହ ହୋଇଥାଏ ଓ ସେଠାରେ ବର୍ଷା କରାଏ । ମାତ୍ର ଆରାବଳୀ ନ ରହିଲେ ଅପରପଟୁ ପ୍ରଚୁର ମାତ୍ରାରେ ଶୁଷ୍କ ବାୟୁ ପ୍ରବାହ ବଢ଼ିବା ଯୋଗୁଁ ଲଘୁଚାପଗୁଡ଼ିକ ଆଗକୁ ବଢ଼ିବାକୁ ଶକ୍ତି ପାଇବେ ନାହିଁ । ଏହାଫଳରେ ବର୍ଷାର ପ୍ରଭାବ ଓଡ଼ିଶା ଛତିଶଗଡ଼ ଓ ଅତିବେଶୀରେ ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ରହିବ । ଓଡ଼ିଶା ଦେଇ ବହିଥିବା ପ୍ରମୁଖ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ । ଏହାସହିତ ବଙ୍ଗୋପସାଗର ଆଡ଼କୁ ପ୍ରଚୁର ଶୁଷ୍କ ବାୟୁ ପ୍ରବାହ ପରେ ବଙ୍ଗୋପସାଗରୀୟ ଆର୍ଦ୍ର ବାୟୁ ସଂସ୍ପର୍ଶରେ ଆସିବା ଫଳରେ ବଜ୍ରପାତର ତୀବ୍ରତା ମଧ୍ୟ ବୃଦ୍ଧି ପାଇବ । ଏହା ଶକ୍ତିଶାଳୀ ବଜ୍ରପାତ କରାଇବାରେ ମଧ୍ୟ ସହାୟକ ହେବ ।

ମୌସୁମୀ ଭଳି ଗ୍ରୀଷ୍ମ କାଳରେ ମଧ୍ୟରେ ଓଡ଼ିଶା ଉପରେ ଅନେକ ପ୍ରଭାବ ପଡ଼ିବ । କାରଣ ଆରାବଳୀ ପର୍ବତଶ୍ରେଣୀ ଗରମ ମହାଦେଶୀୟ ବାୟୁକୁ ଭାରତର ପୂର୍ବ ଦିଗକୁ ବିସ୍ତାର ହେବାରୁ ଅନେକାଂଶରେ ରୋକିଥାଏ । ଏହାର ଅନୁପସ୍ଥିତି, ରାଜସ୍ଥାନର ଥର ମରୁଭୂମିରୁ ଆସୁଥିବା ଗରମ ବାୟୁ ଓଡ଼ିଶା ପର୍ଯ୍ୟନ୍ତ ପହଞ୍ଚିବ । ଫଳତଃ ଏଠାରେ ଅଧିକ ଏବଂ ଦୀର୍ଘକାଳୀନ ଗ୍ରୀଷ୍ମ ପ୍ରବାହ ଦେଖାଦେବ । ସାଧାରଣତଃ ଖରାଦିନେ ରାଜସ୍ଥାନ ଆଦି ଅଞ୍ଚଳରେ ୫୦-୫୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଯାଇଥାଏ । ଏହି ହାରରେ ଓଡ଼ିଶାରେ ୪୦-୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥାଏ । ପୂର୍ବରୁ ରହି ଆସୁଥିବା ଏହି ୧୦ ଡିଗ୍ରୀର ତାପମାତ୍ରା ଅନ୍ତର ହ୍ରାସ ହୋଇ ଓଡ଼ିଶାରେ ମଧ୍ୟ ତାପମାତ୍ରା ୫୦ ଡିଗ୍ରୀ ନିଟତର ହେବାର ଆଶଙ୍କାକୁ ଏଡ଼ାଯାଇ ନ ପାରେ ।

ଶୀତ ଋତୁରେ ମଧ୍ୟ ଓଡ଼ିଶାରେ କୁପ୍ରଭାବ ଦେଖାଦେଇପାରେ । ଭାରତରେ ସାଧାରଣତଃ କେନ୍ଦ୍ରୀୟ ଏସିଆ ଇରାନ ଆଫଗାନିସ୍ତାନ ଅଞ୍ଚଳରୁ ଆସୁଥିବା ଥଣ୍ଡା ବାୟୁ ଦ୍ୱାରା ଶୀତ ଲହରୀ ପଡ଼ିଥାଏ । ଆରାବଳୀ ପର୍ବତମାଳା ଏହି ବାୟୁ ପ୍ରବାହ ଉପରେ ଏକ ଆଂଶିକ ବାଧା ଭାବେ କାର୍ଯ୍ୟ କରି, ଉତ୍ତରପଶ୍ଚିମ ଭାରତରୁ ଆସୁଥିବା ଶୀତଳ ଏବଂ ଶୁଷ୍କ ବାୟୁକୁ ପୂର୍ବ ଦିଗକୁ ଅଗ୍ରସର ହେବାରେ ପ୍ରତିହତ ସୃଷ୍ଟି କରେ । ଫଳସ୍ୱରୂପ ଉତ୍ତରପଶ୍ଚିମ ଭାରତ ମୁଖ୍ୟତଃ ପଶ୍ଚିମ ହିମାଳୟ ପଞ୍ଜାବ, ରାଜସ୍ଥାନ ହରିୟାନ, ଦିଲ୍ଲୀ ପ୍ରଭୃତି ଅଞ୍ଚଳରେ ଶୀତ ଲହରୀ ପ୍ରଭାବ ଦେଖାଦେଉ ଥିବା ବେଳେ ଏହାର ତୀବ୍ରତା ଓଡ଼ିଶା ସମେତ ପୂର୍ବ ଓ ଦକ୍ଷିଣ ଭାରତରେ କିଛି ପରିମାଣରେ କମିଯାଏ । କିନ୍ତୁ ଆରାବଳୀ ପର୍ବତମାଳାର ଅନୁପସ୍ଥିତି ଫଳରେ ଶୀତ ଲହରୀର ପ୍ରଭାବ ଆହୁରି ଅଧିକ ରହିବା ସହ ଅଧିକ ଦିନ ଶୀତ ଅନୁଭୂତ ହୋଇପାରେ ।

### ବାଂଲାଦେଶରେ ଆଉ ଜଣେ ...

କାରଣ ଜଣାପଡ଼ିନାହିଁ । ଗତ ଦୁଇ ସପ୍ତାହ ମଧ୍ୟରେ ଏହାକୁ ମିଶାଇ ହିନ୍ଦୁ ସଂପ୍ରଦାୟର ତିନି ଜଣଙ୍କୁ ହତ୍ୟା କରାଗଲାଣି । ଗତ ୧୮ ତାରିଖରେ ଦୀପୁ ଦାସ ନାମକ ଜଣେ ଯୁବକଙ୍କୁ କେତେକ ଲୋକ ପିଟିପିଟି ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ । ଏହାକୁ ନେଇ ଦେଶ ଭିତରେ ଓ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାର କିଛି ଦିନ ପରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ମଧ୍ୟ ପିଟିପିଟି ହତ୍ୟା କରାଯାଇଥିଲା । ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଭାରତଏହି ଘଟଣା ନେଇ ପ୍ରତିବାଦ ଜଣାଇଥିଲା । ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଲାଗି ଭାରତ ସରକାର ପରାମର୍ଶ ଦେଇଥିଲା । ତଥାପି ଗତକାଲି ପୁଣି କିଛି ହିନ୍ଦୁ ସଂପ୍ରଦାୟର ଲୋକଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦିଆଯାଇଥିଲା ।

ଏହିସବୁ ଘଟଣା ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଛି । ବାଂଲାଦେଶରେ ହିଂସା ନେଇ ଭାରତ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବାଂଲାଦେଶ ସରକାର ଓଲଟା ଭାରତ ବିରୋଧରେ ଅଭିଯୋଗ କରୁଛି । ଢାକାରେ ଭାରତର ହାଇକମିସନ ଅଫିସ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବିଭିନ୍ନ ଚରମପନ୍ଥୀ ସଂଗଠନ । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣର ବିରୋଧ କରି ଦିଲ୍ଲୀରେ ମଧ୍ୟ ବାଂଲା ହାଇକମିସନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବିଭିନ୍ନ ସଂଗଠନ । ଏଥିପାଇଁ ଉଭୟ ଭାରତ ଓ ବାଂଲାଦେଶ ପରବସ୍ପର ଦେଶର ହାଇ କମିସନରଙ୍କୁ ସମନ୍ କରି ନିଜ ନିଜର ଉଦବେଗ ଜଣାଇଛନ୍ତି । ଏଭଳି ପରିସ୍ଥିତି ମଧ୍ୟରେ ବାଂଲାଦେଶ ସରକାର ନୂଆଦିଲ୍ଲୀ ସ୍ଥିତ ଏହାର ହାଇକମିସନରଙ୍କୁ ଗତକାଲି ଡାକିନେଇଛି । ଦୁଇ ଦେଶ ମଧ୍ୟରେ ବିଗୁଡୁଥିବା ସଂପର୍କ ନେଇ ବିଚାର ଆଲୋଚନା ପାଇଁ ବାଂଲାଦେଶ ଏହାର କମିସନର ରିଆଜ ହମିଦୁଲ୍ଲାଙ୍କୁ ଡାକିଥିବା ଜଣାପଡ଼ିଛି । ଢକରା ପାଇଁ ରିଆଜ ଗତକାଲି ସନ୍ଧ୍ୟାରେ ଢାକା ଯାଇଛନ୍ତି ।

### କଳି-କନ୍ଦଳ...

ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି । ଗତ ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପଛରେ ନିଜ ସାଙ୍ଗଠନିକ ଶକ୍ତି ଅପେକ୍ଷା ପ୍ରତିପକ୍ଷ ବିରୋଧରେ ଅସନ୍ତୋଷ ପ୍ରମୁଖ କାରଣ ଥିବା ଏବେ ବି ଦଳର ଶୀର୍ଷ ନେତୃତ୍ୱ ବିଶ୍ୱାସ କରନ୍ତି । ରାଜ୍ୟର ପ୍ରମୁଖ ନେତାମାନେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି । ତୃଣମୂଳସ୍ତରରେ ବିଜେପି ଏଯାଏ ପହଞ୍ଚି ପାରିନାହିଁ ଓ ସଙ୍ଗଠନ ମଧ୍ୟ ସେତେ ସୁଦୃଢ଼ ନାହିଁ । ଯାହା ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ । ଏହା ସହ ରାଜ୍ୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଜନିତ ରୋଷ ଶାସକ ଦଳକୁ ଅଡୁଆ ପରିସ୍ଥିତିରେ ପକାଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

ବିଜେପି ପରି ବିଜେଡି ପାଇଁ ମଧ୍ୟ ୨୦୨୬ ଆହ୍ୱାନର ବର୍ଷ ହେବ । ୨୦୨୪ ସାଧାରଣ ନିର୍ବାଚନ ଓ ୨୦୨୫ ନୂଆପଡ଼ା ପରାଜୟ ସତ୍ତ୍ୱେ ବିଜେଡି ସାରା ରାଜ୍ୟରେ ପ୍ରାଧାନ୍ୟ ରଖିଛି । ୨୦୨୫ରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସାମାନ୍ୟ ମନ୍ଥର ହୋଇଥିଲେ ବି ବର୍ଷ ଶେଷ ବେଳକୁ ପୁନର୍ବାର ଦଳ ସକ୍ରିୟ ହୋଇଛି । ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦଳର ମଙ୍ଗ ଧରିବା ସହ ଜିଲ୍ଲାସ୍ତରରେ କମିଟି ପୁନର୍ଗଠନ ଆରମ୍ଭ କରିଛନ୍ତି । ଜଣେ ବା ଦୁଇଜଣ ନେତାଙ୍କୁ ନେଇ ବିଜେଡି ଗଠିତ ନୁହେଁ ବୋଲି ଦଳର ସୁପ୍ରିମୋଙ୍କ ଇଙ୍ଗିତ ଅନେକ ଗୁରୁତ୍ୱ ବହନ କରୁଛି । ଦୁଇ ଛାମୁଆ ସଙ୍ଗଠନ ଯୁବ ଓ ଛାତ୍ର ବିଜେଡିର ପୁନର୍ଗଠନ ପରେ ଖୁବଶୀଘ୍ର ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ପରିବର୍ତ୍ତନ ଆରମ୍ଭ ହେବ । ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦୀୟ ୧୮ ମାସର ବିଜେପି ସରକାର ବିରୋଧରେ ଜନସାଧାରଣଙ୍କ ରୋଷକୁ ନିଜ ସପକ୍ଷକୁ ନେବାକୁ ବିଜେଡି ପୁରା ଉଦ୍ୟମ କରିବ ବୋଲି କୁହାଯାଉଛି । ସାରା ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିଥିବା ବିଜେଡି ଦୀର୍ଘ ୨୪ ବର୍ଷ ଶାସନ ଓ ସଙ୍ଗଠନର ଅଭିଜ୍ଞତାକୁ ଉପଯୋଗ କରି ଆଗକୁ ବଢ଼ିବାକୁ ଉଦ୍ୟମ କରିବ । ଦ୍ୱିତୀୟ ପିଢ଼ି ଓ ତୃତୀୟ ପିଢ଼ି ନେତାଙ୍କ ମଧ୍ୟରେ ଦଳ ଯଦି ଉପଯୁକ୍ତ ସମନ୍ୱୟ ରଖିପାରିଲା, ତେବେ ୨୦୨୭ ରେ ଦଳର ସଫଳତାକୁ କେହି ରୋକି ପାରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଭକ୍ତଚରଣ ଦାସ ପିସିସି ମୁଖିଆ ହେବା ପରେ କଂଗ୍ରେସ ମଧ୍ୟରେ ଦେଖିବାକୁ ମିଳିଥିବା ନୂଆ ଉତ୍ସାହରେ ଏବେ ଭଟ୍ଟା ପଡ଼ିଛି । ୨୦୨୫ ପ୍ରଥମାର୍ଦ୍ଧରେ ଦଳ ଯେପରି ଏକାଠି ଦେଖାଯାଉଥିଲା, ବର୍ଷ ଶେଷ ବେଳକୁ ତାହା ସେପରି ସ୍ଥିତିରେ ନାହିଁ । କିଛି ମାସ ମଧ୍ୟରେ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୀତି ଓ କନ୍ଦଳ ଅଧିକ ତୀବ୍ର ହୋଇଛି । ଯାହା ଉଭୟ ଭକ୍ତ ଏବଂ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିଶେଷକରି କଂଗ୍ରେସର ପୁରୁଣା ବିରୋଧ ଓ ମେଳି ରୋଗ ଦଳକୁ ପୁଣି ପଛୁଆ କରି ଦେଇଛି । ବିଦାୟୀ ବର୍ଷରେ ଦଳୀୟ ନେତାଙ୍କୁ ସମାଲୋଚନା କରି ମୋକିମ୍‌ଙ୍କ ପରି ଟାଣୁଆ ନେତା ବିତାଡ଼ିତ ହୋଇଛନ୍ତି । ଏହି କ୍ରମରେ ୨୦୨୬ କେବଳ ଦଳର ସଭାପତି ନୁହନ୍ତି, କଂଗ୍ରେସ ପାଇଁ ବି ସବୁଠାରୁ ବଡ଼ ଆହ୍ୱାନର ବର୍ଷ ହେବ । କଂଗ୍ରେସକୁ ମଜବୁତ କରିବାକୁ ପିସିସି ସଭାପତିଙ୍କ ଏକଲା ଚଲୋ ନୀତି କେତେ ସଫଳ ହେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶାସକ ଦଳର ବିରୋଧରେ ଅସନ୍ତୋଷ ପରୋକ୍ଷରେ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ମନରେ ଦରଦ ସୃଷ୍ଟି କରିଥିଲେ ହେଁ ଏହାକୁ କେତେମାତ୍ରାରେ କଂଗ୍ରେସ ନିଜ ସପକ୍ଷକୁ ନେଇପାରିବ, ତାହା ୨୦୨୬ ସ୍ଥିର କରିବ ।

### ମହାପ୍ରଭୁ ଶୋଇବେ...

ଅନିଦ୍ରା ହେବେ । ବୁଧବାର ଅର୍ଥାତ ଡ଼ିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହେବ ଓ ରାତି ୨ଟାରେ ଦ୍ୱାରଫିଟା ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ନୂଆବର୍ଷ ପାଇଁ ଅର୍ଦ୍ଧରାତ୍ରିରୁ ମନ୍ଦିର ଖୋଲି ମହାପ୍ରଭୁଙ୍କୁ ଅନିଦ୍ରା ନ ରଖିବା ଲାଗି ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ ଗଜପତି ମହାରାଜା, ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । କିନ୍ତୁ ଛତିଶା ନିଯୋଗ ପୂର୍ବରୁ ନିର୍ଘଣ୍ଟ କରିଥିବା ନୀତିକାନ୍ତି ଅନୁଯାୟୀ ନୀତି କରାଯିବ ବୋଲି ଜଣାପଡିଛି ।

## ସିବିଏସ୍‌ଇ ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୩୦/୧୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଦଶମ ଶ୍ରେଣୀ ପରୀକ୍ଷା ମଧ୍ୟରୁ କେବଳ ମାର୍ଚ୍ଚ ୩ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପରିବର୍ତ୍ତନ କରି ମାର୍ଚ୍ଚ ୧୧ ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିପରି ୩ ତାରିଖରେ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରେ ଅନୁଷ୍ଠିତ ହେବ । ପ୍ରଶାସନିକ କାରଣରୁ ଏହି ପରିବର୍ତ୍ତନ କରାଯାଇଥିବା ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଆସନ୍ତା ଫେବୃୟାରୀ ୧୭ ତାରିଖରୁ ପରୀକ୍ଷା ଆରମ୍ଭ ହେବ । ସଂଶୋଧିତ ତାରିଖକୁ ପରିବର୍ତ୍ତନ କରି ଖୁବ ଶିଘ୍ର ନୂଆ ଆଡମିଟ କାର୍ଡରେ ଉଲ୍ଲେଖ ରହିବ ବୋଲି ସିବିଏସଇ ପକ୍ଷରୁ କୁହାଯାଇଛି ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR.
O-1894
No.6835/RWDBNJ/Dated 24.12.2025
1ST CORRIGENDUM TO TENDER CALL NOTICE
IDENTIFICATION NO.21/RWDBNJ/2025-2026 T.O.LETTER NO. 6076 DATED.09.12.2025

The following modifications to the Online Tender/21/SERWBNJ/2025-2026 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding | | Last date & Time of Seeking Tender clarification | Date of opening Technical BID |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/21/RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 Upto 5.00 P.M. | 03.01.2026 upto 3.00 P.M. | 07.01.2026 at 12.30 P.M. |
| | | As per 1ST Corrigendum | | | |
| | | 31.01.2025 at 10.00 AM | 12.01.2026 up to 5.00 PM | 10.01.2026 Upto 3.00 P.M. | 13.01.2026 at 12.30 P.M |

All other terms and conditions of the said tender call notice shall remain unchanged.

Executive Engineer
Rural Works Division, Bhanjanagar

OIPR-25174/11/0059/2526



MM-443

OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION
AT- Haridanali, PO/PS-Athmallik, Dist.-Angul, Pin-759125
Email – dfo.kl.alk@gmail.com, Mob No.8280342716
Order No.183/ Date 30.12.2025
NOTICE INVITING TENDER
Bid Identification No. DFO (KL) ALK-04 (online) 2025-26

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work "Construction of Forester Quarter at Kadaligarh (KL) Range office Campus under Athmallik (KL) Division for the year 2025-26".
2. No. of Works : 1 No.
3. Nature of Works : Building works
4. Class of Contractor : 'C or D' Class
5. Estimated Cost : 16,53,040/-
6. Completion period : 2.5 Calendar Months
7. Availability of Bid documents : 31.12.2025 (5.00 PM) to 12.01.2026 (05.00 PM)
8. Last date for Receipt of Bids : 12.01.2025 up to 05.00 PM
9. Opening of Bids : 13.01.2025 at 11.00 AM.

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik (KL) Division

OIPR-08155/11/0007/2526



OFFICE OF THE PANCHAYAT SAMITI: KALYANSINGHPUR
DIST.- RAYAGADA, PIN-765016, ODISHA
i-444
Email: ori-kalyansinghpur@nic.in
INVITATION FOR BIDS (I.F.B)
e-Procurement Notice
IDENTIFICATION No. PS- KAL, No. 02 of 2025-26
Tender Notification No. 3605, Dated 29.12.2025

The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.

1) No. of works :02 (Two) No.
2) Estimated Cost :Rs.24.02 lakhs to Rs.24.17 lakhs
3) Cost of Tender paper :Rs.6000/-(Rupees Six Thousand)only for each work
4) Class of Contractor :" D & C" Class
5) Date of Time of available in web site & receipt online :11:00 Hrs. of 02.01.2026 to 17.00 Hrs. of 16.01.2026
6) Date of opening of Technical Bid :11:30 Hrs. of 17.01.2026

The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.

Any Corrigendum / Addendum will be displayed in the website https://tendersodisha.gov.in only

Block Development Officer
Kalayansinghpur

OIPR-19432/11/0003/2526



OFFICE OF THE REGULATED MARKET COMMITTEE
AT/PO-ATTABIRA, DIST-BARGARH (ODISHA), PIN-76
Email-ID- attabirarmc@gmail.com

➢ ନିୟନ୍ତ୍ରିତ ବଜାର କମିଟି, ଅତାବିରା ଜିଲ୍ଲା ବରଗଡ ଅଧିନସ୍ଥ ଚାଷୀ, ବ୍ୟବସାୟୀ ତଥା ଶୁଭେଚ୍ଛୁ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏହି ବଜାର କମିଟିର ୧୯ ଗୋଟି ସ୍ଥାୟି ବଜାର ପ୍ରାଙ୍ଗଣ ଯଥା- ଅତାବିରା, ଭେଡେନ, ଗୋଡଭଗା, ଗୌଲଟିକିରା, ଜାଙ୍ଗେଡ, କାଠତେରା, ଖରମୁଣ୍ଡା, କାଦୋବାହାଲ, ଖୁଣ୍ଟଲିପାଲି, ଲଖମା, ମହୁଲପାଲି, ପାହାଡଶ୍ରୀଗିଡା, ପଦମ୍ପୁର, ପଦ୍ମାପାଲି, ରେଶମ, ରୁକୁଡା, ସହରାଟିକିରା, ଡେବ୍ରିଟିକିରା ଓ ଝରାପାଲି ଏବଂ ୩୧ ଗୋଟି ଅସ୍ଥାୟି କେନ୍ଦ୍ର- ଅର୍ଜୁଣ୍ଡା, ଅରେଇଗୁଡି, ଚିଚିଣ୍ଡା, ରେମୁଣ୍ଡା, ସାବଲ ଜେ. ଏଫ. ସି. ଏସ, ସିଆଲଖେଣ୍ଡହଟା, ସାଲେପାଲି, ପଧାନପାଲି, ବରପଦର, ସିଙ୍ଘେନପାଲି, ବସେଇକେଲା, ଜାମପାଲି, ହାତିପାଲି ସୁନାଲରମ୍ଭା, ତାଙ୍ଗପାଲି, ଜମ୍ଭାପତା, ଝିଲମିଣ୍ଡା, କୁଲୁଣ୍ଡା, ଲପ୍ତଲା, ଲହଣ୍ଡା, ମନାପଡା, ସିଙ୍ଗପାଲି, ଟାଙ୍ଗରପାଲି, ତାଳପତରଟିକିରା, ଟୋପ, ବଡପିପଲିପାଲି, ବଢ଼ି, ଗୁରଖାପାଲି, ଲଚିଦା, କୁଡୋପାଲି ଓ କୁଚେଇଚେଗା ଗୁଡିକରେ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଅଛି । ଏଣୁ ଚାଷୀ ଭାଇମାନେ ଏହିସବୁ ଧାନ ସଂଗ୍ରହ କେନ୍ଦ୍ରଗୁଡିକୁ ଧାନ ଆଣି ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରାପ୍ତ କରି ଲାଭବାନ ହୋଇ ନିୟନ୍ତ୍ରିତ ବଜାର କମିଟି, ଅତାବିରା କୁ ଏକ ଉନ୍ନତ ସମୃଦ୍ଧ ନିୟନ୍ତ୍ରିତ ବଜାର କମିଟି ଭାବରେ ଗଢି ତୋଳିବା ପାଇଁ ଏହି ଅଂଚଳର ସମସ୍ତ ଚାଷୀ ଭାଇମାନଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ କାମନା କରୁଅଛି ।

➢ ଇ-ନାମ ମାଧ୍ୟମରେ ପନିପରିବା ବିକ୍ରୟ କରି ଲାଭବାନ ହୁଅନ୍ତୁ ।

ଉପରୋକ୍ତ ଦର କେବଳ ଗ୍ରହଣ ଉପଯୋଗୀ ହୋଇଥିବା ସୁସ୍ଥ, ଶୁଖିଲା, ସୁସ୍ଥ ଏବଂ ଏକବର୍ଣ୍ଣ ସମାନ ଆକାରର ଧାନ ପାଇଁ ଏବଂ ସେଥିରେ ମଳିନତା, ପୋକିଲା, ଦୁର୍ଗନ୍ଧ ଓ ବୈଷମ୍ୟ ଧାନ ନଥିବା ଉଚିତ । ଏକ କିସମର ଧାନରେ ଅନ୍ୟ ନିକୃଷ୍ଟ ଧାନର ମିଶ୍ରଣ ନଥିବା ଉଚିତ । ପୁନଶ୍ଚ ଧାନର ଆର୍ଦ୍ରତା (ଜଳୀୟ ଅଂଶ) ଶତକଡା ୧୭ ଭାଗରୁ ଅଧିକ ନଥିବା ଉଚିତ । ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଯେ ଧାନକୁ ଭଲ ଭାବେ ସୁଖାଇ ସଫା କରି କ୍ରୟ କେନ୍ଦ୍ର କୁ ବିକ୍ରୟ ପାଇଁ ଆଣିବେ ।

| କ୍ର.ନଂ | ଧାନରେ ମିଶ୍ରଣ ଥିବା ଅପରିଷ୍କୃତ ଆଦି | ସର୍ବୋଚ୍ଚ ପରିମାଣ | କ୍ୱି. ପ୍ରତି |
|---|---|---|---|
| ୧ | ବାହ୍ୟ ବସ୍ତୁ | | |
| | (କ) ଅଜୈବିକ (ମାଟି, ଗୁଣ୍ଡ, ଗୋଡି, ବାଲି, ପଥର , ଧୂଳି | ୧% | ୧ କି.ଗ୍ରା |
| | (ଖ) ଜୈବିକ (ପୋଲ, ଅଗାଡି, କାଠି, କୁଟା ଏବଂ ଧୂଷ | ୧% | ୧ କି.ଗ୍ରା |
| ୨ | ନଷ୍ଟ, ରେଙ୍ଗୀ ଗଜା ଉଠିଥିବା, ପୋକିଲା | ୫% | ୫ କି.ଗ୍ରା |
| ୩ | ଅପରିପକ୍ୱ, ସଙ୍କୁଚିତ, କଂଚା ସବୁଜ, ବଂଝା | ୩% | ୩ କି.ଗ୍ରା |
| ୪ | ସରୁ ଧାନରେ ମିଶିଥିବା ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ୬ କି.ଗ୍ରା |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | |

ଶ୍ରୀ ଅଙ୍କିତ ପଣ୍ଡା, ଓ.ଆର.ସ, ସବ-ରେଜିଷ୍ଟ୍ରାର, ଅତାବିରା
ତଥା-ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, OAS Gr. A(SB)
ଉପ-ଜିଲ୍ଲାପାଳ, ବରଗଡ-ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଅତାବିରା



NOTICE

By virtue of an affidavit sworn before the Executive Magistrate, Balangir, dated 29.12.2025 , Kailasha Mutkia, s/o. Dasharath Mutkia, Address- At: Beherapali, Ward No.9, Balangir, PO/PS. Balangir, Dist. Balangir- 767001 (Odisha), declare that I have changed my name from Kailash Mujhkia, Slo. Dasarath Mujhakia to Kailasha Mutkia, s/o. Dasharath Mutkia. Henceforth, I shall be known as Kailasha Mutkia, s/o. Dasharath Mutkia for all purposes.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, vide no 1133, dated. 29.12.2025 I, SABHAN GARADA , S/o - Gagan Bihari Garada, At Village- Amalabhata, PO. - Tentulikhunti, PS.- Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from SHOVAN GARADA to SABHAN GARADA. Henceforth, I shall be known as **SABHAN GARADA** for all purposes.

Sd/- SABHAN GARADA

AFFIDAVIT

By virtue of an affidavit sworn before the Executive Magistrate, Nabarangpur, vide no 1131, dated 29.12.2025 I, KAMALA MAJHI, W/o - Chaitanya Majhi , Resident of Village - Mundagada, PO- Bhatigam, PS - Kodinga, Dist- Nabarangpur, Odisha, Pin - 764063, declare that I have changed the name of my Daughter from M.BATI MAJHI to HEMABATI MAJHI. Henceforth, She shall be known as **HEMABATI MAJHI** for all purposes.

Sd/- Kamala Majhi

AFFIDAVIT

I, Namita Patra, Vill: Orada, P.O. Tusar, P.S. Kiakata, Dist.: Angul, Odisha - 759126, hereby declare that I have changed my minor daughter's name from Priyanka Patra to Ankita Patra vide affidavit No. 1008 before the Executive Magistrate, Rairakhol on 30.12.2025. Henceforth, she shall be known as **Ankita Patra** for all purposes.

Sd/- Namita Patra

NOTICE

By virtue of an affidavit sworn before Executive Magistrate, Bhubaneswar vide Serial No. 80 dt.24.09.2025 I,SAIKH JUNED resident of At-Singada, PO-Barimunda, P.S.- Mancheswar, Dist.: Khordha, Odisha declare that I have changed my name from SEKHA JUNETH to SAIKH JUNED.Henceforth I shall be known as **SAIKH JUNED** for all purposes.

(SAIKH JUNED)

AFFIDAVIT

By virtue of an affidavit (SL No. 10274, dt- 18/12/2025) sworn before The Executive Magistrate, Cuttack. I, **Yagnaseni Panda,** W/o-Ansuman Tripathy, permanent resident of At- Nuapada New Colony, PO- Nayabazar, PS- Madhupatana, Dist- Cuttack, PIN- 753004, Odisha declare that I have changed my name from **Jagyanseni Panda** to **Yagnaseni Panda.** Henceforth, I shall be known as **Yagnaseni Panda** (new name) for all purposes.

**Yagnaseni Panda**

DOCUMENTS LOST

Notice is hereby given that Mr. Rabinarayan Sarangi has purchased the full plot from Mr. Prafulla Kumar Mishra and had collected the original ROR (Khata No. 535/127) and Sale Deed from him.The said original ROR and Sale Deed standing in the name of Mr. Prafulla Kumar Mishra have been lost/misplaced at Dhenkanal. **If found, please contact: Mob: +91 99371 52416**

AFFIDAVIT

By virtue of an affidavit (CF No. 01, dtd- 30/12/2025) sworn before the Executive Magistrate, Padampur. I, **Pratapsing Jagat,** S/o-Bidyadhar Jagat, permanent & current resident of AT- Bilaspir, PO- Bilaspur, PS- Jharbandh, Dist- Bargarh, PIN- 768042, Odisha declare that I have changed my name from **Chandan Jagat to Pratapsing Jagat.** Henceforth, I shall be known as **Pratapsing Jagat** (new name) for all purposes.

**Pratapsingh Jagat**

AFFIDAVIT

By virtue of an affidavit sworn before The Executive Magistrate, Bhubaneswar, CF.NO- 09, dated 30-12-2025 I, **KARALA SUNITA CHOUDHARY,** Permanent resident of At- Krushnacharan pur, Gundura Po- Gundra, PS- Jarada, Dist- Ganjam, State- Odisha, PIN- 761005, declare that I have changed my name from **SUNITA SISTU** (Old name) to **KARALA SUNITA CHOUDHARY** (New name), Henceforth, I shall be known as **KARALA SUNITA CHOUDHARY** for all purposes.

Sd- KARALA SUNITA CHOUDHARY

AFFIDAVIT

By virtue of an affidavit before the Notary Public, Titilagarh, on dated- 30/12/2025. I, **Haripriya Chhatar** (new name), formerly called as **Haripriya Kata** (old name), W/o- Jayanta Kata, permanent resident of C/o Jayanta Kata, Ward No.6, Gauntiapada, VTC: Kesinga, PO: Kesinga, Sub District: Kesinga, Dist: Kalahandi, PIN: 766012, Odisha now residing at the same place declare that I have changed my name from **Haripriya Kata** to **Haripriya Chhatar.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Haripriya Chhatar** (new name) for all future purposes.

**Haripriya Chhatar**

ହଜିଛି

ମୁଁ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତି,** ପିତା: ଶ୍ରୀ ପିତାମ୍ବର ମହାନ୍ତି, ଗ୍ରାମ: ଦହିସଡ଼ା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଘୋଷଣା କରୁଅଛି କି ମହେଶ୍ୱର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସର୍ବେଶ୍ୱର ମହାନ୍ତି, ସମସ୍ତଙ୍କ ପିତା: ଶ୍ରୀ ପିତାମ୍ବର ମହାନ୍ତିଙ୍କ ନାମରେ ମିଳିତ ରେକର୍ଡଭୁକ୍ତ ସମ୍ପତ୍ତିର ପଟ୍ଟା ଯାହାର ଖାତା ନଂ: ୧୦୨/୬୦, ପ୍ଲଟ୍ ନଂ: ୨୩୨, ୨୩୩, ୨୩୪, ମୋଟ କ୍ଷେତ୍ର: ୦.୩୪୦ ଏକର ଅଟେ । ଏହି ସମ୍ପତ୍ତିର ମୂଳ ଲିଙ୍କ୍ ଦଲିଲ ନଂ: ୧୦୧୪୧୧୦୨୯୧୨ ତା୨୬.୦୮.୨୦୧୧ରିଖ ଯାହାକି କାଳନ୍ଦୀ ଚରଣ ମାଝୀ (ପୂର୍ବତନ ବିକ୍ରେତା) ଙ୍କ ନାମରେ ଅଛି ତାହା ତା୨୧.୦୭.୨୦୨୨ରିଖରେ ମୋର ନିଜ ଗ୍ରାମରୁ ସୋରୋ ଯିବା ସମୟରେ କେଉଁଠାରେ ହଜିଯାଇଛି । ବର୍ତ୍ତମାନ ମୁଁ ଖାତା ନଂ: ୧୦୨/୬୦, ପ୍ଲଟ ନଂ: ୨୩୨, ୨୩୩, ୨୩୪, ମୌଜା: ନାୟକବନ୍ଧ, ଥାନା: ସୋରୋ, ନଂ: ୨୭୧, ତହସିଲ: ବାହାନଗା, କଲେକ୍ଟରେଟ-ବାଲେଶ୍ୱର ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ବନ୍ଧକ ରଖି ଋଣ ନିମନ୍ତେ ଆବେଦନ କରିଛି । ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖିପାରିବେ ।

AFFIDAVIT

By virtue of an affidavit before the Notary Public, Khordha vide Sl. No. 2827, dtd- 24/12/2025. I **Kamalinee Swain,** W/o-Akshaya Kumar Samantsinghar, resident of Vill- Goudaput, Po-Sarua, Ps/Dist- Khordha, Odisha have changed my name from **Kamalinee Swain to Kamalinee Samantsinghar.** Henceforth, I shall be known as **Kamalinee Samantsinghar** for all purpose.

**Kamalinee Samantsinghar**

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# ଜୀବନ ଜୀବିକାର ଅସଲ କାହାଣୀ ବଖାଣିଲେ ସଫଳ ଚାଷୀ

**ଭବାନୀପାଟଣା, ୩୦ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ଜୀବନ ଜୀବିକାର ଏକ ମାତ୍ର ଭରସା ଧାନ କପା, ମକା ଫଳ ପନିପରିବା ହେଉକି ମାଛ। ଭବାନୀପାଟଣା ସହର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ମେଳାରେ ନିଜ ନିଜର ସଫଳ କାହାଣୀ ବଖାଣିଥିଲେ ଓ ସମ୍ବର୍ଦ୍ଧିତ ହୋଇଥିଲେ ବହୁ ଆଗଧାଡିର ଚାଷୀ। ଆୟୋଜିତ ଉତ୍ସବ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ମୁଖ୍ୟବକ୍ତା ଭାବେ ଓମଫେଡର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ଓମଫେଡର ଜେନରାଲ ଡ଼ାଇରେକ୍ଟର ଡ଼.ରଜନୀ କାନ୍ତ ପଣ୍ଡା, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନୀରଦ ଚନ୍ଦ୍ର କହଁର ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.କହଁର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅଭିବୃଦ୍ଧି ପାଇଁ କରିଥିବା ବିଭିନ୍ନ ଯୋଜନା ଓ କଳାହାଣ୍ଡି ଜିଲାରେ ଏହାର ବିକାଶ ଓ କାର୍ଯ୍ୟକାରିତା ଉପରେ ଅତିଥିମାନେ କହିଥିଲେ। କର୍ଲାପଡ଼ା ପ୍ରାଣୀ ଚିକିତ୍ସକ ଡ.ସୁଦେବୀ ଭଞ୍ଜ, ବିଶ୍ୱନାଥପୁର ପ୍ରାଣୀଚିକିତ୍ସକ ଡ଼.ତେଜସ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ହୋଇଥିବା ଜିଲ୍ଲାର ୪ ଜଣ ଚାଷୀଙ୍କୁ ଆର୍ଥିକ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୋଶାଳା ନିର୍ମାଣ ପାଇଁ ୨ ଚାଷୀଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ତଥା ଅନ୍ୟାନ୍ୟ ବିଭାଗର ୩୨ ଟି ଷ୍ଟଲ ପ୍ରଦର୍ଶନୀ ହୋଇଥିବା ବେଳେ ୨୪ ଟି ଜୀବନ୍ତ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ କରାଯାଇଛି। ମେଳା ଆୟୋଜନରେ ଜିଲ୍ଲା ତାଲିମ ସଂଯୋଜକ ଡ଼. କେଦାର ନାଥ ଖମାରୀ, ଅତିରିକ୍ତ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଦୀପକ ଦେହୁରା, ଡ଼. ଅଶୋକ ଚନ୍ଦ୍ର ପଣ୍ଡା, ଏଏଫଓ ପ୍ରଶାନ୍ତି ନାୟକ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସକ୍ରିୟ ଦାୟିତ୍ୱ ତୁଲାଉଛନ୍ତି। ପରେ ବୈଜ୍ଞାନିକ ଓ ଚାଷୀ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।ଡ଼.ପରାଗ ଆଚାର୍ଯ୍ୟ ଓ ଧର୍ମଗଡ଼ ଏସ୍‌ଡ଼ିଭିଓ ଡ଼. ମଧୁସୂଦନ ଦାସ ସାମିଲ ହୋଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।



### ବଫଲାମାଳିରେ ମା'ବଫଲେନ୍ ଦେବୀଙ୍କ ମାଳି ଚଗା ପର୍ବ

# ବର୍ଷରେ ଥରେ ପୂଜା ପାଆନ୍ତି ଦେବୀ

**ଥୁଆମୂଳରାମପୁର, ୩୦ ।୧୨(ସମିସ):** କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲା ସୀମାନ୍ତରେ ଅବସ୍ଥିତ ବଫଲାମାଳି ଶିଖରରେ ପୂଜା ପାଇ ଆସୁଥିବା ମା'ବଫଲେନ୍ ଦେବୀଙ୍କ ବାର୍ଷିକ ପୂଜା 'ମାଳି ଚଗା' ପର୍ବ ଅନୁଷ୍ଠିତ ହୋଇଯାଇଛି। ପୁରାତନ କାଳରୁ ପୂଜା ପାଇ ଆସୁଥିବା ମା' ବଫଲେନ୍ ଦେବୀଙ୍କୁ ପ୍ରତିବର୍ଷ ପୌଷ ମାସର ଶେଷ ମଙ୍ଗଳବାର ଦିନ ବର୍ଷକୁ ଥରେ ବଫଲାମାଳିର ରାଣୀ ପାହାଡସ୍ଥିତ ଏକ ଗୁମ୍ଫାରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥାଏ। ବଫଲାମାଳି ପାହାଡର ପାଦ ଦେଶରେ ବସବାସ କରୁଥିବା ଲୋକଙ୍କ ଆରାଧ୍ୟା ଦେବୀ ବଫଲେନଙ୍କୁ ଆସ୍ଥା ଓ ବିଶ୍ୱାସର ସହିତ ପୂଜାର୍ଚ୍ଚନା କରିଥାନ୍ତି ।ଆଦିବାସୀ ପରମ୍ପରା ଏବଂ ରୀତିନୀତି ମୁତାବକ ବର୍ଷରେ ଥରେ ହେଉଥିବା ଏହି ପୂଜାରେ ଶହଶହ ଶ୍ରଦ୍ଧାଳୁ ତଥା ମାନସିକ ଧାରୀ ମାଙ୍କ ଦର୍ଶନ ପାଇଁ ଏହି ମାଳି ଶିଖରକୁ ଚଢି ଥାଆନ୍ତି ଯାହା 'ମାଳି ଚଗା' ନାମରେ ପ୍ରସିଦ୍ଧି ଲାଭ କରିଛି ।ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ବଫଲା ମାଳିରୁ ବକ୍ସାଇଟ୍ ଖଣି ଖନନ ହେଉଥିବାରୁ ଏହି ଅଞ୍ଚଳକୁ ଜନ ସାଧାରଣଙ୍କ ପ୍ରବେଶ ନିଷେଧ ରହିଛି। ହେଲେ 'ମାଳି ଚଗା' ଯାତ୍ରା ପାଳନ ଯୋଗୁଁ ଦିନକ ପାଇଁ ଖଣି ଅଞ୍ଚଳକୁ ପ୍ରବେଶ ପାଇଁ କଟକଣାରେ କୋହଳ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ଯାତ୍ରାରେ କଳାହାଣ୍ଡି, ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ବଫଲାମାଳି ପାହାଡ ଉପରେ ରହିଛି ରାଜା ଏବଂ ରାଣୀ ନାମରେ ଦୁଇଟି ଐତିହାସିକ ପାହାଡ। ଯାହା ଖଣି ଖନନ ଦ୍ୱାରା ପ୍ରଭାବିତ ହେଉଛି। ଗୁମ୍ଫା ତଳେ ପୂଜା ପାଇ ଆସୁଥିବା ଦେବୀଙ୍କ ପୀଠ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି।



### ରେଘାମୁଣ୍ଡା ସୁମତି ରଣା ହତ୍ୟା ମାମଲା

## ତଦନ୍ତ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ରେଘାମୁଣ୍ଡା ଗ୍ରାମରେ ହୋଇଥିବା ସୁମତି ରଣା ହତ୍ୟାକାଣ୍ଡ ମାମଲାର ତଦନ୍ତରେ ଶିଥିଳତା ଅଭିଯୋଗ ହୋଇଛି। ଉପଯୁକ୍ତ ତଦନ୍ତ ଦାବି କରି ବୌଦ୍ଧ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତ ସୁମତିଙ୍କ ବଡ଼ଭାଇ ସୁବୋଧ ରଣା। ଡୁସରା ଥାନା ଗୁଡଭେଲା ଗ୍ରାମର ସୁବୋଧ ରଣା ଏସ୍‌ପିଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ସୁମତି ୧୩ ବର୍ଷ ତଳେ ଘଣ୍ଟାପଡ଼ା ଥାନା ରେଘା ମୁଣ୍ଡା ଗ୍ରାମର ସତ୍ୟ ନାରାୟଣ ରଣାଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ପରିବାର ସଦସ୍ୟମାନେ ବିଭିନ୍ନ ସମୟରେ ସୁମତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବାବେଳେ ଗତ ୮ ତାରିଖରେ ବଲାଙ୍ଗିର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଭାଇ ସୁବୋଧ ଭଉଣୀ ସୁମତିଙ୍କୁ ସ୍ୱାମୀ ଓ ପରିବାର ଲୋକେ ହତ୍ୟା କରିଥିବା ଡିସେମ୍ବର ୧୦ ତାରିଖରେ ଘଣ୍ଟାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୨୦ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଘଣ୍ଟାପଡ଼ା ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଉପ ଆରକ୍ଷୀଅଧୀକ୍ଷକ ଦାବିପତ୍ର ଗ୍ରହଣ କରିଥିଲେ

## ରୋଗୀ ସହାୟକ ବିଶ୍ରାମସ୍ଥଳୀରୁ ଚୋରି

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ଡାକ୍ତରଖାନାର ରୋଗୀ ସହାୟକ ବିଶ୍ରାମସ୍ଥଳୀରୁ ଜଣେ ରୋଗୀ ସହାୟକଙ୍କ ମୋବାଇଲ୍ ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଆଠମଲ୍ଲିକ ଥାନା ଉଲୁଠୁ ଗ୍ରାମର ପ୍ରଦୀପ କୁମାର ସେଠୀ ନାମକ ଜଣେ ଯୁବକ ପ୍ରସବ ୱାର୍ଡରେ ନିଜ ଭଉଣୀଙ୍କ ଦେଖାଶୁଣା କରିବା ପାଇଁ ବିଶ୍ରାମ ନେଇଥିଲେ। ସେ ବିଶ୍ରାମସ୍ଥଳୀର ଶୌଚାଳୟକୁ ଯାଇଥିବା ବେଳେ ସେଠାରେ ଥିବା ଜଣେ ଯୁବକ ତାଙ୍କ ମୋବାଇଲ୍ ଓ ପର୍ସରେ ଥିବା ପ୍ରାୟ ୩ ହଜାର ଟଙ୍କା ଓ ଅନ୍ୟ କାଗଜପତ୍ର ନେଇ ଫେରାର ମାରିଥିବା ସୂଚନା ମିଳିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁନଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଛି।

## ସରକାରୀ କାର୍ଯ୍ୟାଳୟକୁ ଇଂରାଜୀ ନୂଆବର୍ଷ ପାଳନସ୍ଥଳୀ ନ କରିବାକୁ ପରାମର୍ଶ

**ବଲାଙ୍ଗିର, ୩୦ ।୧୨(ସମିସ):** ଇଂରାଜୀ ନୂଆବର୍ଷ ୨୦୨୬ର ପହିଲା ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟ ଦିବସ ଭାବେ ଚାଲିବ। ତେଣୁ ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନରସ୍ଥଳୀନ କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ, ସୌଜନ୍ୟମୂଳକ ସାକ୍ଷାତ ବ୍ୟତିତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ ଇତ୍ୟାଦି ସରକାରୀ କାର୍ଯ୍ୟାଳୟ ପରିସରରେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ପରିଦର୍ଶକଙ୍କୁ ନିମ୍ନଲିଖିତ ବିଷୟଗୁଡ଼ିକ ଉପସ୍ଥାପନ କିମ୍ବା ଗ୍ରହଣ କରିବାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକରେ ଗୁଡ଼ାଯାଇଥିବା ପୁଷ୍ପ, ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକରେ ତିଆରି କିମ୍ବା ପ୍ୟାକେଜ୍ ହୋଇଥିବା ଉପହାର, ସ୍ମାରକୀ କିମ୍ବା ସାଜସଜ୍ଜା ସାମଗ୍ରୀ ଉପହାର ଦେବାକୁ ମନା କରାଯାଇଛି। ପରିବେଶ ପ୍ରତି ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି ଏବଂ ଉପରୋକ୍ତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ

**ତରଭା, ୩୦ ।୧୨(ସମିସ):** ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ୧୯୬୪ରେ ପ୍ରତିଷ୍ଠିତ ହୋଇଥିବା ଏହି ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନ ଥିବାରୁ ଆଲୁମିନୀ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବି ହେଉଥିବାବେଳେ ସରକାର ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ସୋନପୁର କଲେଜର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀଙ୍କ ସହିତ ପୁରାତନ ଛାତ୍ର ସଂଘର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଭାରତଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଓଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରୀପାଠୀ, ସ୍ୱରୂପ ପାତ୍ର, ଗୌରୀ ଶଙ୍କର ରଥ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ନୂତନ ଭାବରେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ ସାରିଥିବା ବେଳେ ପୁରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ପାଇଁ ଯଦି ଦରକାର ପଡ଼େ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଗ୍ରହଣ କରାଯିବା ପାଇଁ ଏହି ଅବସରରେ ବିଭିନ୍ନ ଛାତ୍ର ନେତା ପ୍ରକାଶ କରିଛନ୍ତି। ଦସ୍ତଖତ ଅଭିଯାନ ଦିନ ୧୧ ଟା ରୁ ଆରମ୍ଭ ହୋଇ ରାତ୍ର ୯ ଟା ପର୍ଯ୍ୟନ୍ତ ହୋଇଥିବାବେଳେ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ଦସ୍ତଖତ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ଛକ ଠାରେ ସନ୍ଧ୍ୟା ୭ ଟା ବେଳେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## କାର୍ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବୀରମହାରାଜପୁର, ୩୦ ।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅଧୀନ ଟେଭାପଦର ବୁଲାଣି ରାସ୍ତାରେ ରେଢ଼ାଖୋଲ ପଟୁ ବଲାଙ୍ଗିର ଅଭିମୁଖେ ଯାଉଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଜଣେ ସେନା ଅଧିକାରୀ, ପରିବାର ସଦସ୍ୟଙ୍କୁ ଧରି କଟକରୁ କାର ଯୋଗେ ବଲାଙ୍ଗିର ଅଭିମୁଖେ ଫେରୁଥିବାବେଳେ, ଟେଭାପଦର ବୁଲାଣି ରାସ୍ତାରେ କାର୍‌ଟିର ଡାହାଣପଟ ପଛପଟ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼ ଚାଷ ଜମିକୁ ଖସିପଡ଼ି ସମ୍ମୁଖରେ ଥିବା ଏକ ବମର ଗଛରେ ପିଟି ହୋଇଥିଲା। ଫଳରେ କାରର ସାମ୍ନାପଟ ଭାଙ୍ଗି ଯାଇଥିବା ବେଳେ, କାରରେ ବସିଥିବା ଚାଳକ ଏବଂ ଆରୋହୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସୁବଳୟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଥିବାବେଳେ, ଆହତଙ୍କୁ ବିରାମହରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି।



## ବୌଦ୍ଧ ମହୋତ୍ସବ ପ୍ରଚାରପ୍ରସାର ରଥ ଶୁଭାରମ୍ଭ

**ବୌଦ୍ଧ, ୩୦ ।୧୨(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ମହୋତ୍ସବ କମିଟି ପକ୍ଷରୁ ଜାନୁଆରୀ ଦୁଇ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବୌଦ୍ଧ ମହୋତ୍ସବ, ପଲ୍ଲୀଶ୍ରୀ ମେଳା, ଆତ୍ମନିର୍ଭରଭାରତ, ସ୍ୱଦେଶୀ ମେଳା ଏବଂ ବୟନିକା ହସ୍ତତନ୍ତ ପ୍ରଦର୍ଶନୀ ମେଳା ପାଇଁ ପ୍ରଚାରପ୍ରସାର ନିମନ୍ତେ ଏକ ପ୍ରଚାର ଗାଡ଼ି ଶୁଭାରମ୍ଭ ହୋଇଯାଇଛି। ଉକ୍ତ ରଥକୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିଆରସିଂହ, ହରଭଙ୍ଗା ବିଡିଓ, ବୌଦ୍ଧ ଏବିଡିଓ, ବୌଦ୍ଧ ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୁରିଣ କୁମାର ଦେହୁରୀ, ଜିଲ୍ଲାର ବିଭିନ୍ନ ସଂଗଠନ ଓ ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟମାନେ ଉପସ୍ଥିତ ଥିଲେ।



## ଜିଲ୍ଲା ପାନୀୟ ଜଳ ଓ ପରିମଳ କମିଟି ବୈଠକ

**ନୂଆପଡ଼ା, ୩୦ ।୧୨ (ସମିସ):** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ଗୃହରେ ଜିଲ୍ଲା ପାନୀୟ ଜଳ ଓ ପରିମଳ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସଫଳ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବାହ୍ୟ ମଳତ୍ୟାଗ ବିହୀନ ଗ୍ରାମ, ଗୋଷ୍ଠୀ ପରିମଳ କମ୍ପ୍ଲେକ୍ସ, ସଲିଡ ୱାଷ୍ଟ ମ୍ୟାନେଜମେଣ୍ଟ, ସୋଲାର ୱାଟର ସପ୍ଲାଇ, ଟ୍ୟୁବୱେଲ ପ୍ଲାଟଫର୍ମ ଆଣ୍ଡ ସୋକପିଟ, ହର ଘର ଜଳ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅଧିକ୍ଷଣ ଯନ୍ତ୍ରୀ ପ୍ରହ୍ଲାଦ ସାହୁ, ଅତିରିକ୍ତ ନିର୍ବାହୀଅଧିକାରୀ ଜିଲ୍ଲା ପରିଷଦ କ୍ଷମାନିଧି ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଜିଲ୍ଲା ପରିଷଦର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମନେରେଗା ଯୋଜନା ଅନ୍ତର୍ଗତ କାର୍ଯ୍ୟ ଦିବସ, ଗ୍ରାମୀଣ ଗୃହ ନିର୍ମାଣ (ରୁରାଲ ହାଉସିଂ) ଏବଂ କେନ୍ଦ୍ରୀୟ ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନରୁ ପଞ୍ଚାୟତକୁ ମଞ୍ଜୁର ହୋଇଥିବା ଅର୍ଥର ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।



## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ

**ବିନିକା, ୩୦ ।୧୨(ସମିସ):** ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଏବଂ ଅଧ୍ୟାପିକା ବୈଜୟନ୍ତୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବ୍ୟଙ୍ଗ କବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଲତା, ସମାଜସେବୀ ଚନ୍ଦ୍ରମା ଅଗ୍ରୱାଲ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିବାବେଳେ ଶେଷରେ ଅଧ୍ୟାପକ ଅଶୋକ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପଏଁରୀ ତିହାର- ୨୦୨୬ ପାଇଁ ପ୍ରସ୍ତୁତି

**ତରଭା, ୩୦ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଆସନ୍ତା ଜାନୁଆରୀ ୧ରୁ ୩ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପଏଁରୀ ତିହାର -୨୦୨୬ ପାଇଁ ମଙ୍ଗଳବାର ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି କାର୍ଯ୍ୟକ୍ରମ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ହେବ। ତିନିଦିନ ଧରି ସନ୍ଧ୍ୟା ୫ଟା ରେ ଲୋକ ଗୀତ ଓ ସନ୍ଧ୍ୟା ୭ଟା ରେ ପ୍ରଥମ ସନ୍ଧ୍ୟାର ଅତିଥିମାନଙ୍କୁ ନେଇ ସଭା ଓ ପରେ ଲୋକନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ସୂଚନା ଦେଇଛନ୍ତି ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର। ଏହି ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଉପଦେଷ୍ଟା ତଥା ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନର ସହ ସମ୍ପାଦକ ପୃଥ୍ୱୀରାଜ ବାଘ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସାଂସ୍କୃତିକ ସଂଯୋଜକ ସନ୍ତୋଷ ମିଶ୍ର, ସନ୍ତୋଷ ପାଢ଼ୀ, ଅମିତ ସାହୁ, ସୌମ୍ୟ ରଞ୍ଜନ ସେଠୀ, ଲଳିତ ମେହେର, ଗୋପାଳ ମେହେର ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭାରତବର୍ଷର ଆତ୍ମା ଗଙ୍ଗା, ଗୀତା ଓ ଗାୟତ୍ରୀ

# ସଂକଟରେ ଭାରତୀୟ ଦାମ୍ପତ୍ୟ ଜୀବନର ମୂଲ୍ୟବୋଧ

**ଭବାନୀପାଟଣା, ୩୦ ।୧୨(ସମିସ):** ଆମ ଦେଶ ଭାରତ ବର୍ଷ ଭାଇଚାରାର ଦେଶ, ବିଭିନ୍ନ ସମ୍ପ୍ରଦାୟକୁ ସମ୍ମାନ ଦେଇ ଆସୁଥିବାର ଦେଶ। କେବଳ ସେତିକି ନୁହେଁ ଆମ ଦେଶର ଆତ୍ମା ହେଉଛି ଗଙ୍ଗା, ଗୀତା ଆଉ ଗାୟତ୍ରୀର ଦେଶ। ଗଙ୍ଗା ଭଳି ପବିତ୍ରତା ଗୀତାର ବିଶ୍ୱ ଚେତନା ଓ ଗାୟତ୍ରୀ ଯାହା ଆଦିଶକ୍ତି ବୋଲି କହି ଆସୁଛୁ ତାହା ଆଉ ନାହିଁ ବୋଲି ଭବାନୀପାଟଣାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାବା ବଳିଆ କହିଛନ୍ତି। ଲୋଭ, ମୋହ, କ୍ଷୁଧା କାମନା ଓ ପିପାସା ପ୍ରବଳମାତ୍ରାରେ ବୃଦ୍ଧି ପାଇଛି। ଧାର୍ମିକ ଜୀବନ ଅପେକ୍ଷା କିଛି ହାସଲ ପାଇଁ ସଂଘର୍ଷ ଏବେ ଯୁଦ୍ଧର ବାତାବରଣ ସୃଷ୍ଟି ହେଉଛି। ଲାଞ୍ଚ ମିଛ ଆଉ ପିସି ମୁଖ୍ୟତଃ ଗୁଣବତ୍ତା ସମ୍ପନ୍ନ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରୁଛି। ଦୁଃଖର ବିଷୟ ରାଜନୀତିର ସଞ୍ଜ୍ଞା ସମ୍ପୂର୍ଣ୍ଣ ବଦଳି ଯାଇଛି। ଅନେକ ସମୟର କାହା ମାୟା ଶକ୍ତି, କ୍ରିୟା ଶକ୍ତି ଓ ଇଛାଶକ୍ତିର କବଳରେ ପଡ଼ି ସାଧାରଣମଣିଷ ଛଟପଟ ହେବାକୁ ବାଧ୍ୟ। ଯୁବବର୍ଗ ମଦ୍ୟ ମାଦକ ଭିତରେ ବୁଡି ରହିବା ଫଳରେ ଆୟୁଷହାନି କଥା ଚିନ୍ତା କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଦେଇ ବାବା କହିଛନ୍ତି ଦୋଷ ଓ ଦୋଷୀଙ୍କୁ ନେଇ କରାଯାଉଥିବା ହୀନ ରାଜନୀତି ସବୁଠାରୁ ସାଙ୍ଘାତିକ ରୂପ ଧାରଣ କରୁଛି। ଜଘନ୍ୟ ଅପରାଧ ସତ୍ତ୍ୱେ କେବଳ ଗିରଫ କୋର୍ଟଚାଲାଣ ଭିତରେ ସବୁ ଘଟିଯାଉଛି। ପରିବାର ଠାରୁ ଆରମ୍ଭ କରି ଦେଶ ଦେଶ ମଧ୍ୟରେ ସମ୍ପର୍କରେ କୂଟନୀତିକୁ ଅନୁଶୀଳନ କଲେ ସମ୍ପର୍କ ସମ୍ପୂର୍ଣ୍ଣ ଛଳନାପୂର୍ଣ୍ଣ। ରାଜନୀତିର ସଞ୍ଜ୍ଞା ନିରୂପଣ କରିବା ବଡ କଷ୍ଟସାଧ୍ୟ ବ୍ୟବସ୍ଥା। ଠିକ ସେହିପରି ପରିବାରରେ ସନ୍ତୁଳନ ରହୁନାହିଁ। ବିବାହର ବର୍ଗୀକରଣ ସମାଜ ସହିତ ପରିବାରର ମର୍ଯ୍ୟାଦା କ୍ଷୁର୍ଣ୍ଣ କରୁଛି। ସଙ୍କଟ ଦେଇ ଗତି କରୁଛି ଭାରତୀୟ ଦାମ୍ପତ୍ୟ ଜୀବନର ମୂଲ୍ୟବୋଧ। ଶେଷରେ ସେ କହିଛନ୍ତି ଏବେ ବି ସମସ୍ତେ ଅନ୍ଧ ବିଶ୍ୱାସଠାରୁ ଦୂରେଇ ରହିପାରୁନାହାନ୍ତି। କୁସଂସ୍କାର ଅନ୍ଧ ବିଶ୍ୱାସ ମୂଳ ଖୋଜି ବସିଲେ ନିରାଶ ହେବାକୁ ପଡ଼ିବ। କିନ୍ତୁ ଜଣେ ବୈଧବ୍ୟ ଯନ୍ତ୍ରଣା ଭୋଗୁଥିବା ମହିଳା ଦୁଃଖରେ ଭାଙ୍ଗି ପଡୁଥିବାବେଳେ ପ୍ରଚଳିତ ସମାଜ ଯେଉଁ କଟକଣା କରି ଚାଲିଛନ୍ତି ସେଥିରୁ ମୁକ୍ତ ରହିବାକୁ ବାବା ବଳିଆ ନିବେଦନ କରିଛନ୍ତି।ସେହିପରି ବିଶୁଦ୍ଧ ପରିବେଶ ପାଇଁ ବୃକ୍ଷରୋପଣ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗୁରୁତର ଭାବି ଯୁବଗୋଷ୍ଠୀ ନିଶା ଠାରୁ ଦୂରେଇ ରହିଲେ ସୁନ୍ଦର ଜୀବନ ଶ୍ରେଷ୍ଠ ସମାଜ ଗଠନରେ ସହାୟକ ହେବ। ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଗୁରୁ କୃପା ମହୋତ୍ସବର ଅନ୍ତିମ ଦିବସ ଅବସରରେ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଜର ଭାବ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀକୁ ଶିଷ୍ୟ ଆଶିର୍ବାଦ ଜୀ ମହାରାଜ ପରିଚାଳନା କରିଥିବା ବେଳେ ତିନିଦିନ ବ୍ୟାପୀ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୁରୁଦେବଙ୍କ ପରମ ଶିଷ୍ୟ ବାବାଜୀ ସଞ୍ଜୟ ଦାସ, ମଧୁସୁଦନ ଦାସ, ଗୋପାଳ ଦାସ, କାଳନ୍ଦୀ ଦାସ, ନରହରି ଦାସ, ଶ୍ରିବାସ ଦାସ, ସରଣ ମହାରାଜ। ଶିଷ୍ୟ ଆଶିର୍ବାଦ ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ବିଶ୍ୱମ୍ବର ମିଶ୍ର, ପ୍ରମୋଦ ପଟ୍ଟନାୟକ, ସୁଜ୍ଞାନ ବାବୁ, କବିରାଜ ପଣ୍ଡା, ଜଗଦୀଶ ପଣ୍ଡା, କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଛନ୍ତି।




# ଡାକକୋଟାରେ ବାଲିପଟା ଉତ୍ସବ

**ଥୁଆମୂଳରାମପୁର, ୩୦ ।୧୨(ସମିସ)**

ଥୁଆମୂଳରାମପୁର ବ୍ଲକରେ ଆଦିବାସୀଙ୍କ ମହାନ ପର୍ବ ଟୋକିମରା ପର୍ବ ବା ପୌଷ ପର୍ବ ପାଳନ ହେଉଥିବା ବେଳେ ପାରମ୍ପରିକ ରୀତିନୀତି ଅନୁଯାୟୀ ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ଗୋପାଳପୁରର ଡାକକୋଟା ଠାରେ ବାଲିପଟା ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶହ ଶହ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଭାରତଯାତ୍ରା ପଡ଼ିଆରେ ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସମାଜସେବୀ ତଥା ବଡକୁଟ୍ଟ ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦ୍ରୌପଦୀ ମାଝୀ, ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଥୁଆମୂଳ ପଞ୍ଚାୟତର ସରପଞ୍ଚ ବଳଭଦ୍ର ଜାନୀ, କାଶୀପୁର ଆଦିବାସୀ ସଂଘ ସଭାପତି ଶିବ ମାଝୀ, ବିଜେଡି ବ୍ଲକ ସଭାପତି କପିଳାସ ନାଏକ, ସ୍ଥାନୀୟ ଆଦିବାସୀ ନେତା ସନାତନ ମାଝୀ, ଯୁବନେତା ଫଟୁସିଂ ଭୋଇ, କିଆପଦର ସରପଞ୍ଚ ଲକ୍ଷ୍ମୀଧର ମାଝୀ, ଧନସିଂ ମାଝୀ, କୃଷ୍ଣଚନ୍ଦ୍ର ନାଏକ, ସରୋଜ କୁମାର ବାଗ, ଦୁର୍ଯ୍ୟୋଧନ ନାୟକ ଏବଂ ଗୁରୁବାରୁ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀର୍ଘ ବର୍ଷ ହେବ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ମହୋତ୍ସବ ଆୟୋଜିତ ହେଇ ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଆୟୋଜିତ ହୋଇଥିଲା। ଉତ୍ସବରେ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ୧୬ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବଡଛତ୍ରଙ୍ଗ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ ହୋଇଥିଲା। ଦ୍ୱିତୀୟ ସ୍ଥାନରେ ବିକ୍କି ଡ୍ୟାନ୍ସ ଗ୍ରୁପ୍ ବଡକୁଟ୍ଟ ଦଳ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ମଦାଙ୍ଗଗୁଡା ଡ୍ୟାନ୍ସ ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମିଶ୍ର, ପ୍ରଦୀପ କୁମାର ପଣ୍ଡା, କୈଳାସ ଚନ୍ଦ୍ର ଛତ୍ରିଆ, ସୁରେନ୍ଦ୍ର ନାଏକ କଳମପୁର, ପରମାନନ୍ଦ ଠାକୁର, ପ୍ରସାନ୍ତ ନାଏକ, ହିତେଶ ନାଏକ ଉପସ୍ଥିତ ଥିଲେ। ଆୟୋଜକ କମିଟି ତଥା ସ୍ଥାନୀୟ ବିବେକାନନ୍ଦ ଯୁବକ ସଂଘର ସଭାପତି ଦିବାକର ନାଏକଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ସାମ୍ବାଦିକ ବିରବଜ୍ରଙ୍ଗ ନାଏକ(ଲାଲଯୋର୍)। ଉପସଭାପତି ରମେଶ ହଂସ, ସମ୍ପାଦକ ଆଶିଷ କୁମାର ମାଝୀ, ସମ୍ପାଦକ ବସନ୍ତ ମାଝୀ, କୋଷାଧ୍ୟକ୍ଷ ଅଶ୍ୱିନମାଝୀ, ବାସୁଦେବ ନାଏକ, କାମଦେବ ଗଉଡ, କଳିଆ ହଂସ, ଦିବାକର ଗଉଡ, ଦିଆନମାଝୀ, ସିଦ୍ଧାନ୍ତ ମାଝୀ, ବରୁଣ ନାଏକ ଏବଂ ମିଶ୍ର ଗଉଡ ପ୍ରମୁଖଙ୍କ ସହଯୋଗ କରିଥିଲେ।

**ବଡଛତ୍ରଙ୍ଗ ଡ୍ୟାନ୍ସ ଗ୍ରୁପ୍ ପ୍ରଥମ**



# ଜିଲ୍ଲା ପଞ୍ଚାୟତ ସାଧନାକେନ୍ଦ୍ରର ଭିତ୍ତିପ୍ରସ୍ତର



**ଦେବଗଡ଼, ୩୦।୧୨(ସମିସ):** ଜିଲ୍ଲାପରିଷଦ ପକ୍ଷରୁ ମଙ୍ଗଳବାର ନୂତନ ପଞ୍ଚାୟତ ସାଧନା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି କୋଠା ଜିଲ୍ଲାର ଉନ୍ନତି କରଣ କାର୍ଯ୍ୟରେ ସହାୟକ ହେବ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜିଲ୍ଲାପାଳ କବୀନ୍ଦ୍ର ସାହୁ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ବର୍ଷାରାଣୀ ମୁଣ୍ଡା, ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ବାସନ୍ତୀ ବେହେରା, ସଦସ୍ୟ ସମରେନ୍ଦ୍ର ଜିତ୍, ରାଜେଶ ମହାନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଏସିଏଫ ସ୍ୱାଧୀନତା ସାହାଣୀ, ଆରଏଣ୍ଡବିର ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ କେରୋଜା ଡୋରା, ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକ, କାର୍ଯ୍ୟକ୍ରମ ପରିଚାଳକ ଦୀପକ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବନ୍ଧବାହାଲ ଧନୁଯାତ୍ରା ତୃତୀୟ ଦିବସ

# ଗୋପପୁରରେ ଧୁମଧାମରେ ନନ୍ଦୋତ୍ସବ





**ଇବଥର୍ମାଲ, ୩୦।୧୨(ସମିସ)**

ବନ୍ଧବାହାଲ ଧନୁଯାତ୍ରା ରଙ୍ଗାରଙ୍ଗ ପରିବେଶ ସହ ଶୀତୁଆ ସନ୍ଧ୍ୟାରେ ବେଶ୍ ଜମୁଛି। ସମଗ୍ର ଅଞ୍ଚଳ ଏବେ ଦ୍ୱାପର ଯୁଗକୁ ଫେରିଥିବା ଭଳି ଅନୁଭବ ହେଉଛି। ମଧ୍ୟରାତ୍ରରେ ଲୀଳାମୟ ଶ୍ରୀକୃଷ୍ଣଙ୍କ ଜନ୍ମ ସହ ଧରାବତରଣ; ବସୁଦେବ, ଉଗ୍ରସେନ, ଜମୁନା ନଈକୁ ଛାଡିଦେଲେ ଆଉ କାହାକୁ ଜଣାନାହିଁ ଯେ ଜଗତକର୍ତ୍ତା କୃଷ୍ଣଙ୍କ ଜନ୍ମ ମଥୁରା କାରାଗାରରେ ହୋଇଛି। ମାତ୍ର ତୃତୀୟ ଦିବସର ସୂର୍ଯ୍ୟୋଦୟ ପରେ ନନ୍ଦ ଯୋଶୋଦା କୃଷ୍ଣଙ୍କୁ ପାଇଥିବାରୁ ସମଗ୍ର ଗୋପପୁର (ବନ୍ଧବାହାଲ ବସ୍ତି) ଆନନ୍ଦ ଉଲ୍ଲାସରେ ଉଚ୍ଛୁଳି ପଡ଼ିଛି। ସମସ୍ତେ ମିଶି କୃଷ୍ଣଜନ୍ମ ସହ ନନ୍ଦୋତ୍ସବ ପାଳିଛନ୍ତି। "ଖେଳେରେ ନନ୍ଦ କୋଳେ ଗୋବିନ୍ଦ, ବାଜେ ଶଙ୍ଖ ଭେରୀ ତୁରୀ ଭୁବନ ଆନନ୍ଦ ନନ୍ଦ କୋଳେ ଗୋବିନ୍ଦ" ଗୀତର ସୁରେ ସମଗ୍ର ଗୋପ ନଗରୀ ଝୁମି ଉଠିଛି। ଏହି ସମସ୍ତ କାର୍ଯ୍ୟକ୍ରମ ଗୋପପୁର ଯଜ୍ଞ ମଣ୍ଡପରେ କରାଯାଉଛି। ରୀତିନିତି ଅନୁସାରେ ପୂଜାପାଠ, ପୁରାଣଗାନ କରାଯାଇଥିବା ବେଳେ ଅପରାହ୍ଣରେ ଗୋପମହିଳାଙ୍କ ଦ୍ୱାରା କୃଷ୍ଣଙ୍କୁ ଦୁଗ୍ଧ ପାନ କରାଇବା, କୃଷ୍ଣ ବଳରାମ ଗୋପୀ ମେଳରେ ଦୋଳିରେ ଝୁଲିବା ଦୃଶ୍ୟ ସମସ୍ତଙ୍କୁ ବାନ୍ଧି ରଖିଥିଲା। ଏହି ଦୃଶ୍ୟ ଆଜି ଗୋପରେ ହଜାର୍ ହଜାର ଦର୍ଶକ ଉପଭୋଗ କରିଛନ୍ତି। ମଥୁରାନଗରୀରେ କଂସ ମହାରାଜ ରାଜମହଲରୁ ବାହାରି ବାବା ଭୋଳାନାଥଙ୍କ ଦର୍ଶନ କରିଛନ୍ତି। ଏହାପରେ ନଗର ଭ୍ରମଣ କରିଛନ୍ତି। ବିଜୁଳି କନ୍ୟାର ଦେବ ବାଣୀ ଶୁଣି ମହାରଜ କଂସ ବିବ୍ରତ ହୋଇଥିଲେ ହେଁ ନୃତ୍ୟଗୀତ ମାଧ୍ୟମରେ ମହାରାଜ ଦରବାରରେ ମନ ପରିବର୍ତ୍ତନ କରିବାକୁ ପ୍ରୟାସ କରିବା ସହ କୃଷ୍ଣଙ୍କୁ କଳେବଳେ କୌଶଳେ ମାରିବାର ଯୋଜନା କରିଛନ୍ତି। ଯୋଜନାରେ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ପୁତନା ଓ ଷଡମଲ୍ଲଙ୍କୁ ଡକାଇ ଗୋପପୁର ପ୍ରେରଣ କରିଛନ୍ତି। ଷଡ଼ମଲ୍ଲ ମାନଙ୍କ ମଧ୍ୟରେ ଅଘା, ବକା, ଷକଟା, ତୃଣା, ଧେନୁ ଆଦିଙ୍କ ଅଭିନୟ ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ପ୍ରବଳ ଥଣ୍ଡାରେ ଖୋଲା ଆକାଶ ତଳେ ଲୋକେ ବଉଳି କଳାପରିଷଦ ବଡପଦର ବୌଦ୍ଧ ଜିଲ୍ଲାର କଳାକାରଙ୍କ ନୃତ୍ୟଗୀତରେ ବିଭୋର ହୋଇ ଅଟକି ରହିଥିଲେ। ଆଜି ସନ୍ଧ୍ୟାରେ ମହାରାଜ କଂସଙ୍କ ରାଜଦରବାରକୁ ରାଜ ଅତିଥି ଭାବେ ସମ୍ମାନିତ ରାଜ ଅତିଥି ଭାବେ ସରପଞ୍ଚ ବନ୍ଧବାହାଲ ଭାରତୀ ବେହେରା, ସରପଞ୍ଚ ସରଣ୍ଡାମାଳ ଝରଣା ସେଠ୍, ବରିଷ୍ଠ ସଦସ୍ୟ ନବଘନ ବିଶି ଯୋଗ ଦେଇଥିଲେ। ଧନୁଯାତ୍ରା କମିଟିର ଉପସଭାପତି ସାଳେଗ୍ରାମ ନାଏକ ସଭାପତିତ୍ୱ କରିଥିଲେ। ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ ରଞ୍ଜିତ ପଧାନ, ଦୁବରାଜ ପ୍ରଧାନ, ପରମାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସିଂହ ତଥା ଅନ୍ୟ ମାନେ ସହଯୋଗ କରିଥିଲେ।

# ସରକାରୀ ବସ୍ ଅପେକ୍ଷାରେ ଆମ୍ବାଭୋନାଅଞ୍ଚଳବାସୀ



**ବରଗଡ଼, ୩୦।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକକୁ ଏବେ ସୁଦ୍ଧା ସରକାରୀ ବସଟିଏ ଚଳାଚଳର ସୁବିଧା ନାହିଁ। ଅମ୍ବାଭୋନା ବ୍ଲକର ବିଭିନ୍ନ ସ୍କୁଲରେ ନାମ ଲେଖାଇ ପାଠ ପଢ଼ିବା ପାଇଁ ଅନ୍ୟ ବ୍ଲକ ତଥା ଦୂର ଦୂରାନ୍ତରରୁ ଛାତ୍ରଛାତ୍ରୀ ଆସି ନାମ ଲେଖାଉଛନ୍ତି। ତନ୍ମଧ୍ୟରୁ କେତେକ ଛାତ୍ରଛାତ୍ରୀ ପ୍ରାଇଭେଟ୍ ବସ୍, ଅଟୋ ଏପରିକି ଅନେକ ସମୟରେ ପିକ୍‌ଅପ୍ ଭ୍ୟାନ୍‌ରେ ଯାଉଥିବାର ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ବସ ସେବାରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯାତ୍ରା କରିବାର ସୁବିଧା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ସାଧାରଣ ଜନତା ସ୍ୱାଗତ କରିଥିଲେ ହେଁ ବରଗଡ଼ରୁ ଅମ୍ବାଭୋନା ବ୍ଲକର ଉପାନ୍ତ ଅଞ୍ଚଳ ରୁଚିଦାକୁ ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଯେମିତି ବସ୍ ଚାଲିବ ସେଥିପ୍ରତି ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପରିବହନ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ରହିଛି। ସାମ୍ବାଦିକ ରଞ୍ଜିତ ଦାଶ, ପ୍ରକାଶ ରଥ, ହେମନ୍ତ ପ୍ରଧାନ ପ୍ରମୁଖ ଏ ନେଇ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।ଏହି ବ୍ଲକରେ ପ୍ରସିଦ୍ଧ କେଦାର ନାଥ ପୀଠ, ପଥର ସେନୀ, ଗୋବିନ୍ଦ ପୁର ପକ୍ଷୀ ଗାଁ, ବାର ବଖରା ଏମିତି ଅନେକ ତୀର୍ଥ ସ୍ଥାନ ଅଛି। ହେଲେ ଗମନାଗମନର ସୁବିଧା ସରକାରୀ ସ୍ତରରେ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏଣୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ଏହିଠାରେ ସରକାରୀ ବସ୍ ଯୋଗାଇ ଦେବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଲୋକେ ଅନୁରୋଧ କରିଛନ୍ତି।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଦେବଗଡ଼ ଖେଳାଳିଙ୍କ କୃତିତ୍ୱ




**ଦେବଗଡ଼, ୩୦।୧୨(ସମିସ):** କଟକ ପୁଲିସ ପଡ଼ିଆରେ ଗତ ୨୭ ତାରିଖରୁ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲାର ଖେଳାଳି ସଫଳତାର ସହ ଭିନ୍ନଭିନ୍ନ ବୟସ ବର୍ଗରେ ଜିଲ୍ଲା ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି। ୫ କିମି ଓ ୩ କିମି ଦୌଡ଼ ପ୍ରତିଯୋଗିତାରେ ନିଶା ବାରିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ, ମନୋଜ୍ ନାୟକ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ, ରିତ୍ ବାରିକ ୩ କିମି ୱାକିଂରେ ରୌପ୍ୟ, ସତ୍ୟଶ୍ରୀ ଜେନା ଟ୍ରିପଲ୍ ଜମ୍ପରେ ରୌପ୍ୟ ଏବଂ ରଶ୍ମି ମିଞ୍ଜ ୪୦୦ ମିଟର ବାଧା ଦୌଡରେ ରୌପ୍ୟ ପଦକ ଜିଣି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସମସ୍ତ ଖେଳାଳିଙ୍କୁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂସଦ ସମେତ ଜିଲ୍ଲାର ସମସ୍ତ କ୍ରୀଡାପ୍ରେମୀ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ 'ସ୍ନେହ ସେତୁ' ଯୋଜନା

# ୩ ବର୍ଷ ପରେ ଘରକୁ ଗଲେ ମହାରାଷ୍ଟ୍ର ମହିଳା



**ଝାରସୁଗୁଡ଼ା, ୩୦।୧୨ (ସମିସ):** ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଜଣେ ମାନସିକ ଅସୁସ୍ଥ ମହିଳା କୌଶଲ୍ୟା ବିନାୟକ କୁଟାରମାରେଙ୍କୁ ଅସହାୟ ଅବସ୍ଥାରେ ଝାରସୁଗୁଡ଼ା ପୁଲିସ ଦ୍ୱାରା ଉଦ୍ଧାର କରିଥିଲା। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଭିନବ ପ୍ରୟାସ 'ସ୍ନେହ ସେତୁ' ମାଧ୍ୟମରେ କୌଶଲ୍ୟାଙ୍କ ନିଜ ପରିବାର ସହ ପୁନଃମିଳନ ସମ୍ଭବ ହୋଇଛି। ଗତ ୧୯ ଅକ୍ଟୋବର ୨୦୨୨ରେ ମାଲିଡିହି ଜଗନ୍ନାଥ ମନ୍ଦିର ନିକଟରୁ କୋଲାବିରା ପୁଲିସ ଦ୍ୱାରା କୌଶଲ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କର ମାନସିକ ସ୍ଥିତି ଠିକ୍ ନଥିବାରୁ ତାଙ୍କୁ ଚିକିତ୍ସା ଓ ରହିବା ପାଇଁ ଏଚ୍. କଟାପାଲି ସ୍ଥିତ ମିଶନ ଆଶ୍ରା-୧ ଠାରେ ଥଇଥାନ କରାଯାଇଥିଲା। ସେ ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ବୋଲି ଜଣାପଡ଼ିବା ପରେ, ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ମହାରାଷ୍ଟ୍ର ଚନ୍ଦ୍ରପୁରର ବିଡିଓ ଗଜାନନ ମୁନ୍ଦକରଙ୍କ ସହ ଯୋଗାଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପୁଅମାନେ ଝାରସୁଗୁଡ଼ା ପହଞ୍ଚିଥିଲେ। ଏହାପରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧ୍ୟମରେ କୌଶଲ୍ୟାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ରାହ୍ମଣଡିହି ଗାଁରେ ମେଳନ ମେସନ୍‌ର ପ୍ରସ୍ତୁତି

**ଦହିତା, ୩୦।୧୨(ସମିସ):** ପଦ୍ମପୁର ଉପଖଣ୍ଡ ବ୍ରାହ୍ମଣଡିହି ଗାଁରେ ମେଳନ ମେସନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ରାଜେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ବୈଠକରେ ଗାଁ ଗୌନ୍ତିଆ, ସ୍କୁଲର ଚେୟାରପର୍ସନ, ୱାର୍ଡ ମେମ୍ବର ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ। ଗାଁର ପୂର୍ବତନ ଅବସରପ୍ରାପ୍ତ ରାଜେନ୍ଦ୍ର ମହାନ୍ତିଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ହୋଇଆସୁଛି। ଏହି ଉପଲକ୍ଷେ ଶିଶୁ କିଶୋର ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବା ପାଇଁ ଗୀତ ନୃତ୍ୟ ଓ ଖେଳ ପ୍ରତଯୋଗିତା କରିବା ପାଇଁ ସ୍ଥିର କରାହୋଇଛି। ଏହି ଉପଲକ୍ଷେ ଏକ କବିତା ପାଠ ଉତ୍ସବ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ସ୍ନେହଲତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ସୋହେଲା କଲେଜରେ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ ସଚେତନତା

**ସୋହେଲା, ୩୦।୧୨(ସମିସ):** ସୋହେଲା କଲେଜରେ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ (ଏବିସି) ସିଷ୍ଟମ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଡ.ରବୀନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ସୁପକାର, ଡ.ସୁନିତି ଦାଶ, ଡ.ଭରତ ଚନ୍ଦ୍ର ସାହୁ ଛାତ୍ରଛାତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି ୨୦୨୦ ଓ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ସ (ଏବିସି) ସିଷ୍ଟମ୍ ଉପରେ ସଚେତନ କରିଥିଲେ। ଶିକ୍ଷା ବିଭାଗର ଅଧ୍ୟାପକ ସୁରେନ୍ଦ୍ର ସାହୁ ପିପିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏହାର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ଡିଇଓ ସୁଶାନ୍ତ ବଗର୍ତ୍ତି ଏବଂ ମାନସରଞ୍ଜନ ସାବତ ଅପାର ଆଇଡି କିପରି ଖୋଲିବ ଏବଂ କିପରି ବ୍ୟବହାର ହେବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ।




# ବରିଷ୍ଠଙ୍କ ଉପସ୍ଥିତିରେ କନିଷ୍ଠଙ୍କୁ ମାର୍ଗଦର୍ଶନ ମିଳିଥାଏ: ଜଷ୍ଟିସ ଭି.ନରସିଂହ

**ବରଗଡ଼, ୩୦।୧୨(ସମିସ)**

"ବରିଷ୍ଠ ଆଇନଜୀବୀ ମାନଙ୍କ ଉପସ୍ଥିତିରେ କନିଷ୍ଠଙ୍କୁ ଉଚିତ ମାର୍ଗଦର୍ଶନ ମିଳିବା ସହ ସେମାନଙ୍କ ଉପସ୍ଥିତି ଯେକୌଣସି ଓକିଲ ସଂଘର ଶୋଭା ସହ ଗରିମା ମଧ୍ୟ ବୃଦ୍ଧି ହୋଇଥାଏ। ତେଣୁ କନିଷ୍ଠ ମାନେ ସବୁବେଳେ ବଡ ମାନଙ୍କୁ ସମ୍ମାନ ଦେଇ ଆଗକୁ ବଢ଼ନ୍ତୁ" ବୋଲି ଆଜି ବରଗଡ଼ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଓଡ଼ିଶା ହାଇକୋର୍ଟର ନ୍ୟାୟାଧିଶ ଭି.ନରସିଂହ କହିଛନ୍ତି। ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଷ୍ଟିସ ନରସିଂହ ଉପସ୍ଥିତ ଆଇନଜୀବୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସବୁବେଳେ ଓକିଲ ସଂଘ ଓ ନ୍ୟାୟପାଳିକା ମଧ୍ୟରେ ସୁସମ୍ପର୍କ ରହିବା ଜରୁରୀ, ଏହାଦ୍ୱାରା ଜନସାଧାରଣଙ୍କୁ ସଠିକ ସେବା ଯୋଗାଇଦେଇ ହେବ ବୋଲି ସେ କହିଥିଲେ। ଯୁବ ଓକିଲ ମାନଙ୍କୁ ନ୍ୟାୟପାଳିକା ପକ୍ଷରୁ ଥିବା ଇ.ଲାଇବ୍ରେରୀର ଫାଇଦା ନେବା, ବରିଷ୍ଠ ତଥା ସମସ୍ତ ଆଇନଜୀବୀ ନିଜର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରଗଡ଼ରେ କୋର୍ଟ ବିଲ୍ଡିଂ ଓ ଅଫିସର କ୍ୱାର୍ଟର ନିର୍ମାଣ ପାଇଁ ସ୍ଥାନ ନିରୂପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଓଡ଼ିଶା ଆଇନଜୀବୀ ପରିଷଦର ଚେୟାରମ୍ୟାନ ସିତାଂଶୁ ମୋହନ ଦ୍ୱିବେଦୀ ଓକିଲ ସଂଘ ଓ ନ୍ୟାୟପାଳିକା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ନୁହଁନ୍ତି ବରଂ ସମାନ ଡିଏନଏ ବୋଲି ଅଭିହିତ କରିଥିଲେ। ତେଣୁ ଓକିଲ ବନ୍ଧୁ ମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରିବାକୁ ଉପଦେଶ ଦେଇଥିଲେ। ବରଗଡ଼ ଜିଲ୍ଲା ଓକିଲ ସଂଘକୁ ଖୁବ୍‌ଶୀଘ୍ର ଇ.ଲାଇବ୍ରେରୀ ଯୋଗାଇ ଦେବୁ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଓକିଲ ମାନଙ୍କ ପେନସନ ରାଶି ୯ ଲକ୍ଷ ଟଙ୍କାରୁ ୧୫ ଲକ୍ଷକୁ ବୃଦ୍ଧି କରିବାକୁ ସରକାରଙ୍କ ପାଖରେ ଦାବି ରଖାଯାଇଛି। ବରଗଡ଼ ଜିଲ୍ଲା ଜଜ ଅନୁପ ଚନ୍ଦନ ଉପସ୍ଥିତ ଥିଲେ। ଜିଲ୍ଲା ଓକିଲ ସଂଘ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ହେମନ୍ତ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଲଲାଟେନ୍ଦୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡଙ୍ଗୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ଦାବି ନେଇ ଓକିଲ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜଷ୍ଟିସ ଶ୍ରୀ ନରସିଂହଙ୍କୁ ପ୍ରଦାନ କରାଯାଇଥିଲା।



# ସାରଣ୍ଡାମାଲରେ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



**ଇବଥର୍ମାଲ, ୩୦।୧୨(ସମିସ):** ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଜୀବିକା ମିଶନର ମିଳିତ ପ୍ରୟାସରେ ଲଖନପୁର ବ୍ଲକ ଅଧୀନ ସାରଣ୍ଡାମାଲଠାରେ ମଙ୍ଗଳବାର ଏକ 'ସୁଭଦ୍ରା ଶକ୍ତି କାଫେ' ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ କାଫେର ଶୁଭାରମ୍ଭ କରିଛନ୍ତି। କାଫେଟି ସାରଣ୍ଡାମାଲର 'ମାଁ ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଦସ୍ୟା ମାନଙ୍କ ଦ୍ୱାରା ପରିଚାଳିତ ହେବ। ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ବଜାରର ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ସଦସ୍ୟା ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଓଡ଼ିଶା ଜୀବିକା ମିଶନ ରାଜ୍ୟ କାର୍ଯ୍ୟାଳୟରୁ ଆସିଥିବା ଏକ ଦକ୍ଷ ପ୍ରଶିକ୍ଷକ ଦଳ ସେମାନଙ୍କୁ ଆଧୁନିକ ରନ୍ଧନ ପ୍ରଣାଳୀ ଏବଂ ଗ୍ରାହକ ସେବା ବିଷୟରେ ତାଲିମ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ, ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୨୦୨୬ରେ ଭାରତ-ପାକିସ୍ତାନ ଯୁଦ୍ଧ!

■ ଆମେରିକା ଥିଙ୍କ ଟ୍ୟାଙ୍କର ଦାବି
■ କାରଣ ପାଲଟିବ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ
■ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି ଦୁଇ ଦେଶ

ୱାସିଂଟନ, ୩୦।୧୨ (ଏଜେନ୍ସି): ଆସନ୍ତା ବର୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ହୋଇପାରେ। କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ଏହାର କାରଣ ପାଲଟି ପାରେ। ଆମେରିକା ଥିଙ୍କଟ୍ୟାଙ୍କ 'କାଉନସିଲ ଅଫନ ଫରେନ ରିଲେସନ୍ସ (ସିଏଫଆର)' ପକ୍ଷରୁ ଏହି ଦାବି କରାଯାଇଛି। ସିଏଫଆରର 'କନଫ୍ଲିକ୍ଟ ଟୁ ୱାଚ ଇନ-୨୦୨୬'ରେ କୁହାଯାଇଛି ଯେ ଯଦି ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହେବ ତେବେ ଏହାର ପ୍ରଭାବ ଆମେରିକାର ସ୍ୱାର୍ଥ ଉପରେ ପଡ଼ିବ। ଜମ୍ମୁ-କଶ୍ମୀରରେ ଏବେ କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇ ନାହିଁ। ମାତ୍ର ଜମ୍ମୁ କ୍ଷେତ୍ରରେ ୩୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ ଅଛନ୍ତି ବୋଲି ଗୁଇନ୍ଦା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗତ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହେବାପରଠାରୁ ଉଭୟ ଦେଶ ଅସ୍ତ୍ରଶସ୍ତ୍ର କ୍ରୟ ବୃଦ୍ଧି କରିଛନ୍ତି। ଭାରତରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସମ୍ପ୍ରତି ୭୯,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁର କରିଛି। ଏହା ମାଧ୍ୟମରେ ଡ୍ରୋନ୍, ଆକାଶରୁ ଆକାଶ ମାଡ଼ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ଗାଇଡେଡ୍ ବୋମା କିଣା ଯିବ। ସେହିପରି 'ଅପରେସନ୍ ସିନ୍ଦୂର' ସମୟରେ ଦେଖା ଦେଇଥିବା ଦୁର୍ବଳତାକୁ ଦୂର କରିବା ପାଇଁ ପାକିସ୍ତାନ ତୁର୍କୀ ଏବଂ ଚୀନ୍ ଠାରୁ ନୂତନ ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଆଲୋଚନା ଆରମ୍ଭ କରିଛି। ରିପୋର୍ଟରେ ଆଉ ଏକ ବଡ଼ ବିପଦର ସଙ୍କେତ ମଧ୍ୟ ଦିଆଯାଇଛି। ୨୦୨୬ରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଜୋରାଦାର ହେବାର ସମ୍ଭାବନି ରହିଛି। ଦେଶ ମଧ୍ୟରେ ସମ୍ପର୍କ ଏବଂ ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଦକ୍ଷିଣ ଏସିଆରେ ଆଗାମୀ ଦିନରେ ବଡ଼ ଭୂରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇପାରେ।



କିନ୍ତୁ ଏଥିରେ ଆମେରିକାର ସ୍ୱାର୍ଥ ସେତେ ପ୍ରଭାବିତ ହେବ ନାହିଁ। ଅକ୍ଟୋବରରେ ୨,୬୦୦ କିମିର ଲମ୍ବା ଡୁରାଣ୍ଡ ଲାଇନ ସହିତ ପାକିସ୍ତାନ ଏବଂ ତାଲିବାନ ଶାସିତ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ଉଭୟ ଦେଶର ସେନା ଅନେକ ଅଞ୍ଚଳରେ ମୁହାଁମୁହିଁ ହୋଇଥିଲେ। ପରସ୍ପରର ସୀମା ପୋଷ୍ଟଗୁଡ଼ିକୁ ନଷ୍ଟ କରିଥିବା ଦାବି କରିଥିଲେ। ଏହା ଦ୍ୱାରା ଦୁଇ

## ଅଭିନେତ୍ରୀଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୩୦।୧୨ (ଏଜେନ୍ସି): କନ୍ନଡ଼ ଏବଂ ତାମିଲ ସିନେ ଜଗତର ଲୋକପ୍ରିୟ ଅଭିନେତ୍ରୀ ନନ୍ଦିନୀ ସିଏମ ଆତ୍ମହତ୍ୟା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ବାସଭବନରୁ ସୋମବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ପୁଲିସ ଏକ ସୁଇସାଇଡ ନୋଟ ଉଦ୍ଧାର କରିଛି। ଏଥିରେ ଲେଖାଯାଇଛି ଯେ ବିବାହ ପାଇଁ ପରିବାର ଚାପ ପକାଉଥିବାରୁ ସେ ଅବସାଦଗ୍ରସ୍ତ ହୋଇ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏହା ସହିତ ବ୍ୟକ୍ତିଗତ ସମସ୍ୟା ମଧ୍ୟ ତାଙ୍କ ଉପରେ ଭାରି ହୋଇ ଯାଇଥିଲା। ତେବେ ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି। ତାମିଲ ଧାରାବାହିକ 'ଗୌରୀ'ରେ ନିଜ ଭୂମିକା ପାଇଁ ନନ୍ଦିନୀ ପ୍ରସିଦ୍ଧ ଥିଲେ। ସଂଯୋଗବଶତଃ କିଛି ଦିନ ତଳେ ତାଙ୍କ ଚରିତ୍ର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏବେ ସେ ଏଭଳି ପଦକ୍ଷେପ ନେଇଥିବାରୁ ଧାରାବାହିକକୁ ଏହା ସହ ଯୋଡ଼ି ଦେଖାଯାଉଛି।



## ୧୩ ଜଣଙ୍କୁ ଚାପିଦେଲା ବସ୍: ୪ ମୃତ, ୯ ଗୁରୁତର



ମୁମ୍ବଇ, ୩୦।୧୨ (ଏଜେନ୍ସି): ମୁମ୍ବଇର ଭାଣ୍ଡୁପ ରେଳ ଷ୍ଟେସନ ବାହାରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ବସ୍ ପଛକୁ ନେବା ସମୟରେ ନିୟନ୍ତ୍ରଣ ହରାଇ ୧୩ ପଥଚାରୀଙ୍କୁ ଚାପି ଦେଇଛି। ଏହି ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ୯ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବୃହନମୁମ୍ବଇ ଇଲେକଟ୍ରିକ ସପ୍ଲାଇ ଆଣ୍ଡ ଟ୍ରାନ୍ସପୋର୍ଟ (ବେଷ୍ଟ) ବସ୍ ଏହି ଦୁର୍ଘଟଣା ଘଟାଇ ଥିଲା। ଏହି ମାମଲାରେ ଡ୍ରାଇଭରକୁ ଗିରଫ କରାଯାଇଛି। ଏହି ସୂଚନା ପାଇ ପୁଲିସ, ଦମକଳ ବାହିନୀ ଏବଂ ବେଷ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ବସ୍‌ଟି ଏକ ବିଦ୍ୟୁତ ଖୁଣ୍ଟ ସହ ମାଡ଼ ହୋଇଥିଲା, ଫଳରେ ଏହା ଭାଙ୍ଗି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଫୁଟପାଥ୍‌କୁ କବ୍‌ଜା କରି ରଖା ଯାଇଥିବାରୁ ଲୋକେ ରାସ୍ତା ଉପରକୁ ଚାଲି ଯାଇଥିଲେ। ଏହି ସମୟରେ ବସ୍ ପଛ ପଟୁ ମାଡ଼ି ଯାଇଥିଲା।


# ଶାହା-ମମତା ମୁହାଁମୁହିଁ



■ ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବୁ: ଶାହା
■ ପହଲଗାମ ଆକ୍ରମଣ ନିଜେ କରାଇଛ କି? ମମତାଙ୍କ ପ୍ରଶ୍ନ

କୋଲକାତା, ୩୦।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି। ରାଜ୍ୟ ଗସ୍ତର ଦ୍ୱିତୀୟ ଦିନରେ କୋଲକାତାରେ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ବିରୋଧରେ ରଣ ହୁଙ୍କାର ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ସେ କହିଛନ୍ତି ଯେ ମମତା ସରକାର ଅନୁପ୍ରବେଶକାରୀଙ୍କୁ ରୋକିପାରୁ ନାହିଁ। ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ। ଆଉ ଏହା ପରେ ରାଜ୍ୟରୁ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରିବୁ। ଏହାକୁ ରୋକିବା ପାଇଁ ଏକ 'ନ୍ୟାସନାଲ ଗ୍ରୀଡ୍' ନିର୍ମାଣ କରାଯିବ। ଶାହା ରାଜ୍ୟରେ ବ୍ୟାପିଥିବା ଭୟ, ଦୁର୍ନୀତି ଏବଂ କୁଶାସନକୁ ନେଇ ଶାସକ ଦଳକୁ ଶାହା କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତ ୧୫ ବର୍ଷ ଧରି ଟିଏମସି ଶାସନରେ ରାଜ୍ୟରେ ଅନୁପ୍ରବେଶ ବୃଦ୍ଧି ପାଇଛି। ଏହା ନାଗରିକଙ୍କ ଚିନ୍ତା ବଢ଼ାଇ ଦେଇଛି। ମମତା ସରକାରଙ୍କ ଦୁର୍ନୀତି କାରଣରୁ ପଶ୍ଚିମବଙ୍ଗର ବିକାଶ ଠପ୍ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଏଠାରେ 'ଟୋଲ୍ ସିଣ୍ଡିକେଟ୍'ର ଶିକାର ହୋଇଛି। ଗତ ୧୪ ବର୍ଷ ଧରି ଭୟ ଏବଂ ଦୁର୍ନୀତି ପଶ୍ଚିମବଙ୍ଗର ପରିଚୟ ପାଲଟିଛି। ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି। ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମମତା ଏହାର ଜବାବ ଦେଇ ବିଜେପିକୁ ପହଲଗାମ ଆକ୍ରମଣ ସମ୍ପର୍କରେ ପ୍ରଶ୍ନ ପଚାରିଛନ୍ତି। ଯଦି ଅନୁପ୍ରେବଶ ଖାଲି ପଶ୍ଚିମବଙ୍ଗରେ ହେଉଛି ତେବେ ଜମ୍ମୁ-କଶ୍ମୀରରେ କେମିତି ହେଲା? ପହଲଗାମ ଆକ୍ରମଣ ନିଜେ କରାଇ ଥିଲେ କି? ଦିଲ୍ଲୀ ଆକ୍ରମଣ ପଛରେ କିଏ ଥିଲା? ଏସଆଇଆର ନାମରେ ବିଜେପି ଲୋକଙ୍କୁ ସମସ୍ୟାରେ ପକାଉଛି ବୋଲି ଦିଦି ଅଭିଯୋଗ କରିଛନ୍ତି। ଶକୁନିର ଚେଲା ଦୁଃଶାସନ ରାଜ୍ୟକୁ ସୂଚନା ସଂଗ୍ରହ କରିବାକୁ ଆସିଛି ବୋଲି କହିଛନ୍ତି। ନିର୍ବାଚନ ଆସିବା ମାତ୍ରେ ଦୁଃଶାସନ ଏବଂ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ମିଳୁଛି। ମମତା ଜମି ଦେଉନାହାଁନ୍ତି ବୋଲି ଆଜି ବିଜେପି ଅଭିଯୋଗ କରୁଛି, ତା ହେଲେ ପେଟ୍ରାପୋଲ, ଅଣ୍ଡାଲରେ ଜମି କିଏ ଦେଇଥିଲା ବୋଲି ଦିଦି ପଚାରିଛନ୍ତି।



## ପ୍ରିୟଙ୍କା ଭଦ୍ରାଙ୍କ ପୁଅ ରେହାନଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): କଂଗ୍ରେସ ସାଂସଦ ଏବଂ ଶିଳ୍ପପତି ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରାଙ୍କ ନିର୍ବନ୍ଧ ହୋଇଛି। ପରିବାର ଲୋକ ଓ କିଛି ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ରେହାନ ସୋମବାର ନିଜ ପ୍ରେମିକା ଅଭିଭା ବେଗ୍‌ଙ୍କୁ ମୁଦି ପିନ୍ଧାଇଛନ୍ତି। ଏହାର ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ମାତ୍ର ଭଦ୍ରା କିମ୍ବା ବେଗ୍ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରେହାନ ଏବଂ ଅବିବା ୭ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ। ଅବିବା ନିଜ ପରିବାର ସହ ଦିଲ୍ଲୀର ରହୁଛନ୍ତି। ସେ ଇମ୍ରାନ ବେଗ ଏବଂ ଇଣ୍ଟେରିୟର ଡିଜାଇନର ନନ୍ଦିତା ବେଗଙ୍କ ଝିଅ। ଅଭିଭାଙ୍କ ମାଆ ହିଁ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନର ଡିଜାଇନ କରିଥିଲେ। ଭଦ୍ରା ପରିବାର ସହ ଅଭିଭା ପରିବାର ସମ୍ପର୍କ ବହୁତ ନିବିଡ଼ ଥିଲା।

## ୟେମେନ ବନ୍ଦରରେ ସାଉଦି ଆକ୍ରମଣ



■ ୯୦ ଦିନ ପାଇଁ ୟେମେନରେ ଏମର୍ଜେନ୍ସି
■ ସାଉଦି-ୟୁଏଇ ମଧ୍ୟରେ ଉତ୍ତେଜନା

ରିୟାଧ, ୩୦।୧୨ (ଏଜେନ୍ସି): ଉପସାଗରୀୟ କ୍ଷେତ୍ରର ଦୁଇ ଶକ୍ତିଶାଳୀ ଦେଶ ସାଉଦି ଆରବ ଏବଂ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ୟେମେନର ମୁକାଲା ବିମାନବନ୍ଦର ଉପରେ ସାଉଦି ମଙ୍ଗଳବାର ସକାଳେ ବୋମା ମାଡ଼ କରିଛି। ୟୁଏଇରୁ ଆସିଥିବା ଏହି ଜାହାଜ ଉପରେ ଆକ୍ରମଣ ହୋଇଛି। ଏହାକୁ ନେଇ ୟୁଏଇ ବିରକ୍ତି ପ୍ରକାଶ କରିଛି।

ୟୁଏଇର ଫୁଜୈରା ବନ୍ଦରରୁ ଆସିଥିବା ଦୁଇ ଜାହାଜରୁ ଏଠାରେ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଗାଡ଼ି ବାହାର କରାଯାଉଥିଲା ବୋଲି ସାଉଦି ଦାବି କିରିଛି। ଏହି ଜାହାଜ ଗୁଡ଼ିକର ଟ୍ରାକିଂ ସିଷ୍ଟମ ବନ୍ଦ ଥିଲା। ଏହି ଅସ୍ତ୍ରଶସ୍ତ୍ର ସଦର୍ଣ୍ଣ ଟ୍ରାଞ୍ଜିସନାଲ କାଉନସିଲ (ଏସଟିସି) ନାମରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ପାଖକୁ ଯାଉଥିଲା। ଶାନ୍ତି ଏବଂ ସ୍ଥିରତା ଲାଗି ପ୍ରତି ବିପଦ ଥିବାରୁ ଆକ୍ରମଣ କରି ଧ୍ୱଂସ କରି ଦିଆଯାଇଛି।

ଅନ୍ୟପଟେ ୟୁଏଇ ଏଭଳି ଦାବିକୁ ଖଣ୍ଡନ କରିଦେଇଛି। ଜାହାଜରେ କୌଣସି ଅସ୍ତ୍ରଶସ୍ତ୍ର ନ ଥିବା କହିଛି। ଏହା ଏମିରଟ ସେନା ପାଇଁ ଥିଲା। ସବୁ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ୟୁଏଇ କହିଛି। ସେହିପରି ଆକ୍ରମଣ ପରେ ୟେମେନରେ ୯୦ ଦିନ ପାଇଁ ଏମର୍ଜେନ୍ସି ଲଗାଇ ଦିଆଯାଇଛି। ପ୍ରେସିଡେନସିଆଲ ଲିଡରସିପ କାଉନସିଲ ମୁଖ୍ୟ ରସାଦ ଅଲ-ଅଲିମ ୭୨ ଘଣ୍ଟା ପାଇଁ ଦେଶର ସବୁ ସୀମା ବନ୍ଦ କରିଦେଇଛନ୍ତି। ୟୁଏଇ ସହ ପ୍ରତିରକ୍ଷା ଚୁକ୍ତିକୁ ୟେମେନ ରଦ୍ଦ କରିଦେଇଛି। ୟୁଏଇ ସୈନିକଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୟୁଏଇ ଏବଂ ସାଉଦି ଉଭୟେ ଏକାଠି ହୋଇ ୟେମେନରେ ଆତଙ୍କବାଦୀଙ୍କ ବିରୋଧରେ ଲଢୁଛନ୍ତି। ମାତ୍ର ଏହି ଘଟଣା ଉଭୟ ରାଷ୍ଟ୍ର ମଧ୍ୟରେ ବିବାଦ ବଢ଼ାଇଛି।

## ଖାଇକୁ ଖସିଲା ବସ୍; ୭ ମୃତ

ଡେରାଡୁନ, ୩୦।୧୨ (ଏଜେନ୍ସି): ଉତ୍ତରାଖଣ୍ଡ ଆଲମୋଡାର ଭିକିୟାସେନ-ବିନାୟକ ମାର୍ଗର ଶିଳାପାଣି ନିକଟରେ ଏକ ବସ୍ ନିୟନ୍ତ୍ରଣ ହରାଇ ମଙ୍ଗଳବାର ସକାଳେ ୧୭୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏଥିରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ବସ୍‌ରେ ୨୮ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣାର ସୂଚନା ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ଟି ଦ୍ୱାରହାଟ-ଭିକିୟାସେନ-ବାସୋଟ ଦେଇ ରାମନଗର ଯାଉଥିଲା। ମାର୍ଗରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଥିଲେ।

## ଖାଲିଦା ଜିଆଙ୍କ ପରଲୋକ



■ ପ୍ରଧାନମନ୍ତ୍ରୀ ମୋଦୀ, ଶେଖ ହସିନାଙ୍କ ଶୋକ
■ ଅନ୍ତିମ ସଂସ୍କାରରେ ସାମିଲ ହେବେ ଜୟଶଙ୍କର

ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି) ମୁଖ୍ୟ ଖାଲିଦା ଜିଆ (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଖାଲିଦା ଏକାଧିକ ରୋଗରେ ପୀଡ଼ିତ ଥିଲେ। ଢାକାର ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ପ୍ରାୟ ୨୦ ଦିନ ହେଲା ଭେଣ୍ଟିଲେଟରରେ ଥିଲେ। ହୃତ୍‌ପିଣ୍ଡ ସଂକ୍ରମଣ, ଯକୃତ, ବୃକକ, ମଧୁମେହ, ଷ୍ଟୋନ ଏବଂ ଆଖି ଜନିତ ସମସ୍ୟାରେ ସେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବାଂଲାଦେଶରେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି।

ଖାଲିଦା ଜିଆଙ୍କ କ୍ୟାରିୟର ବିବାଦପୂର୍ଣ୍ଣ ଥିଲା। ୧୯୭୧ ମୁକ୍ତି ସଂଗ୍ରାମ ପରେ ପାକିସ୍ତାନ ସେନା ଗୃହବନ୍ଦୀ କରି ରଖିଥିଲା। ସେ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ପାକିସ୍ତାନ କଏଦରେ ରହିଥିଲେ। ୧୯୭୧ ଡିସେମ୍ବରରେ ଭାରତଠାରୁ ପାକିସ୍ତାନ ହାରିବା ପରେ ଖାଲିଦା ଜିଆ ମୁକ୍ତ ହୋଇଥିଲେ। ମାତ୍ର ସେ ଭାରତର ତୀବ୍ର ବିରୋଧୀ ଥିଲେ। ପରେ ଖାଲିଦା ରାଜନୈତିକ ସଂଘର୍ଷ, ଆନ୍ଦୋଳନ ଏବଂ ଆକ୍ରମଣ ଦ୍ୱାରା ଘେରି ହୋଇ ଯାଇଥିଲେ। ୨୦୧୫ ଢାକା ମେୟର ନିର୍ବାଚନ ସମୟରେ ତାଙ୍କ କାର୍‌କେଡ ଉପରକୁ ଗୁଳି ମାଡ଼ ହୋଇଥିଲା। ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ପୂର୍ବତନ ରାଷ୍ଟ୍ରପତି ଜିଆଉର ରେହମାନଙ୍କ ପତ୍ନୀ ଖାଲିଦା ୧୯୯୧-୯୬ ଏବଂ ୨୦୦୧-୦୬ ପର୍ଯ୍ୟନ୍ତ ଦୁଇ ଥର ବାଂଲାଦେଶ ପ୍ରଧନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ଢାକା ଗସ୍ତ କରିବେ। ପାକିସ୍ତାନ ବିଦେଶମନ୍ତ୍ରୀ ଇସାକ ଡାର ମଧ୍ୟ ଏଥିରେ ଯୋଗ ଦେବେ। ଶେଖ ହସିନା କହିଛନ୍ତି ଯେ ଖାଲିଦାଙ୍କ ମୃତ୍ୟୁ ଯୋଗୁଁ ବାଂଲାଦେଶ ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଗଣତନ୍ତ୍ର ପ୍ରତିଷ୍ଠାରେ ସଂଘର୍ଷରେ ଖାଲିଦା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାକୁ ସବୁବେଳ ପାଇଁ ମନେ ରହିବ।

ଭାରତରେ ଜନ୍ମିତ ଖାଲିଦା ଜିଆଙ୍କର ରାଜନୈତିକ ଆଭିମୁଖ୍ୟ ସବୁବେଳେ ନୂଆଦିଲ୍ଲୀ ବିରୋଧୀ ରହିଥିଲା। ବାଂଲାଦେଶର ସାର୍ବଭୌମ ଏବଂ ସୁରକ୍ଷା ସବୁଠୁ ଜରୁରୀ ବୋଲି ସେ କହୁଥିଲେ। ଭାରତ ବିରୋଧରେ ବିଷୋଦଗାର କରି ସାମ୍ପ୍ରଦାୟିକ ନିଶାରେ ବୁଡ଼ିଥିବା ବାଂଲାଦେଶରେ ସେ ଲୋକପ୍ରିୟ ହୋଇଥିଲେ। ଗଙ୍ଗା ଜଳ ବଣ୍ଟନ ଚୁକ୍ତି ହେଉ କିମ୍ବା ଅନ୍ୟ କୌଣସି ଘଟଣାର ଖାଲିଦା ସବୁବେଳେ ଭାରତକୁ ଦାୟୀ କରି ଆସିଛନ୍ତି।

## ସାମାଜିକ ଗଣମାଧ୍ୟମ କମ୍ପାନୀଙ୍କୁ କେନ୍ଦ୍ରର ଚେତାବନୀ

## ଅଶ୍ଳୀଳ ପୋଷ୍ଟ ହଟାଅ; ନଚେତ କେସ୍ ହେବ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଗୁଡ଼ିକୁ କେନ୍ଦ୍ର ସରକାର ମଙ୍ଗଳବାର ଚେତାବନୀ ଜାରି କରିଛନ୍ତି। ନିଜ ନିଜ ପ୍ଲାଟଫର୍ମରୁ ଅଶ୍ଳୀଳ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଶ୍ଳୀଳ, ଖରାପ, ପର୍ଣ୍ଣୋଗ୍ରାଫିକ, ଶିଶୁ ଯୌନ ଉତ୍ପୀଡ଼ନ ସମ୍ବନ୍ଧିତ ଏବଂ ବେଆଇନ ବିଷୟବସ୍ତୁକୁ ତୁରନ୍ତ ରୋକ ଲଗାଇବା ପାଇଁ କହିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବେ ତେବେ କମ୍ପାନୀ ବିରୋଧରେ ମାମଲା ଚାଲିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ମନ୍ତ୍ରାଳୟ (ମେଇଟି) ପକ୍ଷରୁ ଏ ନେଇ ସୋମବାର ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏଥିରେ ଇଣ୍ଟରନେଟ ପ୍ଲାଟଫର୍ମ ଗୁଡ଼ିକୁ ଆଇଟି ନିୟମ ସମ୍ବନ୍ଧିତ 'ଅନୁପାଳନ କାର୍ଯ୍ୟଖସଡ଼ା'ର ସମୀକ୍ଷା ପାଇଁ କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅପଲୋଡ, ଉପସ୍ଥାପନ ହେଉଥିବା, ସେୟାର କରାଯାଉଥିବା ସାମଗ୍ରୀ ଉପରେ ନଜର ରଖିବା ଏବଂ ବେଆଇନ ବିଷୟବସ୍ତୁ ଉପରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ନେବା କମ୍ପାନୀର ଦାୟିତ୍ୱ ବୋଲି କୁହାଯାଇଛି।

ଏହି ନିୟମ ପାଳନ ନ କଲେ କମ୍ପାନୀ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ କମ୍ପାନୀ ନୁହଁନ୍ତି, ପ୍ଲାଟଫର୍ମ ସହିତ ବ୍ୟବହାରକାରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହେବ। ଅନେକ ପ୍ଲାଟଫର୍ମ ଭୁଲ୍ ଏବଂ ଅଶ୍ଳୀଳ ବିଷୟବସ୍ତୁ ହଟାଇବାରେ କୋହଳ ନୀତି ଆପଣାଉଥିବା ଜଣାପଡ଼ିଛି। ତେଣୁ ନିୟମିତ ଭାବେ ଏବଂ ଦ୍ରୁତଗତିରେ ଏ ଦିଗରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ସଲ୍‌ମାନଙ୍କ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ରକୁ ନେଇ ଚୀନ୍ କ୍ଷୁବ୍ଧ

ବେଜିଂ, ୩୦।୧୨ (ଏଜେନ୍ସି): ସୁପରଷ୍ଟାର ସଲ୍‌ମାନ ଖାନ ନିଜ ଜନ୍ମଦିନରେ ଆଗାମୀ ଚଳଚ୍ଚିତ୍ର 'ବ୍ୟାଟେଲ ଅଫ ଗଲୱାନ'ର ଟ୍ରେଲର ଜାରି କରିଛନ୍ତି। ୨୦୨୦ରେ ଗଲୱାନରେ ଚୀନ୍-ଭାରତ ସେନା ମଧ୍ୟରେ ହୋଇଥିବା ସଂଘର୍ଷ ଉପରେ ଏହା ଆଧାରିତ। ଏଥିରେ କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ଚୀନ୍ ଅସହ୍ୟ ହୋଇଯାଇଛି। ଏହି ଫିଲ୍ମକୁ ସମାଲୋଚନା କରିଛି। ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୃଶ୍ୟ ସତ୍ୟଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ଚୀନ୍ ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଗ୍ଲୋବାଲ ଟାଇମ୍ସ ଏହାକୁ ନେଇ ଏକ ଆଲେଖ୍ୟ ଛାପିଛି। ଏହାର ଶୀର୍ଷକ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ର ଉପରେ ବିବାଦ ରହିଛି। ଏହି ଫିଲ୍ମ ଯେତେ ନାଟକୀୟ ହୋଇଥିଲେ ବି ଦେଶର ସୀମା ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି କୁହାଯାଇଛି। ଚୀନ୍ ଏବଂ ଭାରତର ସମ୍ବନ୍ଧରେ ସୁଧାର ଆସୁଥିବାବେଳେ ଏଭଳି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଭୁଲ୍। କେବଳ ଭାରତୀୟ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମ ଚୀନ୍ ବିରୋଧୀ ଭାବନାକୁ ପ୍ରୋତ୍ସାହନ ଦେବ ବୋଲି ବିଶେଷଜ୍ଞଙ୍କ ଆଧାରରେ ଆଲେଖ୍ୟରେ ଲେଖାଯାଇଛି। ଚୀନ୍ ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ପୋଷାକ ଏବଂ ଚୁଟି କାଟିବା ଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଉଛି। ବଲିଉଡ ଫିଲ୍ମ ମନୋରଞ୍ଜନ ପାଇଁ ହୋଇଥାଏ। ଏହା ଦ୍ୱାରା ଇତିହାସ ବଦଳି ଯିବନାହିଁ ବୋଲି ଚୀନ୍ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଛି ଯେ ଦେଶରେ ଚଳଚ୍ଚିତ୍ର ନିର୍ମାଣରେ କଳାତ୍ମକ ସ୍ୱାଧୀନତା ରହିଛି। ଏହି ସ୍ୱାଧୀନତା ବ୍ୟବହାର କରିବାରେ ଚଳଚ୍ଚିତ୍ର ନିର୍ମାତାଙ୍କ ଅଧିକାର ରହିଛି।




ଗଲୱାନରେ ଭାରତୀୟ ସେନାର ୧୬ ବିହାର ରେଜିମେଣ୍ଟର ଯବାନ ଚୀନ୍ ଔଦ୍ଧତ୍ୟର ଜବାବ ଦେଇଥିଲେ। ଏହି ଚଳଚ୍ଚିତ୍ର ଶିବ ଆରୋରା ଏବଂ ରାହୁଲ ସିଂହଙ୍କ ଲିଖିତ 'ଇଣ୍ଡିଆସ ମୋଷ୍ଟ ଫିୟରଲେସ-୩' ପୁସ୍ତକ ଉପରେ ଆଧାରିତ। ଚୀନ୍ ସହ ଲଢ଼ି ବୀର ଗତି ପ୍ରାପ୍ତ କରିଥିବା କର୍ଣ୍ଣେଲ ତଥା କମାଣ୍ଡିଂ ଅଫିସର ବିକୁମାଲା ସନ୍ତୋଷ ବାବୁଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ସଂଘର୍ଷରେ ଭାରତ ୨୦ ଯବାନଙ୍କୁ ହରାଇଥିବାବେଳେ ଚୀନ୍ ସତ ସ୍ୱୀକାର କରି ନ ଥିଲା। କେବଳ ୩ ଯବାନ ପ୍ରାଣ ହରାଇଥିବା କହିଥିଲା। କିନ୍ତୁ, ଚୀନ୍‌ର ୫୦ରୁ ଅଧିକ ଯବାନ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଥିଲା।



# ହସାଇବ, ହିଟ୍ କରିବ




ଚଳିତ ବର୍ଷ କିଛି ସିନେମା ରିଲିଜ୍ ନ ହୋଇପାରି ଅଟକି ରହିଲା। ଗୋଟିଏ ପଟେ କିଛି ସିନେମା ମୁକ୍ତିଲାଭ ନ କରିଥିଲେ ବି ତାହାର ଗୀତ ତଥା କାହାଣୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଇ ଯେମିତି ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ' ରିଲିଜ୍ ହୋଇ ନ ଥିବା ବେଳେ ଏହାର ଗୀତ 'ଜଲ୍‌ସା' ଖୁବ୍ ଲୋକପ୍ରିୟତା ସାଉଁଟି ପାରିଛି । ଅନ୍ୟପକ୍ଷରେ 'ମନ୍ତ୍ରମୁଗ୍ଧ', 'ଚକ୍ରାନ୍ତ', 'ଅପେକ୍ଷା' ଭଳି ଆହୁରି ଏକାଧିକ ସିନେମା ୨୦୨୬ରେ ମୁକ୍ତିଲାଭ କରି ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିବା ଆଶା ରହିଛି । 'ଇକ୍କିସ୍'ରୁ ବଲିଉଡ୍‌ର ନୂଆ ଯାତ୍ରା: ୨୦୨୬ ମସିହାରେ ବଲିଉଡ୍‌ରେ ଅନେକ ବଡ଼ ବଜେଟ୍‌ର ସିନେମା ରିଲିଜ୍ ହେବ । ପ୍ରତ୍ୟେକ ସିନେମାର କାହାଣୀ, ଗୀତ, କଳାକାର, ଆକ୍ସନ ସବୁ ଦିଗରୁ ନୂଆପଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ତେବେ ବଲିଉଡ୍‌ର ନୂଆ ଯାତ୍ରା 'ଇକ୍କିସ୍'ରୁ ଆରମ୍ଭ ହେବ। କାରଣ ଦିବଂଗତ ଅଭିନେତା ଧର୍ମେନ୍ଦ୍ରଙ୍କ ଅଭିନୀତ ଏହା ହେଉଛି ଶେଷ ସିନେମା। ଜାନୁଆରୀ ୧ ତାରିଖରେ 'ଇକ୍କିସ୍' ମୁକ୍ତିଲାଭ କରିବ । ତେବେ ଅନୁରାଗ ସିଂହଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା 'ବର୍ଡର-୨' ଜାନୁଆରୀ ୨୩ରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ୨୦୨୬ରେ ରାଣୀ ମୁଖାର୍ଜୀ ପୁଣି ଥରେ ଶିବାନୀ ଶିବାଜୀ ରୟ ଚରିତ୍ରରେ ବଡ଼ ପରଦାକୁ ଫେରିବେ। ଅଭିରାଜ ମୀନାୱାଲାଙ୍କ ନିର୍ଦ୍ଦେଶିତ 'ମର୍ଦ୍ଦାନୀ-୩' ଫେବୃଆରୀ ୨୭ରେ ମୁକ୍ତିଲାଭ କରିବ। ସେହିପରି ଯଶ୍‌ଙ୍କ ଅଭିନୀତ ସିନେମାକୁ ବି ଦର୍ଶକେ ଉତ୍ସୁକତାର ସହ ଚାହିଁ ରହିଛନ୍ତି । ତାଙ୍କ ଅଭିନୀତ ସିନେମା 'ଟକ୍ସିକ୍' ପ୍ରଥମେ ୨୦୨୫ରେ ମୁକ୍ତିଲାଭ କରିଥାନ୍ତା । କୌଣସି କାରଣବଶତଃ ଏହା ଅଟକି ରହିଲା। ଏଣୁ ଏହା ୨୦୨୬ ମାର୍ଚ୍ଚ ୧୯ରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି। କେବଳ ସେତିକି ନୁହେଁ, 'ଭୂତ ବଙ୍ଗଳା', 'ଆୱାରାପନ -୨', 'ବ୍ୟାଟଲ ଅଫ୍ ଗଲୱାନ', 'ନାଗଜିଲା', 'ଦୃଶ୍ୟମ ୩', 'କିଙ୍ଗ', 'ଲଭ୍ ଆଣ୍ଡ ୱାର୍', 'ସ୍ପିରିଟ୍', 'ଲାହୌର -୧୯୪୭', 'ଗବରୁ', 'ଚାନ୍ଦ ମେରା ଦିଲ୍' ଭଳି ଆହୁରି କିଛି ସିନେମା ପ୍ରେକ୍ଷାଳୟକୁ ଆସିବାର ଯୋଜନା ଅଛି।

## 'ୱାଇଫ୍'ରୁ ଆରମ୍ଭ 'ଲଢ଼େଇ'ରେ ଶେଷ



୨୦୨୫ ପ୍ରାରମ୍ଭରେ ପ୍ରଥମେ ମୁକ୍ତିଲାଭ କରିଥିଲା ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ ସିନେମା 'ୱାଇଫ୍'। ଜାନୁଆରୀ ୩ରେ ଏହା ରିଲିଜ୍ ହୋଇଥିଲା ଏବଂ ଏହାର କାହାଣୀକୁ ଦର୍ଶକେ ପସନ୍ଦ କରିଥିଲେ। ମୁଖ୍ୟତଃ ସିନେମାଟିକୁ ବର୍ଷାଙ୍କ ଜୀବନୀ ସହିତ ଯୋଡ଼ି ଦେଖାଯାଇଥିଲା । ସେହିପରି ରଜରେ ପରଦାକୁ ଆସିଥିଲା ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ସିନେମା 'ଅନନ୍ତା' । ସିନେମାଟି ଏହି ବର୍ଷ ବିବାଦ ସହିତ ଖୁବ୍ ଚର୍ଚ୍ଚାର ପରିସରକୁ ଆସିଥିଲା। ପ୍ରଥମେ ସିନେମାଟି 'ରାଣ୍ଡୀ ପୁଅ ଅନନ୍ତା' ନାଁରେ ରିଲିଜ୍ ହୋଇଥାନ୍ତା । ହେଲେ ସିନେମାର ଏଭଳି ନାମକରଣ ନାରୀ ଜାତି ପାଇଁ ଅସମ୍ମାନ ବୋଲି ଚର୍ଚ୍ଚା ହେବାରୁ ନାଁରେ ପରିବର୍ତ୍ତନ ଅଣାଗଲା । ସେଇଠୁ ଏହା 'ଅନନ୍ତା' ଭାବେ ମୁକ୍ତିଲାଭ କଲା । କଥାସମ୍ରାଟ ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡୀ ପୁଅ ଅନନ୍ତା'ର ଅବଲମ୍ବନରେ ଏହାର କାହାଣୀ ପ୍ରସ୍ତୁତ । ସେହିପରି ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ସିନେମା ବହୁ ସପ୍ତାହ ଧରି ହାଉସ୍ ଫୁଲ୍ ରହିଲା ଏବଂ ଦର୍ଶକେ ସିନେମାଟିକୁ ଖୁବ୍ ପସନ୍ଦ କଲେ । ସେହିପରି ଅର୍ଚ୍ଚିତାଙ୍କ ଅଭିନୀତ 'ପାଦେ ଆକାଶ' ଏବଂ 'ଡେଲିଭରି ବୟ-୨, 'ନବକଳେବର', ଏଲିନା ଏବଂ ଅର୍ଦ୍ଧେନ୍ଦୁ ଅଭିନୀତ ସିନେମା 'ଚ୍ୟାଲେଞ୍ଜ', ଅନୁଭବଙ୍କ ଅଭିନୀତ 'ଚାରିଧାମ' ବି ଦର୍ଶକଙ୍କୁ ହଲ୍ ମୁହଁ କରାଇଛି । କେବଳ ସେତିକି ନୁହେଁ, 'ଘମାଘୋଟ୍', 'ଛିରେ ନନି', 'ଡଷ୍ଟବିନ୍', 'ଆଜିର ରେବତୀ' ଏବଂ 'ମଟରସାଇକେଲ୍' ଭଳି ଆହୁରି କିଛି ସିନେମା ଏହି ବର୍ଷ ଖୁବ୍ ଲୋକପ୍ରିୟତା ସାଉଁଟୁଛି । ଅନ୍ୟପଟେ ଏହି ବର୍ଷର ଶେଷ ଓଡ଼ିଆ ସିନେମା ହେଉଛି 'ଲଢ଼େଇ' ।




## ବ୍ଲକ୍‌ବଷ୍ଟର୍ 'ବୋଉ ବୁଟୁ ଭୂତ'

୨୦୨୫ରେ ରଜ ଅବସରରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ' । ସିନେମାଟିକୁ ବ୍ୟାବସାୟିକ ସଫଳତା ମିଳିଛି । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ବାବୁସାନ, ଅର୍ଚ୍ଚିତା ଓ ଅପରାଜିତା । ଏହି ସିନେମାଟି ବକ୍ସ ଅଫିସ୍‌ରେ ଚହଳ ସୃଷ୍ଟି କରିଥିଲା। ସର୍ବାଧିକ ଆୟକାରୀ ଓଡ଼ିଆ ଚଳଚ୍ଚିତ୍ର ଭାବେ ରେକର୍ଡ କଲା । ଏପରିକି ବଲିଉଡ୍ ସିନେମା 'ଛାୱା'କୁ ପଛରେ ପକାଇଲା ଏହି ହରର୍ କମେଡି ସିନେମା । ସିନେମା ରିଲିଜ୍ ହେବାର ଦୁଇ ଦିନରେ ଏହା କୋଟିଏରୁ ଅଧିକ ଆୟ କରି ରେକର୍ଡ କରିଥିଲା । ଅନ୍ୟପଟେ ଏହି ସିନେମାଟି ସମୁଦାୟ ୨୦ କୋଟିରୁ ଅଧିକ ଆୟ କରିଛି । ତେବେ ଏହି ସିନେମାଟି ବଲିଉଡ୍ ପ୍ରଯୋଜନା ସଂସ୍ଥା ଧର୍ମା ପ୍ରଡକସନର ଦୃଷ୍ଟି ଆକର୍ଷଣ କରିପାରିଛି । ଏହାକୁ ହିନ୍ଦୀରେ ରିମେକ୍ କରିବା କୁହାଯାଇଥିଲା ।




## ଆରପାରିରେ

ଚଳିତ ବର୍ଷ ଉଭୟ ଓଲିଉଡ୍ ଏବଂ ବଲିଉଡ୍ ଅନେକ କଳାକାରଙ୍କୁ ହରାଇଛି । ଓଲିଉଡ୍‌ର ସୁପରଷ୍ଟାର ତଥା ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତି, ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକ ଘଟିଛି । ସେହିପରି ବଲିଉଡ୍‌ର 'ହି ମ୍ୟାନ୍' ଭାବେ ପରିଚିତ ଧର୍ମେନ୍ଦ୍ରଙ୍କର ୮୯ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ସେହିପରି ଗୋବର୍ଦ୍ଧନ ଆଶ୍ରାନୀ, ଶେଫାଳି ଜରିୱାଲା, ପଙ୍କଜ ଧୀର, ସୁଲକ୍ଷଣା ପଣ୍ଡିତଙ୍କର ପରଲୋକ ଖବର ସମସ୍ତଙ୍କୁ ମର୍ମାହତ କରିଥିଲା ।



## ସିକ୍ୱେଲର ବର୍ଷ

୨୦୨୫ରେ ବଲିଉଡ୍‌ରେ ଅନେକ ବହୁ ପ୍ରତୀକ୍ଷିତ ସିକ୍ୱେଲ ସିନେମା ମୁକ୍ତିଲାଭ କରିଛି । 'ରେଡ୍-୨', 'ୱାର୍-୨', 'ବାଗି-୪', 'ମସ୍ତି-୪', 'କେଶରୀ ଚାପ୍ଟର-୨', 'ହାଉସ୍‌ଫୁଲ-୫', 'ଦେ ଦେ ପ୍ୟାର୍ ଦେ-୨', 'ୱାର୍-୨', 'ଜଲି ଏଲ୍‌ଏଲ୍‌ବି-୩', 'ସିତାରେ ଜମିନ୍ ପର୍', 'ସନ୍ ଅଫ୍ ସର୍ଦ୍ଦାର-୨', 'ଧଡକ୍-୨', 'ମେଟ୍ରୋ ଇନ୍ ଦିନୋ' ସିନେମା ମୁକ୍ତିଲାଭ କରିଥିଲା । ଏଥିରୁ ଅନେକ ସିନେମା ବକ୍ସଅଫିସ୍ରେ ଭଲ ଆୟ କରିଥିବା ବେଳେ ଆଉ କିଛି ସିକ୍ୱେଲ ସିନେମାକୁ ଦର୍ଶକୀୟ ଆଦୃତି ମିଳିପାରି ନାହିଁ ।




ଅନ୍ୟପଟେ ଏହିବର୍ଷର ବଲିଉଡ୍ର ଚର୍ଚ୍ଚିତ ସିନେମା ମଧ୍ୟରୁ ଅନ୍ୟତମ 'ଛାବା' । ଫେବୃଆରୀ ୧୪ରେ ମୁକ୍ତିଲାଭ କରିଥିବା ଏହି ସିନେମା ବିଶ୍ୱବ୍ୟାପୀ ୮୦୭.୯୧ କୋଟି ଟଙ୍କା ଆୟ କରିଥିଲା । ଐତିହାସିକ ଆକ୍ସନ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଭିକ୍କି କୌଶଲ ଏବଂ ରଶ୍ମିକା ମନ୍ଦାନା । ସେହିପରି କମ୍ ପ୍ରଚାର ପ୍ରସାରରେ ଜୁଲାଇ ୧୮ ରେ ମୁକ୍ତିଲାଭ କରିଥିଲା 'ସୈୟାରା' । ଏହାର ଗୀତ ଖୁବ୍ ଭାଇରାଲ ହୋଇଥିଲା ।

## ସବ୍ୟ-ଦେବାଶିଷଙ୍କ 'ଫିଟ୍ ଟୁ ଫ୍ୟାଟ୍'

୨୦୨୫ ମସିହାରେ ଓଡ଼ିଆ ସିନେମା କେବଳ, କାହାଣୀ, ଗୀତ କିମ୍ବା ବକ୍ସଅଫିସ୍‌ର ଆୟକୁ ନେଇ ଚର୍ଚ୍ଚାରେ ରହିଲା, ତାହା ନୁହେଁ । ସିନେମାରେ ଏଥର କଳାକାରଙ୍କ 'ଫିଟ୍ ଟୁ ଫ୍ୟାଟ୍'ର ଯାତ୍ରା ବି ଦେଖିବାକୁ ମିଳିଲା । ସାଧାରଣତଃ ଅଭିନେତା ନିଜକୁ ଫିଟ୍ ରଖୁଥିବା ବେଳେ ଏଥର କିଭଳି ଓଜନ ବୃଦ୍ଧି କରିବେ, ତାହା ସେମାନଙ୍କ ପାଇଁ ଏକପ୍ରକାର ଆହ୍ୱାନ ସୃଷ୍ଟି କରିଥିଲା । ଅବଶ୍ୟ ଏ ଲାଗି ସେମାନଙ୍କୁ ବହୁତ ପରିଶ୍ରମ ବି କରିବାକୁ ପଡ଼ିଛି । ଯେମିତି ଖାଦ୍ୟ ଖାଇଲେ, ସେମିତି ଝାଳ ବି ବୁହାଇଲେ । ୨୦୨୫ରେ ଅଭିନେତା ସବ୍ୟସାଚୀ ଏବଂ ଦେବାଶିଷ ନିଜ ଓଜନ ବୃଦ୍ଧିକୁ ନେଇ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କଲେ। ସବ୍ୟସାଚୀ 'ଅନନ୍ତା' ସିନେମା ଲାଗି ନିଜ ଓଜନ ବଢ଼ାଇ ଥିବା ବେଳେ ଦେବାଶିଷ 'ଗଣ୍ଡ ଭୈରବ' ପାଇଁ ଓଜନ ବୃଦ୍ଧି କଲେ । ଅବଶ୍ୟ ଏଇ ଦୁଇ କଳାକାର ଯେମିତି ଓଜନ ବଢ଼ାଇଲେ ସେମିତି ଓଜନ କମ୍ ବି କଲେ । ଓଜନ କମ୍ ବେଶିକୁ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦେବାଶିଷ ୨୦ କେଜି ଓଜନ ବଢ଼ାଇବା ସହ ୩ ମାସରେ ସେ ୨୦ କେଜି ଓଜନ କମାଇଲେ । ସେହିପରି ସବ୍ୟ ଏବେ 'ଲ୍ୟାଣ୍ଡଫଲ' ସିନେମା ପାଇଁ ୨ ମାସ ମଧ୍ୟରେ ୩୦ କେଜି ଓଜନ ହ୍ରାସ କରିଛନ୍ତି ।

## ଶ୍ରେଷ୍ଠ ସିନେମା 'ପୁଷ୍କରା'

ଶଙ୍କର ତ୍ରିପାଠୀଙ୍କ ନାଦବିନ୍ଦୁ ଉପନ୍ୟାସ ଉପରେ ପର୍ଯ୍ୟବସିତ ସିନେମା 'ପୁଷ୍କରା'କୁ ୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କ୍ରମରେ ଆଞ୍ଚଳିକ ଭାଷା ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଥିଲା । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ସବ୍ୟସାଚୀ ଏବଂ ସୁପ୍ରିୟା । ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ ।



## ବର୍ଷକର ବିବାଦ

ଚଳିତ ବର୍ଷ କିଛି ବିବାଦ ଏମିତି ଥିଲା ଯାହାର ଚର୍ଚ୍ଚା ବର୍ଷର ବିଭିନ୍ନ ସମୟରେ ଲାଗି ରହିଲା। ବର୍ଷ ପ୍ରାରମ୍ଭରେ ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହିପରି 'ହେରାଫେରୀ-୩'ରେ ଅକ୍ଷୟ କୁମାର, ସୁନୀଲ ସେଟ୍ଟି ଏବଂ ପରେଶ ରାୱଲ ନଜର ଆସିଥାନ୍ତେ । ତିନି ଜଣ ଫିଲ୍ମର ପ୍ରମୋସନାଲ୍ ସୁଟିଂ ମଧ୍ୟ କରିଥିଲେ। ହେଲେ ଅଚାନକ ପରେଶ ଫିଲ୍ମ କରିବେନି ମନା କଲେ। ଏହି ସିନେମାର ପ୍ରଯୋଜନା ଅକ୍ଷୟ କୁମାର କରୁଥିବା ବେଳେ ଏନେଇ ପରେଶଙ୍କୁ ଲିଗାଲ ନୋଟିସ୍ ପଠାଯାଇ ଥିଲା। ଦୀର୍ଘ ସମୟ ଧରି ଏହା ବିବାଦ ଓ ଚର୍ଚ୍ଚାରେ ରହିଲା ଏବଂ ଶେଷରେ ପରେଶ ଏହି ସିନେମାକୁ ଲେଉଟିଲେ । ଅନ୍ୟପଟେ ଦୀପିକା ପାଦୁ୍ୟକୋନ ଏବଂ ପ୍ରଭାସକୁ ନେଇ ସନ୍ଦୀପ ରେଡ୍ଡୀ ଭାଙ୍ଗା 'ସ୍ପିରିଟ୍' ସିନେମା ନିର୍ମାଣ କରିବାକୁ ଚାହୁଁଥିଲେ। ତେବେ ଏହି ସିନେମା ପାଇଁ ଦୀପିକା ଆଠ ଘଣ୍ଟା କାମ କରିବାକୁ କହିବା ସହ ଅନେକ କିଛି ଦାବି ମଧ୍ୟ ରଖିଥିଲେ । ତାଙ୍କ ଦାବିକୁ ଦେଖି ଦୀପିକାଙ୍କ ବଦଳରେ ସନ୍ଦୀପ ତୃପ୍ତି ଡିମରିଙ୍କୁ ନେଲେ। ଅବଶ୍ୟ ଏହି ମାମଲାକୁ ନେଇ ଇଣ୍ଡଷ୍ଟ୍ରିରେ କାମର ସମୟ ସୀମାକୁ ନେଇ ବିବାଦ ଓ ବିତର୍କ ଲାଗି ରହିଥିଲା । ଅନ୍ୟପଟେ ୨୦୨୫ରେ ଅଭିନେତା ଗୋବିନ୍ଦା ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଖୁବ୍ ଚର୍ଚ୍ଚାରେ ରହିଲେ । ବିଶେଷକରି ସୁନୀତାଙ୍କ ସହ ଗୋବିନ୍ଦାଙ୍କ ଛାଡ଼ପତ୍ର ଏବଂ ପରକୀୟା ପ୍ରୀତି ମାମଲା ଚର୍ଚ୍ଚା ହେବାରୁ ସମସ୍ତେ ଆଶ୍ଚର୍ଯ୍ୟ ରହିଲେ ।




## ୨୦୨୬ରେ ନୂଆ ସମ୍ଭାବନା ନେଇ ଆସୁଛି ଓଡ଼ିଆ ସିନେମା



ଅନେକ କିଛି ରେକର୍ଡ ଭାଙ୍ଗିଛି ୨୦୨୫ର କିଛିଟା ଓଡ଼ିଆ ସିନେମା। କେତେକ ସିନେମା ଦର୍ଶକଙ୍କୁ ନ୍ୟାୟ ଦେଇପାରି ନାହିଁ। ତେବେ ଅନେକ ଆଶା ଓ ସମ୍ଭାବନାକୁ ନେଇ ସ୍ୱାଗତ କରିବା ୨୦୨୬କୁ। Studio 3SIXTY 5...... ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର ଅନେକ ନୂଆ କଳାକାରଙ୍କ ଭବିଷ୍ୟତ ଗଢ଼ିବ ବୋଲି ମୋର ଆଶା ଓ ବିଶ୍ୱାସ.। ନିର୍ଦ୍ଦେଶକ ଆନନ୍ଦ କୁମାରଙ୍କ ଅତୀତରେ ନିର୍ଦ୍ଦେଶିତ ସିନେମା ଭିତରୁ 'ଅପେକ୍ଷା' କିଛି ସ୍ୱତନ୍ତ୍ରତା ବହନ କରେ। ଏହା ଏକ ପ୍ରେମକାହାଣୀ ଉପରେ ଆଧାରିତ ସିନେମା। ପ୍ରେତାତ୍ମାର ଭୟ ମଧ୍ୟ ଦେଖାଯାଇଛି ଏହି ଫିଲ୍ମରେ। ନୂଆ ହିରୋ ସାର୍ଥକଙ୍କ ମୁକ୍ତିଲାଭ କରିବାକୁ ଥିବା ଏହା ପ୍ରଥମ ଚଳଚ୍ଚିତ୍ର। ଯଦିଓ ସେ ଏହା ଭିତରେ ଆହୁରି କିଛି ସିନେମା କରିସାରିଛନ୍ତି । ସେହିପରି ବାରିପଦାର ଅଭିନେତ୍ରୀ ଶୁଭାଙ୍ଗୀ ସମ୍ପୂର୍ଣ୍ଣ ନୂଆ ନ ହେଲେ ମଧ ଏଥିରେ ଭଲ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ୨୦୨୬ ମସିହାରେ ମୁକ୍ତି ଲାଭ କରିବାକୁ ଥିବା 'ଅପେକ୍ଷା' ଚଳଚ୍ଚିତ୍ର ଓଡ଼ିଶାର ଦର୍ଶକମାନଙ୍କୁ ନିଶ୍ଚୟ ଭଲ ଲାଗିବ ଆଶା କରିବି । -ଡ. କେ. ତମନ୍ନା , ପ୍ରଯୋଜକ, 'ଅପେକ୍ଷା' ସିନେମା

## ବାଜିଲା ସାହାନାଇ



୨୦୨୫ ମସିହାରେ ଓଲିଉଡ୍ ତଥା ବଲିଉଡ୍‌ର ଅନେକ କଳାକାର ନୂଆ ବୈବାହିକ ଜୀବନ ଆରମ୍ଭ କରିଛନ୍ତି । ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତି ଜାଗୃତି ଶୁକ୍ଳାଙ୍କୁ ବିବାହ କଲେ। ସେହିପରି ଅଭିନେତା ଜ୍ୟୋତି ଅଭିନେତ୍ରୀ ସିମରନଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଅରମାନ ମଲିକ୍ ଇନଫ୍ଲୁଏନସର ଆସାନ ଶ୍ରଫ୍‌କୁ ବିବାହ କରିଛନ୍ତି । ବର୍ଷର ଶେଷ ମାସ ଡିସେମ୍ବରରେ ସାମନ୍ଥା ରୁଥ୍ ପ୍ରଭୁ ନିର୍ଦ୍ଦେଶକ ତଥା ପ୍ରଯୋଜକ ନିଦିମୋରୁଙ୍କ ବିବାହ କଲେ। ଏହାବାଦ୍ ଟିଭିର ଲୋକପ୍ରିୟ ଅଭିନେତ୍ରୀ ହୀନା ଖାନ୍ ରକି ଜୟସବାଲାଙ୍କୁ ବାହା ହୋଇଛନ୍ତି ।

## '୨୦୨୬କୁ ଅପେକ୍ଷା'

କେଇ ଘଣ୍ଟାର ଅପେକ୍ଷା। ବିଦାୟ ନେବ ୨୦୨୫ ବର୍ଷ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଓଲିଉଡ୍ ଓ ବଲିଉଡ୍‌ରେ ଅନେକ ସିନେମା ମୁକ୍ତିଲାଭ କରିଛି । ଅନେକ ସିନେମାରେ ଜବରଦସ୍ତ ଆକ୍ସନ, ହୃଦୟସ୍ପର୍ଶୀ କାହାଣୀ, ଦମ୍‌ଦାର କମେଡି, ସାମାଜିକ ବାର୍ତ୍ତା ଏବଂ ଆକର୍ଷଣୀୟ ଦୃଶ୍ୟର ଏକ ଭରପୂର ମନୋରଞ୍ଜନର ମିଶ୍ରଣ ଦେଖିବାକୁ ମିଳିଲା । ତା'ସହ ଐତିହାସିକ ତଥା ଆଧ୍ୟାତ୍ମିକ କାହାଣୀ, ଆକ୍ସନ-ୱାର୍ ସିନେମା ସିନେପ୍ରେମୀଙ୍କୁ ମଧ୍ୟ ହଲ୍ ମୁହାଁ କରାଇପାରିଛି । ତେଣୁ ୨୦୨୫ରେ ମୁକ୍ତିଲାଭ କରିଥିବା ସିନେମା କେବଳ ଦର୍ଶକଙ୍କ ମନୋରଞ୍ଜନ କରି ନାହିଁ, ବରଂ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ମଧ୍ୟ ଛାଡ଼ି ଦେଇଛି । କିଛି ସିନେମା ବଡ଼ ବଜେଟ୍ ପାଇଁ ଚର୍ଚ୍ଚାରେ ରହିଥିବା ବେଳେ ଆଉ କିଛି ବ୍ୟାବସାୟିକ ସଫଳତା ଲାଭ କରିଛି । ଏହାରି ଭିତରେ କିଛି କଳାକାର ଦାମ୍ପତ୍ୟ ଜୀବନର ଶୁଭାରମ୍ଭ କରିଛନ୍ତି । ସେହିପରି ସିନେ ଜଗତରେ କିଛି ଦୁଃଖଦ ତଥା ବିବାଦୀୟ ଘଟଣା ବି ଘଟିଛି । ଆମେ ଆମର ଅନେକ ପ୍ରିୟ କଳାକାରଙ୍କୁ ବି ହରାଇଛୁ । ତମାମ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ସେଭଳି କେତେକ ଘଟଣା ଏବଂ ୨୦୨୬ ମୁକ୍ତିଲାଭ ଅପେକ୍ଷାରେ ଥିବା କିଛି ସିନେମାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## 'ଧୁରନ୍ଧର'ର ଧୂଆଁଧାର୍ ବେପାର

୨୦୨୫ରେ ଏକାଧିକ ହିନ୍ଦୀ ସିନେମା ମୁକ୍ତିଲାଭ କରିଥିବା ବେଳେ ସେଥିରୁ ଗୋଟିଏ ସିନେମା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହା କେବଳ ୧୯ ଦିନରେ ୧୦୦୦ କୋଟି କ୍ଲବ୍‌ରେ ପ୍ରବେଶ କରିଥିଲା । ଡିସେମ୍ବର ୫ ତାରିଖରେ ମୁକ୍ତିଲାଭ କରିଥିଲା 'ଧୁରନ୍ଧର' । ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ତଥା ରଣବୀର ସିଂହଙ୍କ ଅଭିନୀତ ଏହି ସିନେମା ବିଶ୍ୱସ୍ତରରେ ହଜାରେ କୋଟି ଟଙ୍କା ଅତିକ୍ରମ କରିଛି। ସ୍ପାଇ-ଆକ୍ସନ-ଥ୍ରିଲର ଉପରେ ଆଧାରିତ ଏହି ସିନେମାଟିକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି ।




## ଖୁସି ଖବର

ଓଡ଼ିଆ ସିନେମାର ଆଗଧାଡ଼ିର ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଘରକୁ ନୂଆ ଅତିଥିଙ୍କ ଆଗମନ ହୋଇଛି । ପୁତ୍ର ସନ୍ତାନର ବାପା-ମାଆ ହୋଇଛନ୍ତି ଅର୍ଦ୍ଧେନ୍ଦୁ ଓ ପଲ୍ଲବୀ । ଦୁହେଁ ଏହି ଖୁସି ଖବରକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ । ସେହିପରି ଖୁବ୍ ଶୀଘ୍ର ସବ୍ୟସାଚୀ ଏବଂ ଅର୍ଚ୍ଚିତାଙ୍କ ଘରକୁ ନୂଆ ଅତିଥି ଆସିବାର ଖୁସି ଖବର ଦେଇଛନ୍ତି ଏଇ ଦୁଇ ତାରକା ସ୍ୱାମୀ-ସ୍ତ୍ରୀ । କାରଣ ଅର୍ଚ୍ଚିତା ଏବେ ଗର୍ଭବତୀ ଅଛନ୍ତି । ଆଗକୁ ବାପା-ମାଆ ହେବା ଖବର ଦୁହେଁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ସମସ୍ତଙ୍କ ଆଶୀର୍ବାଦ କାମନା କରିଛନ୍ତି । ତାଙ୍କ ପ୍ରଶଂସକମୋନେ ଅପେକ୍ଷା କରି ରହିଛନ୍ତି ।

# ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌ରୁ ଶ୍ରେୟସ ଆୟର ଆଉଟ୍



ବେଙ୍ଗାଲୁରୁ,୩୦।୧୨(ଏଜେନ୍ସି): ଫିଟନେସ ଲାଗି ଓଜନ ହରାଇବା ଜରୁରୀ। କିନ୍ତୁ ଅଧିକ ଓଜନ ହରାଇବା ଯେ କ୍ଷତିକାରକ ତାହା ଶ୍ରେୟସ ଆୟରଙ୍କ ଘଟଣାରୁ ସ୍ପଷ୍ଟ ହୋଇଛି। ଆଘାତ ପାଇବା ପରେ ଫିଟ୍ ହେବାକୁ ସଂଘର୍ଷ କରୁଥିବା ଆୟରଙ୍କ ଓଜନ ଏବେ ଅଧିକ କମିଯାଇଛି। ଯାହା ଫଳରେ ଫିଟ୍ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବାକୁ ଅନୁମତି ଦେଇ ନାହାନ୍ତି ବିସିସିଆଇ ମେଡିକାଲ ଟିମ୍। ଯାହା ଫଳରେ ଏବେ ଚାଲିଥିବା ଘରୋଇ ଦିନିକିଆ କ୍ରିକେଟ ବିଜୟ ହଜାରେ ଟ୍ରଫି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ସହ ଆରମ୍ଭ ହେବାକୁ ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ତାଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଏବେ ସେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଫିଟ୍‌ନେସ ଫେରିପାଇବା ଲାଗି ଚିକିତ୍ସିତ ହେଉଛନ୍ତି ଓ ଅତିକମ୍‌ରେ ଆଉ ଏକ ସପ୍ତାହ ଏଠାରେ ରହିବେ ବୋଲି ଜଣାଯାଇଛି। ଆୟରଙ୍କ ଓଜନ ୬ କେଜି କମିଛି, ଯାହା ଫଳରେ ତାଙ୍କ ମାଂସପେସୀ ଠିକ୍ ଭାବେ କାମକରୁନାହିଁ। ମେଡିକାଲ ଟିମ୍‌ର ଆଶା ଆଉ ଏକ ସପ୍ତାହ ଟ୍ରେନିଂ କଲାପରେ ଆୟର ଫିଟ୍ ହୋଇଯିବେ।

# ଆଇସିସି ଟି-୨୦ ମାନ୍ୟତାରେ ଶେଫାଳିଙ୍କ ଉନ୍ନତି



ଦୁବାଇ,୩୦।୧୨(ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ମାନ୍ୟତାରେ ଭାରତୀୟ ମହିଳା କ୍ରିକେଟରଙ୍କ ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହା ମଧ୍ୟରେ ଓପନର ଶେଫାଳି ବର୍ମା ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲରେ ୮୦ ରନ୍ କରି ଭାରତକୁ ଚାମ୍ପିଅନ କରାଇବା ପରେ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଶେଫାଳି ୩ଟି ଚମତ୍କାର ଇନିଂସ ଖେଳି ଟି-୨୦ ମାନ୍ୟତାରେ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏକଦା ନଂ-୧ ସ୍ଥାନରେ ଥିବା ଏହି ୨୧ ବର୍ଷୀୟ ଓପନର ଶ୍ରୀଲଙ୍କା ବିପକ୍ଷରେ ୪୨ ବଲ୍‌ରୁ ୭୯, ୪୬ ବଲରୁ ୭୯ ଓ ୩୪ ବଲ୍‌ରୁ ଅପରାଜିତ ୬୯ ରନ୍ କରି ଭାରତର ସିରିଜ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସିରିଜ୍‌ରେ ସଂଘର୍ଷ କରିବା ପରେ ଚତୁର୍ଥ ଟି-୨୦ରେ ୮୦ ରନ୍ କରିଥିବା ଭାରତୀୟ ଉପଅଧିନାୟିକା ହରମନପ୍ରୀତ୍ କୌର ପୂର୍ବପରି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଗୋଟିଏ ସ୍ଥାନରେ ଅବନତି ହୋଇ ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ପୂର୍ବପରି ନଂ-୧ ସ୍ଥାନ ବଜାୟ ରଖିଛନ୍ତି। ମିଡିୟମ୍ ପେସ୍ ବୋଲର ରେଣୁକା ସିଂ ଯୁଗ୍ମ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଦୁଇ ଯୁବ ସ୍ପିନର ଶ୍ରୀ ଚରଣି ୫୨ତମ ଓ ଡେବ୍ୟୁଟାଣ୍ଟ ବୈଷ୍ଣବୀ ଶର୍ମା ୧୨୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ହରମନପ୍ରୀତ୍ ଫାଇନାଲର ଓ ଶେଫାଳି ସିରିଜ୍‌ର ଶ୍ରେଷ୍ଠ ଖେଳାଳି

# ଭାରତ ୫-୦ରେ ଟି-୨୦ ସିରିଜ୍ ପୋଛିନେଲା

ତିରୁଅନନ୍ତପୁରମ,୩୦।୧୨(ଏଜେନ୍ସି)


ହରମନପ୍ରୀତ୍ କୌର

ଅଧିନାୟିକା ହରମନପ୍ରୀତ୍ କୌର (୪୩ ବଲ୍‌ରେ ୬୮ ରନ୍)ଙ୍କ ଉପଯୋଗୀ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ଉଦ୍ୟମ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପଞ୍ଚମ ତଥା ଶେଷ ଟି-୨୦ରେ ଭାରତ ୧୫ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଶେଷ ହୋଇଥିବା ଟି-୨୦ ସିରିଜ୍‌କୁ ଭାରତ ୫-୦ରେ କ୍ଲିନ୍ ସୁଇପ୍ କରିଛି। ଏହି ମ୍ୟାଚ୍‌ରେ ୬୮ ରନ୍ କରି ଭାରତକୁ ବିପଦରୁ ଉଦ୍ଧାର କରିଥିବା ଅଧିନାୟିକା ହରମନପ୍ରୀତ୍ କୌରଙ୍କୁ ମ୍ୟାଚ୍‌ର ଓ ଶେଫାଳି ବର୍ମାଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍ ପରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ମହିଳା ପ୍ରିମିୟର ଲିଗ୍ ଆରମ୍ଭ ହେବ।

ଏଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୭୫ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ସମାନ ସଂଖ୍ୟକ ଓଭର ଓ ସମାନ ସଂଖ୍ୟକ ୱିକେଟ ହରାଇ ୧୬୦ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଓପନର ହାସିନୀ ପରେରା ୪୨ ବଲ୍‌ରେ ୮ ଚୌକା ଓ ୧ଛକା ସହ ୬୫ ଏବଂ ନଂ-୩ ଇମେଶ ଦୁଲାନି ୩୯ ବଲ୍‌ରେ ୮ ଚୌକା ସହ ୫୦ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଘରୋଇ ଦଳର ବୋଲିଂ କରିଥିବା ସମସ୍ତ ୬ଜଣ ଯାକ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ୪ଜଣ ନିୟମିତ ଖେଳାଳି ସ୍ମୃତି ମନ୍ଧାନା, ଶେଫାଳି ରୋଡ୍ରିଗ୍ସେଜ୍, ରେଣୁକା ସିଂ ଓ କ୍ରାନ୍ତି ଗୌଡ଼ଙ୍କୁ ବିଶ୍ରାମ ଦିଆଯାଇଥିଲା।

ଏହି ସିରିଜ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ସଫଳ ଓପନର ଶେଫାଳି ବର୍ମା ୫, ଡେବ୍ୟୁଟାଣ୍ଟ ଗୁନ୍‌ଲାନ କମଳିନୀ ୧୨, ହର୍ଲିନ ଦେଓଲ ୧୩, ରିଚା ଘୋଷ ୫ ଓ ଦୀପ୍ତି ଶର୍ମା ୭ ରନ୍‌ରେ ଆଉଟ ହୋଇଥିଲେ। ଫଳରେ ଭାରତ ୧୦.୪ ଓଭରରେ ୭୭ ରନ୍ କରିଥିଲାବେଳେ ଅଧା ବା ୫ ୱିକେଟ ହରାଇଥିଲା। ଏହି ସମୟରେ ହରମନପ୍ରୀତ୍‌ଙ୍କ ସହ ଅମନଜୋତ କୌର ୬ଷ୍ଠ ୱିକେଟରୁ ୩୭ ବଲ୍‌ରେ ୬୧ ରନ୍ ଉଠାଇ ଭାରତର ସମ୍ମାନ ରଖିଥିଲେ। କିନ୍ତୁ ବଡ଼ ସ୍କୋର କରିବା ପୂର୍ବରୁ ହରମନପ୍ରୀତ୍ ୪୩ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୬୮ ରନ୍ କରି ଆଉଟ ହୋଇଥିଲେ। ଅମନଜୋତ ୧୮ ବଲ୍‌ରୁ ୨୧ ରନ୍ ଯୋଗଦାନ କରିଥିଲେ। ୮ମ ୱିକେଟରେ ଅରୁନ୍ଧତି ରେଡ୍ଡୀ ଓ ସ୍ନେହ ରାଣା ୧୪ ବଲ୍‌ରୁ ୩୩ ରନ୍ ଉଠାଇବା ଫଳରେ ଦଳ ୭ ୱିକେଟରେ ୧୭୫ ରନ୍ କରିଥିଲେ। ଅରୁନ୍ଧତି ମାତ୍ର ୧୧ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୨୭ ଓ ସ୍ନେହ ୬ ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏହି ମ୍ୟାଚ୍‌ରେ ଅଧିନାୟିକା ଚାମରି ଆଟାପାଟ୍ଟୁ, ରଶ୍ମିକା ସେୱାଣ୍ଡି ଓ କାଭିସ୍ ଦିଲହରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୧୭୫/୭, ୨୦ ଓଭର (ହରମନପ୍ରୀତ୍-୬୮, ଅରୁନ୍ଧତି- ୨୭*, ଦିଲହାରୀ-୨/୧୧, ଚାମରି-୨/୨୧)।
**ଶ୍ରୀଲଙ୍କା**: ୧୬୦/୭, ୨୦ ଓଭର (ହାସିନି-୬୫, ଦୁଲାନି-୫୦, ଅରୁନ୍ଧତି-୧/୧୬, ଅମନଜୋତ୍-୧/୧୭)।

# ସୂର୍ଯ୍ୟକୁମାର ମୋତେ ବାରମ୍ବାର ମେସେଜ୍ କରୁଥିଲେ: ଖୁସି ମୁଖାର୍ଜୀ





ମୁମ୍ବଇ,୩୦।୧୨(ଏଜେନ୍ସି): ବଲିଉଡ୍ ନାୟିକା ଓ ମଡେଲ ଖୁସି ମୁଖାର୍ଜୀ ଆଜି କ୍ରିକେଟ ଖେଳାଳିଙ୍କୁ ନେଇ ଏକ ବିସ୍ଫୋରକ ତଥ୍ୟ ଗଣମାଧ୍ୟମ ଆଗରେ ରଖିଛନ୍ତି। ଏହା ମଧ୍ୟରେ ରହିଛି ଭାରତୀୟ ଦଳର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ରୋଚକ ତଥ୍ୟ। ସୂର୍ଯ୍ୟକୁମାରଙ୍କ ସହ ତାଙ୍କର ବହୁ ପୁରୁଣା ସମ୍ପର୍କ ରହିଛି ଓ ସେ ମୋତେ ଆଗରୁ ବାରମ୍ବାର ମେସେଜ୍ କରନ୍ତି ବୋଲି ଖୁସି ଆଜି ଗଣମାଧ୍ୟମରେ କହିଛନ୍ତି। ଜଣେ କ୍ରିକେଟ ଖେଳାଳିଙ୍କ ସହ ଡେଟ୍ କରିବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଖୁସି ଏହା କହିଥିଲେ। କେବଳ ସୂର୍ଯ୍ୟକୁମାର ନୁହଁନ୍ତି, ଅନେକ କ୍ରିକେଟର ମୋ ପଛରେ ପଡ଼ିଛନ୍ତି। କିନ୍ତୁ ମୁଁ କୌଣସି କ୍ରିକେଟରଙ୍କ ସହ ଜଡିତ ହେବାକୁ ଚାହିଁନାହିଁ। ସୂର୍ଯ୍ୟକୁମାରଙ୍କ ସହ ଏବେ ମୋର ବିଶେଷ ସମ୍ପର୍କ ନାହିଁ। ଏବେ ଆମେ ବେଶି କଥାବାର୍ତ୍ତା ହେଉନାହୁଁ। ମୁଁ ମଧ୍ୟ କୌଣସି କ୍ରିକେଟ ଖେଳାଳିଙ୍କ ସହ ଯୋଡି ହେବାକୁ ଚାହୁଁନାହିଁ ବୋଲି ଖୁସି କହିଛନ୍ତି। ଖୁସିଙ୍କ ଏହି ବିସ୍ଫୋରଣାତ୍ମକ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ସୂର୍ଯ୍ୟକୁମାର। ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଓ ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଏବେ ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ବୈକୁଣ୍ଠ ଏକାଦଶୀରେ ସେମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂର୍ଯ୍ୟକୁମାର ଏବେ ଭଲ ଫର୍ମରେ ନାହାନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ୩-୧ରେ ବିଜୟୀ ହୋଇଥିଲା। ଏହା ପରେ ଆସନ୍ତାବର୍ଷ ଜାନୁଆରୀ ୧୧ରୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଏହା ପରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍‌ରେ ନେତୃତ୍ୱ ନେବାକୁ ସୂର୍ଯ୍ୟକୁମାର ମନୋନୀତ ହୋଇଛନ୍ତି। ଖୁସିଙ୍କ ଏହି ବୋମା ସୂର୍ଯ୍ୟକୁମାରଙ୍କୁ କିପରି ଆଘାତ ଦେଉଛି ନା ଫର୍ମ ଫେରାଇବାରେ ସହାୟକ ହେବ ତାହା ଆସନ୍ତାଦିନରେ ଜଣାପଡ଼ିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ୩୦୫/୬ରେ ଓଡ଼ିଶାର ପାଳି ଘୋଷଣା

କଟକ,୩୦।୧୨(ସମିସ): ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ ହରାଇ ୩୦୫ରନ କରିଥିବା ବେଳେ ଆଜି ପ୍ରଥମ ପାଳି ଘୋଷଣା କରିଛି। ଓପନର ମିଧାଂଶୁ ଦାସ ୧୩୬, ଅରୋବିନ୍ଦ ୫୬ରନ ଏବଂ ଓମପ୍ରକାଶ ୨୩ରନରେ ଆଉଟ ହେବା ପରେ ଦଳ ପାଳି ଘୋଷଣା ପାଇଁ ନିଷ୍ପତ୍ତି ନେଇଥିଲା। ଅନ୍ୟପଟେ ପଣ୍ଡିଚେରୀ ୪ ୱିକେଟ ବିନିମୟରେ ୧୮୬ରନ ସଂଗ୍ରହ କରି ଓଡ଼ିଶାକୁ ଜବାବ ଦେଇଛି। ଅଭୟ ସିଂହ(୭୦ରନ) ଏବଂ ଏସ୍ ପ୍ରନଶୁ(୬୭) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଦଳ ୧୧୯ରନ ପଛୁଆ ଥିବା ବେଳେ ହାତରେ ୬ ୱିକେଟ ବଳକା ଥିବା ହେତୁ ପଣ୍ଡିଚେରୀ ଇନିଂସ ଅଗ୍ରଣୀ କରିବାର ସମ୍ଭାବନା ରହିଛି।

## ଜ୍ଞାନରଞ୍ଜନ ଦାସଙ୍କ ପରଲୋକ

କଟକ,୩୦।୧୨(ସମିସ): ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ଦାସଙ୍କର ୬୩ବର୍ଷ ବୟସରେ ପରଲୋକ ଘଟିଛି। ଜ୍ଞାନରଞ୍ଜନ ଦୀର୍ଘବର୍ଷ ଧରି ସନ୍ତୋଷ ଟ୍ରଫିରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏହାଛଡ଼ା ୱେଷ୍ଟର୍ଣ୍ଣ ମହାବୀର କ୍ଲବର ଖେଳାଳି ରହିବା ସହ କ୍ଲବର ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଜ୍ଞାନରଞ୍ଜନ ୟଙ୍ଗ ଉତ୍କଳ କ୍ଲବର ପ୍ରଶିକ୍ଷକ ମଧ୍ୟ ରହିଥିଲେ। ଏ.ଜି କାର୍ଯ୍ୟାଳୟରୁ ଅବସର ପରେ ଫୁଟବଲ ଜଗତରେ ସେ ସକ୍ରିୟ ରହିଥିଲେ। ତାଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶୋକ ପ୍ରକାଶ ପାଇଛି।

## ସୌମ୍ୟଙ୍କୁ ୮୬ତମ ଟାଇଟଲ; ଏଥର ଆମେରିକାରେ



ଭୁବନେଶ୍ୱର,୩୦।୧୨ (ସମିସ): ଓଡ଼ିଶାର ଜଣାଶୁଣା ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ଏଥର ଆମେରିକାର ଲାସ୍‌ଭେଗାସରେ ଅନୁଷ୍ଠିତ ନର୍ଥ ଆମେରିକାନ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ସେ ଏହି ଟାଇଟଲ ୭ ରାଉଣ୍ଡ ବିଶିଷ୍ଟ ମାଷ୍ଟର୍ସ ବିଭାଗରେ ଜିତିଛନ୍ତି। ଏଥିରେ ତାଙ୍କୁ ୪.୫ ପଏଣ୍ଟ ମିଳିଥିଲା ଓ ବୁକୋଲଜ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ଜିତିଥିଲେ। ଟାଇଟଲ ଜିତିବା ସହ ତାଙ୍କୁ ମଧ୍ୟ ୨୮ଟି ରେଟିଂ ପଏଣ୍ଟ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ମ ସିଡ୍ ମାନ୍ୟତା ପାଇଥିବା ସୌମ୍ୟ ଶେଷ ରାଉଣ୍ଡରେ ହାରିଯାଇଥିଲେ ମଧ୍ୟ ଟାଇଟଲ ହାତଛଡ଼ା କରି ନ ଥିଲେ।

# ପୂର୍ବ ଭାରତ ବଡ଼ି ବିଲ୍ଡିଂ ଚାମ୍ପିଅନସିପ୍ ୧୦ରୁ




ଭୁବନେଶ୍ୱର,୩୦।୧୨(ସମିସ): ସ୍ଥାନୀୟ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡ଼ି ବିଲ୍ଡିଂ ମିଳିତ ଆନୁକୂଲ୍ୟରେ ଏବଂ ପୂର୍ବ ଭାରତ ବଡି ବିଲ୍ଡର୍ସ ଆସୋସିଏସନ ତତ୍ତ୍ୱାବଧାନରେ ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ୩ ଦିନ ଧରି ଦ୍ୱାଦଶ ପୂର୍ବ ଭାରତ ପୁରୁଷ ଓ ମହିଳା ବଡ଼ି ବିଲ୍ଡିଂ ଓ ଶାରୀରିକ କ୍ରୀଡ଼ା ଚାମ୍ପିଅନସିପ୍ ଆୟୋଜନ ହେବ। ୧୯୭୫ରୁ ବଉଳଗଡ଼ କ୍ଲବ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏହି ପ୍ରତିଯୋଗତା ଆୟୋଜନ ହେବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ଭଞ୍ଜକଳା ମଣ୍ଡପରେ ଏହି ପ୍ରତିଯୋଗତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ଟି ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏହି ରାଜ୍ୟଗୁଡିକରୁ ୪୦୦ ବଡ଼ିବିଲ୍ଡର ଓ ୧୦୦ଜଣ ଅଫିସିଆଲ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ସମେତ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ଏକାମ୍ର ବିଧାୟକ ତଥା ଚାମ୍ପିଅନସିପ୍‌ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାବୁ ସିଂହଙ୍କ ଦିଗଦର୍ଶନରେ ହିଁ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ମଙ୍ଗଳବାର ସମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ତରଫରୁ ସୂଚନା ଦିଆଯାଇଛି। ଏଥିରେ ବାବୁ ସିଂହଙ୍କ ସମେତ ବଉଳଗଡ଼ କ୍ଲବ ସମ୍ପାଦକ ରାଧାନାଥ ମହାପାତ୍ର ପୂର୍ବ ଭାରତ ବଡ଼ି ବିଲ୍ଡର୍ସ ଆସୋସିଏସନ ଓ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ରାଧାମାଧବ ପଣ୍ଡା, ଚକ୍ରଧର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାରକା ବଡ଼ି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଡେନ ପିଚ୍ ସନ୍ତୋଷଜନକ

ମୁମ୍ବଇ,୩୦।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାରେ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ପିଚ୍‌କୁ ଆଇସିସି ସନ୍ତୋଷଜନକ ରେଟିଂ ପ୍ରଦାନ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରୁ ଖେଳ ଦକ୍ଷିଣ ଆଫ୍ରିକା କବ୍‌ଜାରେ ରହିଥିଲା ଓ ଭ୍ରମଣକାରୀ ଦଳ ଏହାକୁ ୩୦ ରନ୍‌ରେ ଜିତିଥିଲା। ଏହା ପରେ ଗୁଆହାଟୀ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୪୦୮ ରନ୍‌ରେ ଜିତିବା ସହ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଦୀର୍ଘ ୨୫ ବର୍ଷ ପରେ ଟେଷ୍ଟ ସିରିଜ୍ ଜିତିବାକୁ ସମର୍ଥ ହୋଇଥିଲା। କୋଲକାତା ଟେଷ୍ଟ ୩ ଦିନରେ ଶେଷ ହୋଇଥିବାରୁ ଏହାକୁ ଅନୁପଯୁକ୍ତ କରାଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଏହାକୁ ସନ୍ତୋଷଜନକ ରେଟିଂ ଦେବା ପରେ ବିସିସିଆଇ ଓ ଭାରତୀୟ ସମର୍ଥକ ଆଶ୍ୱସ୍ତ ହୋଇଛନ୍ତି।

ଛିନ୍ଦେଇକେଲା କ୍ରିକେଟ କପ୍

## ରାଞ୍ଚି ମେକନ ଚାମ୍ପିଅନ

ପାଇକମାଲ,୩୦।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍‌ର ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିଅନ ହୋଇଛି। ରାଞ୍ଚି ମେକନ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଙ୍କିତ ରାଜ ଗୁପ୍ତା ୫୧, ବିସ୍ତଲ ତିୱାରୀ ୩୧, ରଣବୀର ୨୭ ରନ ସଂଗ୍ରହ କରିଥିଲେ। ୧୭୫ ରନ ବିଜୟ ଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ହେଲେ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଏମ କ୍ରିଷ୍ଣା ୮୮, ଏମଡି ଉମର ୨୮ ରନ ସଂଗ୍ରହ କରିଥିଲେ। ରାଞ୍ଚି ଦଳରୁ ସୁମିତ ସୌରଭ ୩, ଆକାଶ ସିଂ ୩, ଅନୁଜ ସିଂ, ଅକସତ ଝା, ଅନିବନ ଚାଟାର୍ଜୀ ୧ ୱିକେଟ ଲେଖାଏଁ ନେଇଥିଲେ। ଓସିଏ ଅମ୍ପାୟାର ଅମିୟ ଭୂଷଣ ସାହୁ ଓ ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ଅଶୋକ ଜିନ୍ଦଲ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ରାଞ୍ଚି ଦଳର ଅଙ୍କିତରାଜ ଗୁପ୍ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ପ୍ରୟାଗରାଜ ଦଳ କ୍ରିଷ୍ଣା ସରୋଜଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ସଚ୍ଚିଦାନନ୍ଦ ପଣ୍ଡା ସଭା ପରିଚାଳନା କରିଥିଲେ। ଆୟୋଜକ ସଭାପତି ଯତୀନ ସାହୁ, ଉପସଭାପତି ଆଦର୍ଶ ସାହୁ, ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁଙ୍କ ସମେତ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପଦେଷ୍ଟା ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।



ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୩୧ ପଦକ



ଭୁବନେଶ୍ୱର,୩୦।୧୨ (ସମିସ): ଛତିଶଗଡ଼ର ରାଜନନ୍ଦନଗାଓଁଠାରେ ଚଳିମାସ ୨୬ରୁ ୩୦ ଯାଏ ଅନୁଷ୍ଠିତ ନବମ ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨୨ କାଂସ୍ୟ ସହ ୩୧ଟି ପଦକ ଜିତି ଭଲ ସଫଳତା ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ଭାଗ ନେଇ ଏହି ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ବିଜେତା ପ୍ରତିଯୋଗୀମାନେ ହେଲେ ସବ୍‌ଜୁନିଅର ବିଭାଗ ୨୨ କେଜିରେ କ୍ରିଷ୍ଣା ମୁଣ୍ଡା, ୨୮ କେଜିରେ ମଞ୍ଜୁ ମୁଣ୍ଡା, ୨୬ କେଜିରେ ସାବିତ୍ରୀ ମୁଣ୍ଡା, ସିନିଅର ୫୨ କେଜି ବିଭାଗରେ ରାଜକୁମାର ମୁଣ୍ଡା, ଆୟୂଷ ଅଂଶୁମାନ ସାହୁ। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିଲାବେଳେ ପ୍ରଦ୍ୟୁମ୍ନ ବେହେରା ହେଡ୍ ଜଜ୍, ସାଣ୍ଡାରେ ସୁଶାନ୍ତ ନାଏକ ଓ ତାଓଲୁରେ ଟିକା ବାହାଦୁର ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଉଷୁ ସଂଘ ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଓ ସଭାପତି ବିଷ୍ଣୁ ମୋହନ ମହାନ୍ତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# କଟକ ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

କଟକ,୩୦।୧୨(ସମିସ)




ବକ୍ସିବଜାର ସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟ ଆଥଲେଟିକ ମିଟ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ୍ ୪୦୦ ପଏଣ୍ଟ ସଂଗ୍ରହ କରି କଟକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ୩୩୬ ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ ରନର୍ସଅପ ହୋଇଛି। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଓଡ଼ିଶା ପୁଲିସ ସର୍ବାଧିକ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ଚାରିଦିନିଆ ଏହି ରାଜ୍ୟ ଚାମ୍ପିଅନସିପ୍‌ରେ ୨୫ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ମିଟ୍‌ର ପ୍ରଥମ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ମହିଳା ୫ହଜାର ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଆଲୋକିକା ସ୍ୱାଇଁ, ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ, ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ, ୨୦ବର୍ଷରୁ କମ୍ ବାଳକ ସଟପୁଟରେ ଓମକାର ପ୍ରସାଦ ନନ୍ଦ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ୨୦ବର୍ଷରୁ କମ୍ ବାଳକ ହାମର ଇଭେଣ୍ଟରେ ଓମକାର ପ୍ରସାଦ ନନ୍ଦ, ୨୩ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମେହକ ନରସିମ, ପୁରୁଷ ଲଙ୍ଗଜମ୍ପରେ ଶରୁଣ ପାୟାସିଂହ, ଡିକାଥଲନରେ ଯଶବୀର ନାୟକ, ତୃତୀୟ ଦିବସରେ ୧୪ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ ଇଭେଣ୍ଟରେ ଦେବରାଜ ଗଣ୍ଡୁଆ, ୧୪ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଭାରତୀ ଗଣ୍ଡୁଆ, ୨୩ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ଦୁର୍ଗାଚରଣ କିସକୁ, ୨୦ବର୍ଷରୁ କମ୍ ବାଳିକା ହାମରରେ ଅଙ୍କିତା ମହାପାତ୍ର, ୨୩ବର୍ଷରୁ କମ୍ ବାଳକ ଡିସକସ ଥ୍ରୋରେ ନିର୍ମଳ ଜେନା ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ ଆଜି ଖେଳର ଅନ୍ତିମ ଦିନରେ ନୂତନ ୧୧ଟି ମିଟ ରେକର୍ଡ ହୋଇଛି। ୧୮ବର୍ଷରୁ କମ ବାଳକ ଜାଭେଲିନ ଥ୍ରୋରେ ସତ୍ୟରଞ୍ଜନ ନାୟକ, ୨୩ବର୍ଷରୁ କମ୍ ବାଳକ ଟ୍ରିପଲ ଜମ୍ପରେ ସ୍ୱାଗତ କୁମାର ବେହେରା,୨୩ବର୍ଷରୁ କମ୍ ବାଳିକା ସଟପୁଟରେ ଅଂଶିକା ରାଉତରାୟ, ମହିଳା ହେପ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ, ୨୩ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ରତ୍ନାକର ପାଲଟାସିଂହ, ପୁରୁଷ ୧୦ହଜାର ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ୨୩ବର୍ଷରୁ କମ୍ ବାଳକ ୩ହଜାର ମିଟର ଷ୍ଟିପଲ ଚେଜ୍‌ରେ ଶୁଭମ ବେହେରା, ୧୫ଶହ ମିଟର ଦୌଡ଼ରେ ଦୟାନିଧି ମୁଣ୍ଡା, ୮୦୦ମିଟର ଦୌଡ଼ରେ ବଳଭଦ୍ର ଭତ୍ର, ମହିଳା ୪୦୦ ମିଟର ଦୌଡ଼ରେ ସୁଖୀ ବସ୍କି ଏବଂ ୨୩ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଦୌଡ଼ରେ ପଙ୍କଜ ସୋରେନ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଅଂଶିକାଙ୍କ ରେକର୍ଡ



ଏହି ପ୍ରତିହେଯାଗିତାରେ ୨୩ ବର୍ଷରୁ କମ୍ ମହିଳା ସଟ୍‌ପୁଟ୍ ଥ୍ରୋରେ ଅଂଶିକା ରାଉତରାୟ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧୨.୧୭ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି ଏହି ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ୯.୫୫ ମିଟର ଥିଲା। ଅଂଶିକା ମଧ୍ୟ ଡିସ୍‌କସ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ହର୍ଡଲ୍ସ କୁଇନ୍ ଭାବେ ବିବେଚିତ ଓଡ଼ିଶାର କିଂବଦନ୍ତୀ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ହେଉଛନ୍ତି ଅଂଶିକା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS